# ଧରିତ୍ରୀ
DHARITRI





ସମ୍ବଲପୁର, ଶନିବାର, ଜୁନ୍ ୨୨/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) | Sambalpur, Saturday, June 22 / 2019 (Career & Appointment) | ★★

୧୫ଶ ଭାଗ ୧୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**ପ୍ରଣତୀଙ୍କୁ ବ୍ରୋଞ୍ଜ୍**
ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଭଲ୍ଟ ଇଭେଣ୍ଟରେ ଭାରତର ପ୍ରଣତୀ ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । **୧୫**

**୦୫** **ବଲିଉଡ୍‌ରୁ ଦୂରେଇଛନ୍ତି ନୀରୁ**
'ମେଁ ସୋଲା ବରସ୍ କୀ' ହିନ୍ଦୀ ଫିଲ୍ମରେ କ୍ୟାରିୟର ଆରମ୍ଭ କରିଥିବା ଅଭିନେତ୍ରୀ ନୀରୁ ବାଜ୍‌ୱା ଅପ୍ରୀତିକର ମନ୍ତବ୍ୟ ପାଇଁ ବଲିଉଡ୍‌ରୁ ଦୂରେଇ ଯାଇଥିବା କହିଛନ୍ତି ।


# ଆଗ ବିଜେଡି, ପଲଟି ଖାଇ ଭାଜପା

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ଓଡ଼ିଶାର ଖାଲି ପଡ଼ିଥିବା ୩ଟି ରାଜ୍ୟ ସଭା ଆସନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ହେଲେ ସେଥିମଧ୍ୟରୁ ଗୋଟିଏ ନାମକୁ ନେଇ ନାନା ଚର୍ଚ୍ଚା ସୃଷ୍ଟି ହୋଇଛି। ନବୀନ ପ୍ରଥମେ ସନ୍ଧ୍ୟା ୬ଟା ୩୦ରେ ଗଣମାଧ୍ୟମ ପ୍ରତିନିଧିଙ୍କ ସାମ୍ନାରେ ବିଜେଡିର ୩ ପ୍ରାର୍ଥୀ ଭାବେ ଦଳର ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ, ମୁଖପାତ୍ର ସସ୍ମିତ ପାତ୍ର ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବଙ୍କ ନାମ ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ଭାଜପା ପକ୍ଷରୁ ଟୁଇଟ୍ କରାଯାଇ ଅଶ୍ୱିନୀଙ୍କୁ ଦଳର ପ୍ରାର୍ଥୀ ବୋଲି କୁହାଯାଇଥିଲା। ଫଳରେ ଅଶ୍ୱିନୀ ପ୍ରକୃତରେ କେଉଁ ଦଳର ପ୍ରାର୍ଥୀ, ସେ ନେଇ ଚର୍ଚ୍ଚା ଜୋର ଧରିଥିଲା। ହେଲେ ୧୦ ମିନିଟ୍ ପରେ ମୁଖ୍ୟମନ୍ତ୍ରୀ ପୁନର୍ବାର ଗଣମାଧ୍ୟମ ସାମ୍ନାକୁ ଆସି ଅଶ୍ୱିନୀ ଭାଜପା ପ୍ରାର୍ଥୀ ଏବଂ ତାଙ୍କୁ ବିଜେଡି ସମର୍ଥନ


ଅମର ପଟ୍ଟନାୟକ


ସସ୍ମିତ ପାତ୍ର


ଅଶ୍ୱିନୀ ବୈଷ୍ଣବ

କରୁଛି ବୋଲି ସ୍ପଷ୍ଟ କରିଥିଲେ। ଅଶ୍ୱିନୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ତାଙ୍କୁ ଅନୁରୋଧ କରିଥିବା ନବୀନ କହିଥିଲେ। ସଦ୍ୟ ସମାପ୍ତ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଭୋଟ ପ୍ରତିଶତ ବଢ଼ାଇଥିବା ଭାଜପା ସଂଖ୍ୟା ନ ଥାଇ ମଧ୍ୟ ଓଡ଼ିଶାରୁ ରାଜ୍ୟ ସଭା ପ୍ରାର୍ଥୀ କରିବାରେ ସମର୍ଥ ହୋଇଛି। ତେଣୁ ଏହାକୁ ଭାଜପାର କୂଟନୈତିକ ବିଜୟ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ପ୍ରାର୍ଥୀ ଘୋଷଣା କରିବାବେଳେ ନବୀନ ଆଗ ବିଜେଡି ପରେ ପଲଟି ଖାଇ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା କହିବା ଏବେ ବିଭିନ୍ନ ମହଲରେ ଆଲୋଚନାର ଖୋରାକ ଯୋଗାଇଛି।

ଅଶ୍ୱିନୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ। ବିଜେଡି-ଭାଜପା ମେଣ୍ଟ ଥିବା ସମୟରେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ସେ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟକାରୀ ଭାବେ କାର୍ଯ୍ୟ କରୁଥିଲେ। ବିଜେଡି ସଭାପତି ନବୀନଙ୍କ ସହ ମଧ୍ୟ ଅଶ୍ୱିନୀଙ୍କ ସମ୍ପର୍କ ରହିଥିଲା। ଏପରିକି ବାଜପେୟୀ ଅସୁସ୍ଥ ଥିବା ସମୟରେ ଅଶ୍ୱିନୀ

**ରାଜ୍ୟ ସଭା ନିର୍ବାଚନ**
- ବିଜେଡିରୁ ଅମର, ସସ୍ମିତ୍
- ଭାଜପା ପ୍ରାର୍ଥୀ ହେଲେ ଅଶ୍ୱିନୀ ବୈଷ୍ଣବ
- ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କଲେ ମୁଖ୍ୟମନ୍ତ୍ରୀ

ତାଙ୍କ ସହ ନବୀନଙ୍କୁ ଭେଟାଇବାରେ ପ୍ରମୁଖ ଭୂମିକା ନେଉଥିଲେ। ନିକଟରେ ସରିଥିବା ସାଧାରଣ ନିର୍ବାଚନ ପରେ ବିଜେଡି କେନ୍ଦ୍ର ସହ ଉତ୍ତମ ସମ୍ପର୍କ ରଖିବାକୁ ଚାହୁଁଥିବା ସ୍ପଷ୍ଟ ହୋଇଥିବା ସମୀକ୍ଷକମାନେ କହିଛନ୍ତି। ସେହିଭଳି ଦଳରେ

☞ ପୃଷ୍ଠା-୪


ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ଓଡ଼ିଶା ଛୁଇଁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ହୋଇଥିବା ବର୍ଷାର ଦୃଶ୍ୟ।

# ଶହୀଦଙ୍କ କଫିନ୍‌ରେ ବିଜେଡି ପତାକା

**କାମାକ୍ଷାନଗର, ୨୧।୬(ଡି.ଏନ.ଏ.)**

- ଶାସକ ଦଳକୁ ଘେରିଲେ ବିରୋଧୀ
- ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ: ଭାଜପା
- ପ୍ରଶାସନକୁ ଦାୟୀ କଲେ ଅଜିତ୍‌ଙ୍କ ବାପା
- ୩ ବିଜେଡି କର୍ମୀ ନିଲମ୍ବିତ

ଜମ୍ମୁ-କଶ୍ମୀରର ଅନନ୍ତନାଗଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ଅଜିତ୍ ସାହୁଙ୍କ କଫିନ୍‌ରେ ଶାସକ ବିଜେଡିର ଦଳୀୟ ପତାକା ଘୋଡ଼ାଯିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ରାଜନୈତିକ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ଏଭଳି କାର୍ଯ୍ୟଦ୍ୱାରା ରାଜ୍ୟର ବୀର ସୈନିକ ଓ ରାଷ୍ଟ୍ରୀୟ ପତାକାର ମର୍ଯ୍ୟାଦାହାନି ହୋଇଛି। କେବଳ ଓଡିଶା ନୁହେଁ ସାରା ଭାରତ ପାଇଁ ଏହା ଘୋର ଅପମାନ। ଜାତୀୟ ପତାକା ଉପରେ ବିଜେଡି ପତାକା ପକାଇ ରାଜନୈତିକ ଫାଇଦା ଉଠାଇବା ପାଇଁ ହୀନ ଚକ୍ରାନ୍ତ କରାଯାଇଥିବା ଭାଜପା ଅଭିଯୋଗ କରିଛି। ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ। ଏଥିସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ରାଜ୍ୟ ସଂଯୋଜକ କଲୋନେଲ ବୀରେନ୍ଦ୍ର କୁମାର ବସ୍ତିଆ ଦାବି କରିଛନ୍ତି। ଅନ୍ୟପଟେ ବିଜେଡି ପକ୍ଷରୁ ମଧ୍ୟ ଘଟଣାକୁ ନିନ୍ଦା କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା କଟକ ଜିଲା ବିଜେଡିର ବିନୋଦ କୁମାର ମାଝି, ସନ୍ତୋଷ କୁମାର ସାହୁ ଓ ଗୋବର୍ଦ୍ଧନ ଦାସଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏନେଇ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ


ଶହୀଦଙ୍କ କଫିନ୍ ଉପରେ ପଡ଼ିଥିବା ବିଜେଡି ପତାକା।

ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

ଅପରପକ୍ଷରେ ଶହୀଦ ଅଜିତ୍‌ଙ୍କ ବାପା ସନ୍ତୋଷ ସାହୁ ଏପରି ଘଟଣାକୁ ନେଇ ମର୍ମାହତ ହୋଇପଡ଼ିଛନ୍ତି। ପୁଅର ମୃତ୍ୟୁ ଅପେକ୍ଷା ଏପରି ହୀନ ରାଜନୀତି ତାଙ୍କୁ ଅଧିକ କଷ୍ଟ ଦେଇଥିବା ସେ କହିଛନ୍ତି। ଏଥିଲାଗି ସେ ସିଧାସଳଖ ପ୍ରଶାସନିକ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଗଣମାଧ୍ୟମକୁ

☞ ପୃଷ୍ଠା-୪


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ସମ୍ପାଦକୀୟ**

**ମୋଦିଙ୍କ ଛାଟ**

**ଆଜିର ମନ୍ତବ୍ୟ**

"୫ ବର୍ଷରୁ ଉର୍ଦ୍ଧ୍ୱକାଳ ରାଜ୍ୟ ସଭାରେ ପଡ଼ିରହିଥିବା ବିଲ୍ ରଦ୍ଦ ହେବା ଉଚିତ ।

-ଏମ୍.ଭେଙ୍କୟା ନାଇଡୁ
ରାଜ୍ୟ ସଭା ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ସରକାରଙ୍କ ଋଣ ଭାର ୮୪.୬୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

-ଅର୍ଥ ମନ୍ତ୍ରଣାଳୟ

■ ଯୁକ୍ତ ୨ କଳା, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ପ୍ରକାଶ

# କଳାରେ ଶିବାନୀ, ବାଣିଜ୍ୟରେ ଲକ୍ଷ୍ମୀ ଟପ୍ପର


ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ

- କଳାରେ ୨.୯%, ବାଣିଜ୍ୟରେ ୪.୬୫% କମିଲା ପାସ୍ ହାର
- କଳାରେ ପାସ୍ ହାର: ବାଲେଶ୍ୱରରେ ସର୍ବାଧିକ, ନବରଙ୍ଗପୁରରେ ସର୍ବନିମ୍ନ
- ବାଣିଜ୍ୟରେ ପାସ୍ ହାର: ଖୋର୍ଦ୍ଧାରେ ସର୍ବାଧିକ, ଦେବଗଡ଼ରେ ସର୍ବନିମ୍ନ
- ୨୪ରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ବିଜ୍ଞପ୍ତି


ଲକ୍ଷ୍ମୀ ଅଗ୍ରୱାଲ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ)ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତବର୍ଷ କଳାରେ ୬୫.୮୯%, ବାଣିଜ୍ୟରେ ୭୦.୨୬% ଓ ଧନ୍ଦାମୂଳକ ଶିକ୍ଷାରେ ୫୨.୬୨% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ କଳାରେ ୨.୯% ଓ ବାଣିଜ୍ୟରେ ୪.୬୫% ପାସ୍‌ହାର କମିଛି। ଗତବର୍ଷ ପାସ୍ ହାର କଳାରେ ୬୮.୭୯% ଥିବାବେଳେ ବାଣିଜ୍ୟରେ ୭୪.୯୧% ଥିଲା। ତେବେ ଧନ୍ଦାମୂଳକ ଶିକ୍ଷାରେ ଗତବର୍ଷ ପାସ୍ ହାର ୫୨.୬୧% ଥିବାବେଳେ ଚଳିତବର୍ଷ ୫୨.୬୨% ରହିଛି। କଳାରେ କଟକ ଜିଲାର ଶୈଳବାଳା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ ଟପ୍ପର ହୋଇଥିବାବେଳେ ବାଣିଜ୍ୟରେ କେନ୍ଦୁଝର ଜିଲାର ନ୍ୟୁ କଲୋନୀସ୍ଥିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଲକ୍ଷ୍ମୀ ଅଗ୍ରୱାଲ ଟପ୍ପର ହୋଇଛନ୍ତି। ଶିବାନୀ ୫୪୫ନମ୍ବର ରଖିଥିବା ବେଳେ ଲକ୍ଷ୍ମୀ ୫୭୦ ନମ୍ବର ରଖିଛନ୍ତି। କଳାରେ ୩ଜଣ ଓ ବାଣିଜ୍ୟର ୩୧ଜଣ ୯୦%ରୁ ଅଧିକ ନମ୍ବର ରଖଛନ୍ତି। କିନ୍ତୁ ଧନ୍ଦାମୂଳକ ଶିକ୍ଷାରେ କେହି ବି ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ନମ୍ବର ରଖିନାହାନ୍ତି।

ଚଳିତବର୍ଷ କଳାରେ ୨ ଲକ୍ଷ ୩୧ ହଜାର ୧୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧ ଲକ୍ଷ ୫୨ ହଜାର ୩୨୩ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୯୪,୮୮୧ ଛାତ୍ରୀ ଥିବା ବେଳେ ୫୭,୪୪୨ ଜଣ ଛାତ୍ର ରହିଛନ୍ତି। ୧୮,୭୭୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୨,୯୪୪ ଜଣ ଦ୍ୱିତୀୟ ଓ ୧ ଲକ୍ଷ ୧୦ ହଜାର ୪୫୧ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶତପ୍ରତିଶତ ଫଳାଫଳ ହୋଇଥିବାବେଳେ ୨ଟିରେ ଜଣେ ବି ପରୀକ୍ଷାର୍ଥୀ ପାସ୍ କରିପାରିନାହାନ୍ତି। ବାଲେଶ୍ୱର ଜିଲାରେ ପାସ୍ ହାର ସର୍ବାଧିକ ୭୫.୬୭% ଥିବାବେଳେ ନବରଙ୍ଗପୁର ଜିଲାରେ ସର୍ବନିମ୍ନ ୪୭.୪୬% ରହିଛି।

☞ ପୃଷ୍ଠା-୪

# ଜଷ୍ଟିସ୍ କୁରେଶୀଙ୍କ ପଦୋନ୍ନତି ଅଟକାଉଛି କେନ୍ଦ୍ର

- ସୋହରାବୁଦ୍ଦିନ ମାମଲାରେ ଅମିତ୍ ଶାହଙ୍କୁ ହାଜତ ପଠାଇଥିଲେ
- ଗୁଜରାଟ ଲୋକାୟୁକ୍ତ ନିଯୁକ୍ତିରେ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ କାଏମ ରଖିଥିଲେ

**ନୂଆଦିଲ୍ଲୀ,୨୧।୬**

ନ୍ୟାୟପାଳିକାର ନିରପେକ୍ଷତା ଲାଗି ଏହାକୁ ରାଜନୈତିକ ପ୍ରଭାବରୁ ମୁକ୍ତରଖାଯିବା ଉଚିତ ବୋଲି ବିଭିନ୍ନ ସମୟରେ ମତପ୍ରକାଶ ପାଇଆସୁଛି। ଏହା ସତ୍ତ୍ୱେ ନ୍ୟାୟପାଳିକା ଯେ ରାଜନୈତିକ ପ୍ରଭାବରୁ ମୁକ୍ତ ନୁହେଁ ଏହା ସରକାରଙ୍କ କେତେକ ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ବିଚାରପତି ନିଯୁକ୍ତି ତଥା ପଦୋନ୍ନତି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍‌ଙ୍କ ସୁପାରିସକୁ କେନ୍ଦ୍ର ସରକାର ବାରମ୍ବାର ଫେରାଇଦେବା ତାହାର ଉଦାହରଣ। କଲେଜିୟମ ପକ୍ଷରୁ ୪ ଥର ସୁପାରିସ୍ ସତ୍ତ୍ୱେ ଗୁଜରାଟ ହାଇକୋର୍ଟର ପୂର୍ବତନ ବରିଷ୍ଠ ବିଚାରପତି ତଥା ବର୍ତ୍ତମାନ ବମ୍ବେ ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ୍ ଅକିଲ୍ ଅବଦୁଲହମିଦ୍ କୁରେଶୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେଉନାହାନ୍ତି। କେବଳ ଜଷ୍ଟିସ୍ କୁରେଶୀ ନୁହନ୍ତି, ଅନ୍ୟ ବିଚାରପତିମାନଙ୍କ ପଦୋନ୍ନତି ସୁପାରିସକୁ ମଧ୍ୟ ଅନେକ ସମୟରେ


ଜଷ୍ଟିସ୍ ଅକିଲ୍ ଅବଦୁଲହମିଦ୍ କୁରେଶୀ

କେନ୍ଦ୍ର ସରକାର ଅଟକାଉଛନ୍ତି। ଏହା ପଛରେ ସରକାରଙ୍କ ଭିତିରି ଉଦ୍ଦେଶ୍ୟ ରହୁଥିବା ଜଷ୍ଟିସ୍ କୁରେଶୀଙ୍କ ଘଟଣାରୁ ସ୍ପଷ୍ଟ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ କଲେଜିୟମକୁ କିଭଳି ଗୁରୁତ୍ୱ ମିଳିବ ତାହାର ସୂଚନା ମିଳୁଛି।

ଗୁଜରାଟ ହାଇକୋର୍ଟ ଆଇନଜୀବୀ ସଂଘ (ଜିଏଚସିଏଏ)ର ଅଧ୍ୟକ୍ଷ ଯତୀନ୍ ଓଜା ତାଙ୍କର ଏକ ଲେଖାରେ ଉଲ୍ଲେଖ କରିଛନ୍ତି, ସୋହରାବୁଦ୍ଦିନ ମିଥ୍ୟା ଏନ୍‌କାଉଣ୍ଟର ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଅମିତ୍ ଶାହଙ୍କୁ ୨୦୧୦ରେ ଜଷ୍ଟିସ୍ କୁରେଶୀ ୨ ଦିନ ପାଇଁ ପୋଲିସ ହାଜତକୁ ପଠାଇଥିଲେ। ଜଷ୍ଟିସ୍ ଆର୍.ଏ. ମେହେଟାଙ୍କୁ ଗୁଜରାଟ ଲୋକାୟୁକ୍ତ ଭାବେ ନିଯୁକ୍ତି ଲାଗି ୨୦୧୧ରେ ତତ୍କାଳୀନ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ଜଷ୍ଟିସ୍ କୁରେଶୀ କାଏମ ରଖିଥିଲେ, ଯାହାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଚ୍ୟାଲେଞ୍ଜ କରିଥିଲେ। ଶାହଙ୍କୁ ପୋଲିସ ହାଜତକୁ ପଠାଇବାରେ ଜଷ୍ଟିସ୍ କୁରେଶୀଙ୍କ ନିଷ୍ପତ୍ତିରେ କିଛି ଭୁଲ୍ ନ ଥିଲା ବୋଲି ୨୦୧୦ରେ ତାଙ୍କ ଓକିଲ ଥିବା ଓଜା କହିଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ କୁରେଶୀଙ୍କ ପଦୋନ୍ନତି

☞ ପୃଷ୍ଠା-୪





NECC 21.06.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 104 | 163 | 173 |
| BDK | 104 | 163 | 173 |
| BLS | 102 | 161 | 171 |
| ANG | 102 | 161 | 171 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers





ଯୋଗ ମନରେ ଶାନ୍ତି ଓ ଏକାଗ୍ରତା ଆଣିଥାଏ। ଏହା ବ୍ୟାୟାମଠାରୁ ମଧ ଲାଭଦାୟକ।
-ଗୌତମ ଗମ୍ଭୀର
ଭାଜପା ଏମ୍‌ପି

# ତିନି ତଲାକ୍ ବିଲ୍ ପୁଣି ଆଗତ

ନୂଆଦିଲ୍ଲୀ,୨୧।୬

କେନ୍ଦ୍ର ସରକାରଙ୍କ ପକ୍ଷରୁ ଲୋକ ସଭାରେ ପୁଣି ଶୁକ୍ରବାର ତିନି ତଲାକ୍ ବିଲ୍ ଆଗତ କରାଯାଇଛି। ମୁସଲ୍‌ମାନ ମହିଳାଙ୍କୁ ନ୍ୟାୟ ଦେବା ସହ ଲିଙ୍ଗଗତ ସମାନତା ଲାଗି ଏହି ବିଲ ପାସ୍ ହେବାର ଆବଶ୍ୟକତା ରହିଛି ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ତିନି ତଲାକ୍ ବିରୋଧରେ ସୁପ୍ରିମକୋର୍ଟ ରାୟ ଦେବା ପରେ ବି ୨୦୦ରୁ ଅଧିକ ମାମଲା ଲୋକଲୋଚନକୁ ଆସିଛି। ମୁସଲ୍‌ମାନ ମହିଳାଙ୍କ ମର୍ଯ୍ୟାଦା ରକ୍ଷା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ସହଯୋଗର ଆବଶ୍ୟକତା ରହିଛି ବୋଲି ପ୍ରସାଦ କହିଛନ୍ତି। ତେବେ ଏହା ସମ୍ବିଧାନକୁ ଉଲ୍ଲଂଘନ କରୁଛି ବୋଲି



କଂଗ୍ରେସ ଓ ଅନ୍ୟ କେତେକ ବିରୋଧୀ ଦଳ ପକ୍ଷରୁ ଦର୍ଶାଯାଇ ପ୍ରତିବାଦ କରାଯାଇଥିଲା।

ଗୃହରେ ବିଲ୍ ଆଗତ ଲାଗି ବାଚସ୍ପତି ଓମ୍ ବିର୍ଲା ଆଇନମନ୍ତ୍ରୀ ପ୍ରସାଦଙ୍କୁ କହିବା ପରେ ହଟ୍ଟଗୋଳ

**କଂଗ୍ରେସ, ଆର୍‌ଏସ୍‌ପି ଓ ଏଆଇଏମ୍‌ଆଇଏମ୍‌ର ବିରୋଧ**



ଆରମ୍ଭ ହୋଇଥିଲା। କଂଗ୍ରେସର ବରିଷ୍ଠ ନେତା ଶଶୀ ଥରୁର୍ ବିଲ୍‌କୁ ବିରୋଧ କରି କହିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଏହି ଆଇନରେ ସାମିଲ କରାଯିବା ପରିବର୍ତ୍ତେ ସ୍ତ୍ରୀଙ୍କୁ ଛାଡୁଥିବା ବ୍ୟକ୍ତିଙ୍କ ବିରୋଧରେ ସାର୍ବଜନୀନ ଆଇନ କରାଯିବା ଉଚିତ। ଏଆଇଏମ୍‌ଆଇଏମ୍ ନେତା ଆସାଦୁଦ୍ଦିନ ଓୱାଇସି କଟାକ୍ଷ କରି ଭାଜପାକୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ମୁସଲ୍‌ମାନ ମହିଳାଙ୍କ ପ୍ରତି ଭାଜପାର ବହୁ ଦରଦ ରହିଛି, ହେଲେ ହିନ୍ଦୁ ମହିଳାମାନେ ସାବରିମାଳା ମନ୍ଦିରରେ ପ୍ରବେଶ କଲେ ସେମାନଙ୍କୁ ବିରୋଧ କରାଯାଉଛି। ଏଭଳି ଆଭିମୁଖ୍ୟ ହିନ୍ଦୁ ମହିଳା ବିରୋଧୀ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ତିନି ତଲାକ୍ ବିଲ୍ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରୁଛି, ତିନି ତଲାକ୍ ବିଲ୍‌ରେ ଦୋଷୀ ମୁସଲ୍‌ମାନ ପୁରୁଷଙ୍କୁ ୩ ବର୍ଷ ଜେଲଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଥିବାବେଳେ ଜଣେ ଅଣମୁସଲ୍‌ମାନ ପୁରୁଷଙ୍କୁ ଏକା ଦୋଷ ଲାଗି ୧ ବର୍ଷ ଜେଲଦଣ୍ଡ ମିଳୁଛି। ତେଣୁ ତିନି ତଲାକ୍ ବିଲ୍‌କୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଓୱାଇସି କହିଛନ୍ତି। ପ୍ରକାଶଥାଉ କି, ସରକାରଙ୍କ ଏହି ବିଲ୍‌କୁ ଆର୍‌ଏସ୍‌ପିର ଏନ୍. କେ. ପ୍ରେମଚନ୍ଦ୍ରନ୍ ମଧ ବିରୋଧ କରିଛନ୍ତି। ଗୃହରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ୧୮୭ ବିଲକୁ ସମର୍ଥନ କରିଥିବାବେଳେ ୭୪ ବିରୋଧ କରିଥିଲେ। ଟିଏମ୍‌ସି, ୱାଇଏସ୍‌ଆର କଂଗ୍ରେସ ପାର୍ଟି ଭୋଟ ଦେଇ ନ ଥିବାବେଳେ ଏନ୍‌ଡିଏର ସହଯୋଗୀ ଦଳ ଜେଡିୟୁ ସରକାରଙ୍କ ତିନି ତଲାକ୍ ବିଲ୍‌କୁ ଖୋଲାଖୋଲି ବିରୋଧ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତିନି ତଲାକ୍ ବିଲ୍ ଗତବର୍ଷ ଡିସେମ୍ବରରେ ଲୋକ ସଭାର ଅନୁମୋଦନ ଲାଭ କରିଥିବାବେଳେ ରାଜ୍ୟ ସଭାରେ ଏହାକୁ ସମର୍ଥନ ମିଳି ନ ଥିଲା।

## ଏନ୍‌ଏସ୍‌ଜିରେ ଭାରତର ସଦସ୍ୟତାକୁ ଚାଇନାର ବିରୋଧ

ବେଜିଂ,୨୧।୬(ପି.ଟି.)

ଆଣବିକ ସାମଗ୍ରୀ ଯୋଗାଣକାରୀ ଗୋଷ୍ଠୀ(ଏନ୍‌ଏସ୍‌ଜି)ରେ ଭାରତକୁ ସାମିଲ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଚାଇନା କହିବା ସହ ଭାରତର ପ୍ରବେଶକୁ ବିରୋଧ କରିଛି। ଏକ ନିର୍ଦ୍ଦିଷ୍ଟ ଯୋଜନାରେ ପହଞ୍ଚିବା ପୂର୍ବରୁ ଭାରତ ସମ୍ପର୍କରେ ଆଲୋଚନା ନ କରିବା ଲାଗି ଚାଇନା ପରାମର୍ଶ ଦେଇଛି। ଅଣୁଅସ୍ତ୍ର ଅପ୍ରସାର ଚୁକ୍ତି କରି ନଥିବା ଦେଶ ଏଲିଟ୍ ଗ୍ରୁପ୍‌ରେ ସାମିଲ ହୋଇପାରେବେ ନାହିଁ ବୋଲି ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲୁ କାଙ୍ଗ କହିଛନ୍ତି। ପ୍ରକାଶଥାଉ କି, ୨୦୧୬ ମେ'ରୁ ଭାରତ ଏନ୍‌ଏସ୍‌ଜି ସଦସ୍ୟ ହେବା ଲାଗି ଆବେଦନ କରିଛି। ତେବେ ଅଣୁଅସ୍ତ୍ର ଅପ୍ରସାର ଚୁକ୍ତି କରିଥିବା ଦେଶ ହିଁ ଏଥିରେ ସାମିଲ ହୋଇପାରିବେ ବୋଲି ଚାଇନା କହିଆସୁଛି।

ଏନ୍‌ଏସ୍‌ଜି ହେଉଛି ୪୮ ସଦସ୍ୟ ରାଷ୍ଟ୍ରକୁ ନେଇ ଗଠିତ ଏକ ଗୋଷ୍ଠୀ, ଯିଏ କି, ବିଶ୍ୱର ଅଣୁ ବାଣିଜ୍ୟ ସମ୍ପର୍କକୁ ନିୟନ୍ତ୍ରଣ କରିଥାଏ। ଭାରତ ଓ ପାକିସ୍ତାନ ଏନ୍‌ଏସ୍‌ଜି ସଦସ୍ୟତା ଲାଗି ଆବେଦନ କରିଥିବାବେଳେ ଏହି ମାନ୍ୟତା ମିଳିପାରି ନାହିଁ। ସେପଟେ ନୂଆଦିଲ୍ଲୀକୁ ବିରୋଧ କରିବାର ନାହିଁ, ବରଂ ଏନ୍‌ଏସ୍‌ଜିରେ ସାମିଲ ହେବା ଲାଗି ଆଇନଗତ ପଦକ୍ଷେପ ଭାରତ ଗ୍ରହଣ କରିବା ଉଚିତ ବୋଲି କାଙ୍ଗ କହିଛନ୍ତି। କେଉଁଦେଶ ଏନ୍‌ଏସ୍‌ଜିରେ ସାମିଲ ହେବ ତାହା ଆମ କାମ ନୁହେଁ, ବରଂ ଆଇନ ପରିସର କଥା ବୋଲି ସେ ପ୍ରକାଶ କରିଛନ୍ତି।

### ବ୍ରିଟିଶ୍ ହେରାଲ୍ଡ ରିଡର୍ସ ପୋଲ୍
## ମୋଦି ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି

ଲଣ୍ଡନ, ୨୧।୬

ବ୍ରିଟେନର ଅଗ୍ରଣୀ ପତ୍ରିକା ବ୍ରିଟିଶ୍ ହେରାଲ୍ଡ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୨୦୧୯ରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ବୋଲି ଘୋଷଣା କରିଛି। ରିଡର୍ସ ପୋଲ୍‌ରେ ସେ ଅନେକ ବିଶ୍ୱ ନେତା ଓ ରାଜନେତାଙ୍କୁ ପରାସ୍ତ କରି ବିଜୟୀ ହୋଇଥିବା ପତ୍ରିକା ପକ୍ଷରୁ କୁହାଯାଇଛି। ମୋଦିଙ୍କୁ ୩୦.୯ ପ୍ରତିଶତ ଭୋଟ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ୨୯.୯%, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୨୧.୯% ଏବଂ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କୁ ୧୮.୧ % ଭୋଟ ମିଳିଛି। ପୋଲ୍‌ରେ ୨୫ରୁ ଊର୍ଦ୍ଧ୍ୱ ବିଶ୍ୱନେତାଙ୍କୁ ନିଆଯାଇଥିଲା ବେଳେ ଚୂଡାନ୍ତ ପର୍ଯ୍ୟାୟରେ ୪ ଜଣ ରହିଥିଲେ।

## ବାଲାକୋଟ୍ ଏୟାରଷ୍ଟ୍ରାଇକ୍‌ର କୋଡ ୱାର୍ଡ ଥିଲା 'ଅପରେଶନ୍ ବନ୍ଦର'

ନୂଆଦିଲ୍ଲୀ,୨୧।୬

ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ସୀମା ଆରପଟେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଧ୍ୱଂସ କରିବା ଲାଗି ଭାରତୀୟ ବାୟୁସେନା



ଫେବୃୟାରୀ ୨୬ରେ ବାଲାକୋଟ୍‌ରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏଥିରେ ବାୟୁସେନାର ୧୨ଟି ଲଢୁଆ ବିମାନ ମିରାଜ୨୦୦୦ ନିୟୋଜିତ ହୋଇଥିଲେ। ଗୋପନୀୟତା ରକ୍ଷା ଲାଗି ଉକ୍ତ କାର୍ଯ୍ୟାନୁଷ୍ଠାନର ସାଙ୍କେତିକ ନାଁ 'ଅପରେଶନ ବନ୍ଦର(ମାଙ୍କଡ)' ରଖାଯାଇଥିଲା ବୋଲି ଜଣାପଡିଛି। ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପୂର୍ବରୁ ଯେପରି କୌଣସି ସୁରାକ ନ ମିଳିବ ସେଥିପାଇଁ ଏଭଳି ନାମକରଣ କରାଯାଇଥିଲା ବୋଲି ପ୍ରତିରକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ନାମକରଣ ପଛର ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ସବିଶେଷ ତଥ୍ୟ ନ ଦେଇ ସେ କହିଛନ୍ତି, ଭାରତୀୟ ଯୁଦ୍ଧ ସଂସ୍କୃତିରେ ବାନରମାନେ ସ୍ୱତନ୍ତ୍ର ସ୍ଥାନ ନେଇଛନ୍ତି। ରାମାୟଣରେ ହନୁମାନ ଭଗବାନ ରାମଙ୍କ ମୁଖ୍ୟ ସହଯୋଗୀ ଥିଲେ ଓ ଲଙ୍କାରେ ପ୍ରବେଶ କରି ଏହାକୁ ଧ୍ୱଂସ କରିଦେଇଥିଲେ ବୋଲି ସେ କହିଛନ୍ତି। ୨୬ ତାରିଖ ରାତି ସାଢ଼େ ୩ଟାରେ ବାୟୁସେନା ପାଇଲଟ ବାଲାକୋଟ୍‌ରେ ପ୍ରବେଶ କରିଥିଲେ। ସେମାନେ ମିରାଜ ଯୁଦ୍ଧବିମାନରୁ ୫ଟି ସ୍ପାଇସ୍୨୦୦୦ ବୋମା ନିକ୍ଷେପ କରି ଆତଙ୍କବାଦୀଙ୍କ ଶିବିରକୁ ଧ୍ୱଂସ କରିଦେଇଥିଲେ।

## ଯୋଗ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ: ମୋଦି



ରାଞ୍ଚିର ପ୍ରଭାତ ତାରା ମୈଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟମାନଙ୍କ ସହ ଯୋଗ କରୁଛନ୍ତି।

ରାଞ୍ଚି,୨୧।୬(ପି.ଟି.)

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର ରାଞ୍ଚିର ପ୍ରଭାତ ତାରା ମୈଦାନରେ ପାଖାପାଖି ୪୦ ହଜାର ଲୋକଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ କରିଥିଲେ। ଯୋଗ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ମୁନିଋଷିମାନେ ବହୁ ପୁରାତନ କାଳରୁ ଏହା କରିଆସୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସମସ୍ତେ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଛନ୍ତି। ପଞ୍ଚମ ଅନ୍ତର୍ଜାତୀୟ ଯୋଗ ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଝାଡ଼ଖଣ୍ଡ ରାଜଧାନୀରେ କରିବା ଲାଗି ପୂର୍ବରୁ ସ୍ଥିର ହୋଇଥିଲା।

ଏହା ବ୍ୟତୀତ ଦିଲ୍ଲୀ ସମେତ ବିଭିନ୍ନ ସହରରେ ଯୋଗ ଦିବସ ପାଳନ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ସାମିଲ ହୋଇଥିଲେ। ପ୍ରତିକାରାତ୍ମକ ସ୍ୱାସ୍ଥ୍ୟସେବାରେ ଯୋଗକୁ ପ୍ରମୁଖ ସ୍ଥାନ ଦେବା ଲାଗି ସରକାର କାର୍ଯ୍ୟ କରୁଛନ୍ତି। ଆଜିକାଲି ଯୁବସମାଜ ମଧ ହୃଦ୍‌ରୋଗ ଭଳି ବିପଦର ସମ୍ମୁଖୀନ ହେଉଛି। ଯୋଗ ମାଧ୍ୟମରେ ଏହି ସମସ୍ୟାକୁ ଦୂର କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେଥିପାଇଁ ଚଳିତ ବର୍ଷର ବିଷୟବସ୍ତୁ ରଖାଯାଇଛି 'ହୃଦୟ ପାଇଁ ଯୋଗ'। ଯୋଗକୁ ଦୈନନ୍ଦିନ ଜୀବନର ଅଂଶରେ ପରିଣତ କରିବା ସହ ସମାଜର ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଯୋଗ ସହ ଶାନ୍ତି ଓ ସଦ୍‌ଭାବନା ଜଡିତ ହୋଇଥିବାରୁ ସାରା ବିଶ୍ୱବାସୀ ଏହା କରିବା ଉଚିତ ବୋଲି ମୋଦି ପରାମର୍ଶ ଦେଇଥିଲେ।

ଦିଲ୍ଲୀରେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ପ୍ରମୁଖ ଯୋଗଦିବସ ପାଳନର ନେତୃତ୍ୱ ନେଇଥିବାବେଳେ ପାର୍ଲାମେଣ୍ଟ ପରିସରରେ ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଯୋଗଦିବସ ପାଳନ କରାଯାଇଥିଲା। କେବଳ ଭାରତରେ ନୁହେଁ ବିଭିନ୍ନ ଦେଶରେ ଯୋଗ ଦିବସ ବେଶ୍ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଇଛି। ଚାଇନାର ଶାଓଲିନ୍ ମନ୍ଦିରରୁ ଆରମ୍ଭ କରି ବ୍ରିଟେନର ସେଣ୍ଟ ପଲ୍ କ୍ୟାଥେଡ୍ରାଲ ପର୍ଯ୍ୟନ୍ତ ସବୁଠି ଯୋଗର ମାହୋଲ୍ ଦେଖିବାକୁ ମିଳିଥିଲା।

**ଇତିହାସର ଆଇନାରେ**

### ଜୁନ୍ ୨୨ର ପ୍ରମୁଖ ଘଟଣା

୨୦୧୨ ଜୁନ୍ ୨୨ରେ ପାରାଗୁଏ ରାଷ୍ଟ୍ରପତି ଫର୍ନାଣ୍ଡୋ ଲୁଗୋଙ୍କୁ ପଦଚ୍ୟୁତ କରାଯାଇ ତାଙ୍କ ସ୍ଥାନରେ ଫେଡେରିକୋ ଫ୍ରାଙ୍କୋଙ୍କୁ ଅବସ୍ଥାପିତ କରାଯାଇଥିଲା।

୨୦୧୫ ଜୁନ ୨୨ରେ ଆଫଗାନ୍ ନ୍ୟାଶନାଲ ଆସେମ୍ବ୍ଲିରେ ବନ୍ଧୁକଧାରୀମାନେ ଆକ୍ରମଣ କରିବାରୁ ୧୮ ଲୋକ ଆହତ ହୋଇଥିଲେ। ପ୍ରତିଆକ୍ରମଣରେ ୬ ବନ୍ଧୁକଧାରୀଙ୍କ ମୃତ୍ୟୁ ଘଟିଥିଲା।

## ୨୪୩ ଯାତ୍ରୀଙ୍କ ସହ ଜାହାଜ ନିଖୋଜ

ନୂଆଦିଲ୍ଲୀ,୨୧।୬

କେରଳର ଏର୍ନାକୁଲମ୍ ଜିଲାର ଏକ ବନ୍ଦରରୁ ଯାତ୍ରାରମ୍ଭ କରିଥିବା ଏକ ଯାତ୍ରୀବାହୀ ଜାହାଜ ନିଖୋଜ ହୋଇଯାଇଛି। ଏଥିରେ ୨୪୩ ଯାତ୍ରୀ ଥିଲେ। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହା ନିଖୋଜ ହୋଇଯାଇଥିବା ଅନୁମାନ କରାଯାଉଛି। କେରଳ ସରକାରଙ୍କଠାରୁ ସୂଚନା ପାଇବା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସତର୍କ କରାଯିବା ସହ ନିଖୋଜ ଜାହାଜର ସନ୍ଧାନ ଲାଗି ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକୁ ଅନୁରୋଧ କରାଯାଇଛି। ଗତ ଜାନୁୟାରୀ ୧୨ରୁ ଏହି ଜାହାଜ ନିଖୋଜ ହୋଇଥିବାବେଳେ ଏପର୍ଯ୍ୟନ୍ତ ଏହାର କୌଣସି ଖୋଜଖବର ମିଳିନାହିଁ।

ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି ଯେ, ୫ ମାସ ତଳର ଏହି ଘଟଣା ସମ୍ପର୍କରେ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକୁ ଅବଗତ କରାଯାଇଛି। ନିଖୋଜ ଜାହାଜ 'ଦେବା ମାଥା ୨' ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ଜାହାଜରେ ଥିବା ଯାତ୍ରୀଙ୍କ ପରିବାରବର୍ଗ ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ଏକ ଯୁଗ୍ମ ଚିଠି ପ୍ରଦାନ କରି ସହାୟତା ଲୋଡ଼ିଥିବା କୁହାଯାଇଛି।

### ମସ୍ତିଷ୍କ ଜ୍ୱର ମୃତ୍ୟୁସଂଖ୍ୟା ୧୫୦ ଟପିଲା
## ଏଇଏସ୍-ଲିଚୁ ସମ୍ପର୍କର ତଦନ୍ତ ନିର୍ଦ୍ଦେଶ

ପାଟନା,୨୧।୬

ବିହାରରେ ମସ୍ତିଷ୍କ ଜ୍ୱର ୧୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ନେଲାଣି। ରାଜ୍ୟର ୧୬ଟି ଜିଲାକୁ ଏହି ରୋଗ ବ୍ୟାପିଥିବାବେଳେ ଛତିଶଗଡ଼ରେ ମଧ ୩ ଶିଶୁ ଏଇଏସ୍ (ଆକ୍ୟୁଟ୍ ଏନ୍‌ସେଫାଲାଇଟ୍ସ ସିଣ୍ଡ୍ରୋମ୍)ରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ବିହାର ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ ଜୁନ୍ ୧ରୁ ଏପର୍ଯ୍ୟନ୍ତ ରାଜ୍ୟରେ ୬୨୬ ଜଣ ଏନ୍‌ସେଫାଲାଇଟ୍ସ ରୋଗୀ ପଞ୍ଜୀକୃତ ହୋଇଛନ୍ତି। ମୋଟ ମୃତ୍ୟୁ ସଂଖ୍ୟା ୧୫୮ରେ ପହଞ୍ଚିଥିବାବେଳେ କେବଳ ମୁଜାଫରପୁର ଜିଲାରେ ୧୧୭ ଶିଶୁଙ୍କ ଜୀବନ ଯାଇଛି। ଏହାବ୍ୟତୀତ ଭାଗଲପୁର, ପୂର୍ବ ଚମ୍ପାରନ୍, ବୈଶାଳୀ, ସୀତାମଢ଼ି ଓ ସମସ୍ତିପୁରରେ ମଧ ମସ୍ତିଷ୍କ ଜ୍ୱରରେ ଶିଶୁଙ୍କ



ମୃତ୍ୟୁ ହୋଇଛି। ରୋଗୀଙ୍କଠାରେ ଏଇଏସ୍ ଲକ୍ଷଣ ସମେତ ରକ୍ତଶର୍କରା ସ୍ତର ହ୍ରାସ ଦେଖାଦେଉଛି। କଞ୍ଚା ଲିଚୁରେ ଥିବା ବିଷାକ୍ତ ପଦାର୍ଥ ଯୋଗୁ ରକ୍ତଶର୍କରା ହ୍ରାସ ପାଉଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅପପୁଷ୍ଟିର ଶିକାର ହୋଇଥିବା ଶିଶୁମାନେ ଏହି ଲିଚୁ ଖାଇ ରୋଗରେ ପଡୁଥିବା ବିଶ୍ୱାସ କରାଯାଉଛି।

ପ୍ରକୃତରେ ଲିଚୁ ଖାଇବା ଯୋଗୁ ଶିଶୁମାନଙ୍କର ମୃତ୍ୟୁ ହେଉଛି କି ନାହିଁ ତାହାର ତଦନ୍ତ କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରେମ କୁମାର ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। କୃଷିବିଜ୍ଞାନୀ ଓ ଉଦ୍ୟାନ କୃଷିବିଭାଗର ଅଧିକାରୀମାନେ ଏଇଏସ୍ ପ୍ରଭାବିତ ଅଞ୍ଚଳକୁ ଯାଇ ଘଟଣାର ଅନୁଧ୍ୟାନ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ମୁଜାଫରପୁର ଲିଚୁର ପେଣ୍ଠସ୍ଥଳ ଭାବେ ଜଣାଶୁଣା। ଯଦିଓ ଲିଚୁରୁ ଏଇଏସ୍ ଭୂତାଣୁ ସୃଷ୍ଟି ହେଉଥିବା କୁହାଯାଉଛି, ତେବେ ସରକାରୀ ଭାବେ ଏପର୍ଯ୍ୟନ୍ତ ତାହାର ଯାଞ୍ଚ ହୋଇନାହିଁ।

C. V. Raman College of Engineering
(Declared Autonomous Engineering College by UGC u/s 2(f) of UGC Act, 1956 )
Ranked among the Top 100 Engineering Colleges consecutively for last FOUR years by NIRF, MHRD, Govt. of India
web : www.cvrce.edu.in
Email : admission@cvrgi.edu.in
YouTube : www.cvrce.tv

B.Tech. Programs
- Chemical Engg
- Civil Engineering
- Computer Sc & Engg
- Computer Sc & IT
- Computer Engg (Software Engg)
- Computer Sc & System Engg
- Electrical Engg
- Electrical & Electronics Engg
- Electronics & Telecommunication Engg
- Marine Engg
- Mechanical Engg

Master Programs
- Computer Sc & Engg
- Electrical Engg
- Electronics & Communication Engg (Signal Processing & Communication)
- Heat Power Engg
- Mechatronics
- MBA
- M.Sc. (Applied Mathematics & Computing, Applied Physics, Applied Chemistry)

Important Information
For admission into the different branches of our college, JEE-Main rank holders are advised to register themselves for web based counselling process at : www.ojee.nic.in

Marine Programs
- 4 Yr Degree in Marine Engg
Pass 10+2 with PCM average of 60% with 50% marks in English at 10th/12th standard
- 1 Yr Graduate Marine Engg
Pass B.E./B.Tech (Mech) with 50% marks and must have 50% marks in English at 10th/12th standard
- Lateral Entry in Marine Engg
3Yr Diploma in Mech/Marine Engg with at least 60% marks and must have 50% marks in English at 10th/12th standard(5% relaxation for SC/ST candidates)
AGE - 18Yr to 25Yr (5Yr relaxation for SC/ST candidates)

Recognitions
- Affiliated to BPUT, Odisha
- Approved by AICTE, New Delhi
- Graded "A" by NAAC
- Accredited by NBA (for IT, Civil, Chemical, AEI)
- ISO 9001-2015 Certified



CAMPUS : Bidyanagar, Mahura, Bhubaneswar, Odisha. Pin - 752054
For details, contact : 0674-663 6555 Mob.: +91-9040 021 100 / 101 / 102 / 103

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଜୁନ୍ ୨୨/୨୦୧୯



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ଜନଆନ୍ଦୋଳନରେ ପରିଣତ ହୋଇଛି ଯୋଗ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୧।୬(ବ୍ୟୁରୋ):** ସାରା ବିଶ୍ୱରେ ଯୋଗ ଏକ ଜନଆନ୍ଦୋଳନରେ ପରିଣତ ହୋଇସାରିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀର ତାଲକୋଟରା ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗଦିବସରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ସାଧାରଣ ଲୋକଙ୍କ ସହ ମିଶି ଯୋଗ କରିଥିଲୁ। ଭାରତରେ ହଜାର ହଜାର ବର୍ଷର ଏହି ସଂସ୍କୃତି ଓ ପରମ୍ପରା ବିଶ୍ୱରେ ଆଦୃତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଯୋଗୁ ସାରା ବିଶ୍ୱ ଆଜି ଏହାକୁ ସ୍ୱୀକୃତି ଦେଇଛି। ଜାତିସଂଘ ମଧ୍ୟ ଏହି ଦିନକୁ ବିଶ୍ୱ ଯୋଗଦିବସ ଭାବେ ପାଳନ କରୁଛି। ରୋଗ ପ୍ରତିରୋଧ କ୍ଷେତ୍ରରେ ଯୋଗ ଏକ ଉପକ୍ରମ ବୋଲି ଧର୍ମେନ୍ଦ୍ର କହିଛନ୍ତି।




■ ସରିଲା ଶ୍ରୀଅଙ୍ଗ ଫିଟା ନୀତି

## ମହାପ୍ରଭୁଙ୍କୁ ଆଜି ଫୁଲୁରୀ ତେଲ ଲାଗି

**ପୁରୀ ଅଫିସ, ୨୧।୬**

ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ଚତୁର୍ଦ୍ଧାବିଗ୍ରହ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ଦଇତାପତି ସେବକ। ଚାଲିଛି ଉପଚାର। ତେବେ ଅଣସର ସମୟରେ ଠାକୁରଙ୍କ ଉପଚାର ବିଧି ସମ୍ପର୍କରେ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଶୁକ୍ରବାର ହେଉଛି ଅଣସରର ଚତୁର୍ଥ ଦିବସ। ଏହିଦିନ ଠାକୁର ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ, ମୁହଁରେ ଥିବା କନା ଆଦି କଢାଯାଇଛି। ଏହାକୁ ଶ୍ରୀଅଙ୍ଗ ଫିଟା ନୀତି କୁହାଯାଏ। ଶୁକ୍ରବାର ଏହି ନୀତି ସମ୍ପନ୍ନ ହୋଇଛି। ମୁହଁରୁ ଯେଉଁ କନା (ବିରୂପ) ବାହାରେ ତାକୁ ଅଲଗା ରଖାଯାଏ। ଏହି କନାକୁ ଅଣସର ଶୁଦ୍ଧସୁଆର ସେବକ ତ୍ରୟୋଦଶୀ ରାତିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରିଥାନ୍ତି। ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, ପାଟଡୋରୀକୁ ଦ୍ୱାଦଶୀରେ ରାଜପ୍ରସାଦ ଆକାରରେ ରାଜା ନଅରକୁ ବିଜେ ହୁଏ। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ। ଶନିବାର ଅର୍ଥାତ୍ ପଞ୍ଚମ ଦିନରେ ଠାକୁର କିଭଳି ସୁସ୍ଥ ହେବେ ସେଥିପାଇଁ ଶ୍ରୀଅଙ୍ଗରେ ଲାଗି ହେବ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଫୁଲୁରୀ ତେଲ। ପୂର୍ବ ପରମ୍ପରା ଅନୁଯାୟୀ, ଏହି ଫୁଲୁରୀ ତେଲ ବଡ଼ ଓଡିଆ ମଠ ଯୋଗାଇଦେବ। ରାଶି ତେଲରେ ବିଭିନ୍ନ ପ୍ରକାର ଚେର, ଔଷଧୀୟ ଫୁଲ ଆଦି ମିଶାଯାଇ ଗୋଟିଏ ବର୍ଷ ପୂର୍ବରୁ ମାଟିତଳେ ପୋତା ଯାଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଏହି ଫୁଲୁରୀ ତେଲ ଲାଗି କରିବେ।

■ ରାଜ୍ୟ ସଭା ନିର୍ବାଚନ ପ୍ରାର୍ଥୀ ଘୋଷଣା: ଆଶାୟୀ ନିରାଶ

# ଧରାପଡ଼ିଲା ଅସଲ ସମ୍ପର୍କ

**ଭିତିରି ବୁଝାମଣା ସ୍ପଷ୍ଟ କରନ୍ତୁ ନବୀନ: କଂଗ୍ରେସ**

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ଆସନ୍ତା ଜୁଲାଇ ୫ ତାରିଖରେ ୩ଟି ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ବିଜେଡିର ହୋଇଥିବାବେଳେ ଜଣେ ଭାଜପା ପ୍ରାର୍ଥୀ। ମୁଖପାତ୍ର ସସ୍ମିତ ପାତ୍ର ଓ ଅମର ପଟ୍ଟନାୟକଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରିଥିବାବେଳେ ଭାଜପା ପ୍ରାର୍ଥୀ ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ କରିବାକୁ ଘୋଷଣା କରିଛି। ଘୋଷଣା ବେଳେ ନବୀନ ପ୍ରଥମେ ୩ଟି ଯାକ ପ୍ରାର୍ଥୀ ବିଜେଡିର ବୋଲି ଗଣମାଧ୍ୟମକୁ କହିଥିଲେ। ମାତ୍ର ଏହାର କିଛି ସମୟ ପରେ ସେ ତୃତୀୟ ପ୍ରାର୍ଥୀ ବିଜେଡିର ନୁହେଁ ବରଂ ଭାଜପାର ବୋଲି ପୁଣିଥରେ ଘୋଷଣା କଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅନୁରୋଧକ୍ରମେ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରିଥିବା ବିଜେଡି ସଭାପତି ସ୍ପଷ୍ଟ କରିଛନ୍ତି। ନବୀନଙ୍କ ଏଭଳି ଘୋଷଣା ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ୩ଟି ଯାକ ଖାଲିଥିବା ଆସନରେ ବିଜେଡି ନିଜ ପ୍ରାର୍ଥୀଙ୍କୁ ସହଜରେ ରାଜ୍ୟ ସଭାକୁ ପଠାଇ ପାରିଥାଆନ୍ତା। ତେବେ ଗୋଟିଏ ଆସନ ଭାଜପାକୁ ଛାଡିବା ପଛରେ ବିଜେଡିର କି ଭିତିରି ଉଦ୍ଦେଶ୍ୟ ରହିଛି ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ଗତ ସାଧାରଣ ନିର୍ବାଚନବେଳେ ବିଜେଡି ଓ ଭାଜପା ପରସ୍ପର ଗୋହି ଖୋଲାଖୋଲି ହେଉଥିଲେ। ହେଲେ ନିର୍ବାଚନ ଶେଷ ହେବା ପରେ ସବୁ କିଛି ଓଲଟ ପାଲଟ ହୋଇଯାଇଛି। ବିଜେଡି ଓ ଭାଜପା ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛନ୍ତି। ରାଜ୍ୟରେ ବିଜେଡି ୫ମ ଥର କ୍ଷମତାକୁ ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ କରି ନବୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏପରିକି ବିଜେଡି ସଭାପତି ମଧ୍ୟ ନିକଟରେ ନୂଆ ଦିଲ୍ଲୀଗସ୍ତ ବେଳେ ମୋଦିଙ୍କୁ ବିପୁଳ ବିଜୟ ପାଇଁ ବ୍ୟକ୍ତିଗତ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ। ୨୦୦୯ରେ ବିଜେଡି–ଭଜପା ମେଣ୍ଟ ସରକାର ଭାଙ୍ଗିବା ପରଠାରୁ ଉଭୟ କଂଗ୍ରେସ ଓ ଭାଜପାଠାରୁ ସମଦୂରତ୍ୱ ରକ୍ଷା କରୁଥିବା ବିଜେଡି କହି ଆସୁଥବାବେଳେ ଏବେ ନିଜ ସ୍ୱର ପରିବର୍ତ୍ତନ କରିଛି। ରାଜ୍ୟ ସ୍ୱାର୍ଥ ପାଇଁ ଯିଏ ପ୍ରତିଶ୍ରୁତି ଦେବେ ତାଙ୍କୁ ଆମେ ସମର୍ଥନ କରିବୁ ବୋଲି ଗତ ସାଧାରଣ ନିର୍ବାଚନ ପରେ ବିଜେଡି ଘୋଷଣା କରିଛି। ଦୀର୍ଘ ଦୁଇ ଦଶନ୍ଧି ଧରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରୁଥିବା ବିଜେଡି ଏଥିରୁ ଓହରି ଏବେ ସ୍ୱତନ୍ତ୍ର ଫୋକସ ରାଜ୍ୟ ଦାବି କରିଛି। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାକୁ ଏଥିରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କେନ୍ଦ୍ର ନିକଟରେ ଦାବି କରିଛି। ବିଜେଡିର ଦାବିକୁ ମଧ୍ୟ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେଇଥିବା କୁହାଯାଉଛି। ଅନ୍ୟପକ୍ଷରେ ରାଜ୍ୟର ସ୍ୱାର୍ଥ ପାଇଁ ଅଧିକ କେନ୍ଦ୍ରୀୟ ସହାୟତା ତଥା ଫୋକସ ରାଜ୍ୟ ମାନ୍ୟତା ଦାବିକୁ କେନ୍ଦ୍ର ସରକାର ମାନିନେବା ସର୍ତ୍ତରେ ବିଜେଡି ଏଭଳି ସମର୍ଥନ କରିଥାଇପାରେ ବୋଲି ରାଜନୈତିକ ବିଶ୍ଲେଷକମାନେ ମତ ଦେଉଛନ୍ତି।

ତେବେ ବିଜେଡିର ଏଭଳି ଅଚାନକ ଆଭିମୁଖ୍ୟ ପରିବର୍ତ୍ତନକୁ ନେଇ ବିରୋଧୀମାନେ ମୁଖ୍ୟମନ୍ତ୍ରୀଙ୍କୁ କାଠଗଡାରେ ଛିଡା କରିଛନ୍ତି। କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର ବିଜେଡିର ଦୋମୁହାଁ ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ବିଭିନ୍ନ ସମୟରେ ବିଜେଡି କେନ୍ଦ୍ରୀୟ ଅବହେଳାକୁ ଆଳ କରି ଭାଜପାକୁ ବିରୋଧ କରୁଥିଲା। ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରିବା ବିଜେଡିର ଅସଲ ଚେହେରା ପଦାରେ ପଡିଯାଇଛି। ବିଜେଡି ଏକ ଆଞ୍ଚଳିକ ଦଳ। ନବୀନ ଚାହିଁଥିଲେ ନିଜ ଦଳରୁ ଏବଂ ଓଡିଶାରୁ ୩ ଜଣଙ୍କୁ ରାଜ୍ୟ ସଭାକୁ ପଠାଇପାରିଥାଆନ୍ତେ। ଉଭୟ ଦଳ ମଧ୍ୟରେ ଭିତିର ବୁଝାମଣା ହୋଇଛି। ରାଜ୍ୟବାସୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଏହାକୁ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ତେବେ ଏସମ୍ପର୍କରେ ଭାଜପା ନେତା କିମ୍ବା ବିଜେଡି ମୁଖପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କେହି ମୁହଁ ଖୋଲିନାହାନ୍ତି।

ଗୋଟିଏପଟେ ନବୀନ ନିଜ ଦଳର ଆଶାୟୀଙ୍କୁ ଚକମା ଦେଇଥିବା ବେଳେ ଭାଜପା ଗୋଟି ଚାଳନା କରି ପୁଣି ଚର୍ଚ୍ଚିତ ହୋଇଛନ୍ତି। ରାଜ୍ୟ ସଭା ପାଇଁ ଚାହିଁ ବସିଥିବା ଆଶାୟୀମାନେ ନବୀନଙ୍କ ଏହି ଘୋଷଣା ଯୋଗୁ ନିରାଶ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନରେ ଦଳ ପାଇଁ ସିଟ୍ ଛାଡ଼ିଥିବା ବରିଷ୍ଠ ନେତା ତଥା ଭୁବନେଶ୍ୱରର ପୂର୍ବତନ ଏମପି ପ୍ରସନ୍ନ ପାଟଶାଣୀ, ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ବିଜେଡି ରାଜ୍ୟ ସଭାକୁ ପଠାଇବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏଥିସହିତ ବାଲେଶ୍ୱର ଲୋକ ସଭା ପରାଜିତ ପ୍ରାର୍ଥୀ ରବୀନ୍ଦ୍ର ଜେନା, ପୁରୀ ବିଧାନସଭାରୁ ପରାସ୍ତ ହୋଇଥିବା ମହେଶ୍ୱର ମହାନ୍ତିଙ୍କୁ ରାଜ୍ୟ ସଭା ପଠାଇବା ନେଇ ମଧ୍ୟ ଦଳୀୟ ମହଲରେ ଆଲୋଚନା ହେଉଥିଲା। ତେବେ ଏହି ଅଶାୟୀମାନଙ୍କର ଆଶା ମଧ୍ୟ ମଉଳି ଯାଇଛି।






**ବାରକୋଟ୍‌ରୁ କଲରାପତରିଆ ବାଘଛାଲ ଜବତ**





ଜବତ କଲରାପତରିଆ ବାଘଛାଲ ଓ ଗିରଫ ଅଭିଯୁକ୍ତମାନେ।

## ଏସ୍‌ଟିଏଫ୍ ଜାଲରେ ର୍‍ୟାକେଟର ୩ ସଦସ୍ୟ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**

ବାଘଛାଲ ଚୋରା ଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ୍ କରିଛି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)। ବୁଧବାର ବିଳମ୍ବିତ ରାତିରେ ଏସ୍‌ଟିଏଫ ପକ୍ଷରୁ ଦେବଗଡ଼ ଜିଲା ବାରକୋଟ୍ ଅଞ୍ଚଳରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କା ମୂଲ୍ୟର କଲରାପତରିଆ ବାଘଛାଲ ଜବତ କରାଯିବା ସହ ଏହି ର୍‍ୟାକେଟର ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁନ୍ଦରଗଡ ଜିଲାର ଶଚୀକାନ୍ତ ନାୟକ, ଦେବଗଡ଼ ଜିଲାର ଜଗନସନ ବେହେରା ଏବଂ ରମଣୀସେନ ବେହେରା। ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର୍.ଙ୍କ ସୂଚନା ଅନୁଯାୟୀ, ଦେବଗଡ ଜିଲା ବାରକୋଟ୍ ଅଞ୍ଚଳରେ ବାଘଛାଲ କାରବାର ନେଇ ଯୋଜନା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାପରେ ବୁଧବାର ଏସ୍‌ଟିଏଫ୍‌ର ଦୁଇଟି ଟିମ୍ ଦେବଗଡ ଜିଲା ଅଭିମୁଖେ ବାହାରି ଥିଲା। ବିଳମ୍ବିତ ରାତିରେ ବାରକୋଟ୍ ଅଞ୍ଚଳର ଏକ ଘରେ ଡିଲ୍ ଚାଲିଥିବାବେଳେ ଗୋଟିଏ ଟିମ୍ ଚଢ଼ାଉ କରିଥିଲା। ସେଠାରେ ୩ଜଣଙ୍କ ନିକଟରୁ କଲରାପତରିଆ ବାଘଛାଲ ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା। ଜେରାବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ଯେ, ସ୍ଥାନୀୟ ଅଞ୍ଚଳରୁ ବାଘଛାଲ କିଣିବା ପରେ ଅନ୍ତର୍ଜାତୀୟ ମାର୍କେଟକୁ ଚୋରାରେ ବିକ୍ରି କରିବାର ଯୋଜନା ରଖିଥିଲେ। ଏହି ଘଟଣାରେ କେଉଁମାନେ ଫାଇନାନ୍ସର, ମିଡିଲମ୍ୟାନ ଏବଂ ଏଜେଣ୍ଟ ସେନେଇ ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯିବ। ସେହିପରି ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ରାହୁଲ କହିଛନ୍ତି। ରାଜ୍ୟରେ ବନାଞ୍ଚଳରେ ବନ୍ୟଜନ୍ତୁ ଶିକାରୀଙ୍କ ସଂଖ୍ୟା ବଢ଼ିବା ସହ ବାଘଛାଲ ଓ ହାତୀଦାନ୍ତ ଆଦି ଚୋରା କାରିବାର ବୃଦ୍ଧିପାଇବାରେ ଲାଗିଛି। ଗତ ୬ମାସରେ ୫ଥର ବାଘଛାଲ ଜବତ ହେବା ଘଟଣା ଏହାକୁ ସ୍ପଷ୍ଟ କରୁଛି। ଏ ନେଇ ପରିବେଶବିତ୍ ଏବଂ ବନ୍ୟପ୍ରାଣୀପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଫଳରେ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ରାଜ୍ୟ ଜଙ୍ଗଲ ବିଭାଗ ଉପରକୁ ଅଙ୍ଗୁଳି ଉଠିଛି।





ଅର୍ଥ ବଳରେ ଯେଉଁଠାରେ ନ୍ୟାୟ କିଣାଯାଏ,
ସତ୍ୟ ସେଠାରେ ଆତ୍ମଗୋପନ କରେ।
- ମହର୍ଷି ମହେଶ ଯୋଗୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ...........................



ଗୁଡ୍ଡି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଗ ବିଜେଡି..

ପରାଜିତ ହେଭିୱେଟଙ୍କ ଲମ୍ବା ତାଲିକା ଥିଲେ ମଧ ନବୀନ ଜଣଙ୍କୁ ବି ରାଜ୍ୟ ସଭା ପ୍ରାର୍ଥୀ କରିନାହାନ୍ତି। ନିର୍ବାଚନ ସମୟରେ ଦଳୀୟ ରଣନୀତି ପ୍ରସ୍ତୁତି ସହ ଆଇଟି ଏବଂ ସାମାଜିକ ଗଣମାଧ୍ୟମ ପରିଚାଳନାରେ ପ୍ରମୁଖ ଭୂମିକା ନେଇ ଅମରଙ୍କୁ ପୁରସ୍କୃତ କରାଯାଇଛି। ଅମର ନିର୍ବାଚନର କିଛିମାସ ପୂର୍ବରୁ ସରକାରୀ ଚାକିରି ଛାଡି ବିଜେଡିରେ ଯୋଗଦେବା ସହ ଆଇଟି ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିଲେ। ନିର୍ବାଚନ ଲଢ଼ି ନ ଥିଲେ ମଧ ଗଣମାଧମରେ ଦଳ ପକ୍ଷରୁ ସମ୍ପୃକ୍ତ ସମସ୍ତ ପ୍ରସଙ୍ଗରେ ମତ ରଖୁଥିଲେ। ଦଳ ପକ୍ଷରୁ ଗଣମାଧମରେ ଉପଯୁକ୍ତ ଭାବେ ପ୍ରତିନିଧିତ୍ୱ କରିଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିବା ସମୀକ୍ଷକମାନେ ମତ ଦେଇଛନ୍ତି। ଶୃଙ୍ଖଳିତ ଭାବେ ଦଳୀୟ କାର୍ଯ୍ୟ କଲେ ପୁରସ୍କୃତ ନିଶ୍ଚିତ ବୋଲି ବିଜେଡି ସଭାପତି ଏକ ସିଧାସଳଖ ବାର୍ତ୍ତା ଦେଇଛନ୍ତି। ଏଆଇଏଡିଏମ୍‌କେ, ୱାଇଏସ୍‌ଆର କଂଗ୍ରେସ ଏବଂ ଟିଆରଏସ୍ ପରି ବିଜେଡି ଜାତୀୟସ୍ତରରେ ଭାଜପାର ପରୋକ୍ଷ ସମର୍ଥନ କରୁଥିବା କେତେକ ସମୀକ୍ଷକ ମତ ଦେଇଛନ୍ତି। ବିଜେଡି ପକ୍ଷରୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ମନୋନୀତ ହେବା ପରେ ଅମର ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟ ସଭା ପାଇଁ ମନୋନୀତ କରାଯାଇଥିବାରୁ ଦଳ ଏବଂ ଏହାର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ସେ କୃତଜ୍ଞ। ନିର୍ବାଚନ ପୂର୍ବରୁ ଦଳ ପକ୍ଷରୁ ଆଇଟି ସେଲ୍‌ର ମୁଖ୍ୟ ଭାବେ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିଲା। ତାହାକୁ ନିଷ୍ଠାର ସହ ତୁଲାଇବାକୁ ସେ ଚେଷ୍ଟା କରିଥିଲେ। ରାଜ୍ୟ ସଭାରେ ଦଳର ଶୃଙ୍ଖଳିତ କର୍ମୀଭାବେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରଶ୍ନ ଉପସ୍ଥାପନ କରିବେ ବୋଲି ଅମର କହିଛନ୍ତି। ସେହିପରି ସସ୍ମିତ କହିଛନ୍ତି ଯେ, ରାଜ୍ୟ ସଭାକୁ ମନୋନୀତ କରାଯାଇଥିବାରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ସବୁ ସମୟରେ ଦଳର ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିଆସିଛି। ଉଚ୍ଚସଦନରେ ରାଜ୍ୟର ସ୍ୱାର୍ଥସୁରକ୍ଷାକୁ ନିଶ୍ଚୟ ଗୁରୁତ୍ୱ ଦେବି ବୋଲି ସସ୍ମିତ କହିଛନ୍ତି। ରାଜ୍ୟ ସଭା ସଦସ୍ୟ ଥିବା ବିଜେଡି ନେତା ଅଚ୍ୟୁତ ସାମନ୍ତ ଲୋକ ସଭା, ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ପ୍ରତାପ ଦେବ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେଣୁ ସେମାନେ ପ୍ରତିନିଧିତ୍ୱ କରୁଥିବା ଆସନ ଖାଲି ହୋଇଥିଲା। ଅଚ୍ୟୁତ ଏବଂ ସୌମ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ ରହିଥିବା ବେଳେ ପ୍ରତାପ ଦେବଙ୍କର ୩ ବର୍ଷ କାର୍ଯ୍ୟକାଳ ରହିଥିଲା। ବରିଷ୍ଠତା ଦୃଷ୍ଟିରୁ ୫ ବର୍ଷିଆ କାର୍ଯ୍ୟକାଳ ଥିବା ଆସନରେ ଅମର ଏବଂ ଅଶ୍ୱିନୀ ଯିବେ ବୋଲି ଶୁଣାଯାଉଛି। ସେହିପରି ସସ୍ମିତ ୩ ବର୍ଷ ବାକିଥିବା ଆସନରେ ରାଜ୍ୟ ସଭା ଯାଇପାରନ୍ତି ବୋଲି କୁହାଯାଉଛି। ହେଲେ କିଏ କେଉଁ ଆସନରୁ ରାଜ୍ୟ ସଭା ପ୍ରାର୍ଥୀପତ୍ର ଦାଖଲ କରିବେ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ଘୋଷଣା ବିଜେଡି ପକ୍ଷରୁ କରାଯାଇନାହିଁ।

## କଳାରେ ଶିବାନୀ...

ସେହିପରି ବାଣିଜ୍ୟରେ ୨୬,୭୯୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୮,୮୨୬ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫,୬୨୯ ଜଣ ପ୍ରଥମ ଶ୍ରେଣୀରେ, ୩,୭୪୬ ଜଣ ଦ୍ୱିତୀୟ ଓ ୯,୪୨୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୭୦୮୮ ଜଣ ଛାତ୍ରୀ ଓ ୧୧,୭୩୮ ଜଣ ଛାତ୍ର ଅଛନ୍ତି। ଖୋର୍ଦ୍ଧାରେ ପାସ୍ ହାର ସର୍ବାଧିକ ୮୬.୮୯% ରହିଥିବା ବେଳେ ଦେବଗଡ଼ରେ ସର୍ବନିମ୍ନ ୨୪.୩୪% ରହିଛି। ବାଣିଜ୍ୟରେ ୨୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ୪ଟିରେ ଜଣେ ବି ପିଲା ପାସ୍ କରି ନାହାନ୍ତି।

ଧନ୍ଦାମୂଳକ ଶିକ୍ଷାରେ ୭,୮୪୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪,୧୨୬ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୧୪୪ ଜଣ ଛାତ୍ରୀ ଓ ୧୯୮୨ ଜଣ ଛାତ୍ର ଅଛନ୍ତି। ୫୪୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧,୭୦୭ ଜଣ ଦ୍ୱିତୀୟ ଓ ୧୭୧୪ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୭୪.୩୪% ପାସ୍ କରିଥିବା ବେଳେ ନବରଙ୍ଗପୁରରେ ସର୍ବନିମ୍ନ ୮.୩୩% ପିଲା ପାସ୍ କରିଛନ୍ତି।



ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଭବନ ପରିସରସ୍ଥ ଗୀତଗୋବିନ୍ଦ ସଦନରେ ପରୀକ୍ଷାଫଳ ଘୋଷଣା କରିଛନ୍ତି। ଛାତ୍ରୀଛାତ୍ରମାନେ ସିଏଚ୍‌ଏସ୍‌ଇର ଅଫିସିଆଲ ୱେବ୍‌ସାଇଟ୍ www.chseodisha.nic.in କିମ୍ବା http://orissaresult.nic.inରେ ନିଜର ପରୀକ୍ଷାଫଳ ଦେଖିପାରିବେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ସାମ୍ସ ଇ-ସ୍ପେସ୍‌ରୁ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ଛାତ୍ରୀଛାତ୍ରମାନେ ମାର୍କଶିଟ୍, ସାର୍ଟିଫିକେଟ୍ ଓ ମାଇଗ୍ରେସନ ସାର୍ଟିଫିକେଟ୍ ପାଇବା ପାଇଁ ପରିଷଦ ପକ୍ଷରୁ ସେମାନଙ୍କର ସ୍କୁଲଗୁଡ଼ିକୁ ପରେ ଜଣାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରିଆଡିଶନ୍ ଏବଂ ରିଚେକିଂ ପାଇଁ ଇଚ୍ଛୁକ ଛାତ୍ରୀଛାତ୍ରମାନଙ୍କ ପାଇଁ ଆସନ୍ତା ୨୪ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ସେହିଭଳି ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ଆସନ୍ତା ୨୪ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏସବୁର ସବିଶେଷ ତଥ୍ୟ ସିଏଚ୍‌ଏସ୍‌ଇର ଅଫିସିଆଲ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଜଷ୍ଟିସ୍ କୁରେଶୀଙ୍କ ...

ସୁପାରିସ ସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଏଡାଇଯିବା ତାଙ୍କ ପ୍ରତି ଅତ୍ୟାଚାର ବୋଲି ଓଜା ଅଭିଯୋଗ କରିଛନ୍ତି।

ମେ ୧୦ରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ଏନ୍.ଭି. ରମନାଙ୍କୁ ନେଇ ଗଠିତ କଲେଜିୟମ ଜଷ୍ଟିସ୍ କୁରେଶୀଙ୍କ ପଦୋନ୍ନତି ପାଇଁ ସୁପାରିସ କରିଥିଲେ। ତାଙ୍କ ସହିତ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ ଏବଂ ଆର୍.ଏସ୍. ଚୌହାନଙ୍କ ପଦୋନ୍ନତି ପାଇଁ ମଧ୍ୟ ସୁପାରିସ କରାଯାଇଥିଲା। ଜଷ୍ଟିସ୍ ରାମସୁବ୍ରମଣ୍ୟନ୍ ଏବଂ ଜଷ୍ଟିସ୍ ଚୌହାନଙ୍କୁ ଯଥାକ୍ରମେ ହିମାଚଳପ୍ରଦେଶ ଓ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ସେହିପରି ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ସୂର୍ଯ୍ୟ କାନ୍ତଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦିଆଯାଇଥିଲା। କିନ୍ତୁ ଜଷ୍ଟିସ୍ କୁରେଶୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦିଆ ନ ଯାଇ ଜୁନ୍ ୧୦ରୁ ଜଷ୍ଟିସ୍ ରବିଶଙ୍କର ଝାଙ୍କୁ ଏହାର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି।

ଏଠାରେ ପ୍ରଶ୍ନ ଉଠୁଛି, ଯଦି ସରକାର ବାରମ୍ବାର ସୁପାରିସକୁ ଫେରାଇଦିଅନ୍ତି ତେବେ ଏନେଇ କଲେଜିୟମ ନିଜ ନିଷ୍ପତ୍ତିରେ ଅଟଳ ରହି କେନ୍ଦ୍ରକୁ ପ୍ରଶ୍ନ କରିପାରିବ କି? ସିଜେଆଇ ଗୋଗୋଇ ନିକଟରେ ରୁଷିଆର ସୋଚିଠାରେ ସାଂଘାଇ ସହଯୋଗ ସଂଗଠନର ପ୍ରଧାନ ବିଚାରପତିମାନଙ୍କ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ନ୍ୟାୟିକ ଅନୁଷ୍ଠାନର ସ୍ୱାଧୀନତା ପାଇଁ ସୁଦୃଢ଼ ଓ ନିରପେକ୍ଷ ବିଚାରପତିଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବିଚାର ବିଭାଗର ମୁଖ୍ୟ ଭାବେ ସେ ତାଙ୍କ କଥାକୁ କାର୍ଯ୍ୟରେ ପରିଣତ କରିପାରିବେ କି ବୋଲି ପ୍ରଶ୍ନ ଉଠୁଛି। ଲୋକ ସଭା ନିର୍ବାଚନରେ ପୂର୍ଣ୍ଣ ବହୁମତ ସହ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର କେନ୍ଦ୍ରରେ ସରକାର ଗଢ଼ିବା ପରେ ରବିଶଙ୍କର ପ୍ରସାଦ ପୁନର୍ବାର ଆଇନ ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିଛନ୍ତି। ଆଇନ ମନ୍ତ୍ରଣାଳୟ ଏକ ଡାକଘର ଭଳି କାର୍ଯ୍ୟ କରିବ ନାହିଁ ବୋଲି ସେ ଦାୟିତ୍ୱ ଗ୍ରହଣ ପରେ ସ୍ପଷ୍ଟ କରିଦେଇଥିଲେ। ଅର୍ଥାତ୍ ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି କ୍ଷେତ୍ରରେ କଲେଜିୟମ୍‌ର ସୁପାରିସ ଉପରେ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରର ଭୂମିକା ତୁଲାଇବ ବୋଲି ଆଇନମନ୍ତ୍ରୀ ସୂଚାଇ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଶହୀଦଙ୍କ କଫିନ୍‌ରେ...

ପ୍ରତିକ୍ରିୟା ଦେଇ ସନ୍ତୋଷ କହିଛନ୍ତି, ଆତଙ୍କବାଦୀଙ୍କ ସହ ଲଢ଼େଇରେ ପୁଅ ଜୀବନ ଗଲା। ସେ ସରକାରଙ୍କ ସମ୍ପତ୍ତି। ହେଲେ ମୃତଦେହକୁ ନେଇ ରାଜନୀତି କରିବା, ପୁଅ ମୃତ୍ୟୁଠାରୁ ଅଧିକ ଦୁଃଖଦାୟକ। ସୋମବାର ପୁଅ ମୃତ୍ୟୁ ସୂଚନା ମିଳିଲା। ମରଶରୀର ଆଜି ଆସିବ କାଲି ଆସିବ କହି ୩ଦିନ ଗଡ଼ାଇଲେ। ଏନେଇ ପ୍ରଶାସନ ପକ୍ଷରୁ ଠିକ୍ ଭାବେ କିଛି କୁହାଗଲା ନାହିଁ। ମୃତଦେହ ଭୁବନେଶ୍ୱରରେ ପହଞ୍ଚିବା ପରେ ଘରକୁ ଆଣିବା ଦାୟିତ୍ୱ ପ୍ରଶାସନ ଏବଂ ପୋଲିସ ଅଧିକାରୀଙ୍କର। ସେମାନେ ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇନାହାନ୍ତି। ତେଣୁ ଶହୀଦଙ୍କ ମୃତଦେହକୁ ରାଜନୈତିକ ପ୍ରଚାରର ମାଧ୍ୟମ କରାଗଲା। ଏହା ଶହୀଦଙ୍କ ପ୍ରତି ଅପମାନ। ଏପରି କାର୍ଯ୍ୟ କରିଥିବା ବ୍ୟକ୍ତି ଯେତିକି ଦାୟୀ, ଶବାଧାରରେ ଆସୁଥିବା ଅଧିକାରୀ ଓ ପୋଲିସ ମଧ୍ୟ ସମପରିମାଣରେ ଦୋଷୀ। ଯାହା ଘଟିବାର ଥିଲା ଘଟିଗଲା। ଏହାକୁ ପରିବାର ସହିତ ଯୋଡ଼ା ନ ଯାଉ। ଏହାକୁ ନେଇ ଆଉ ରାଜନୀତି ନ ହେଉ। ଏଥିରୁ କ୍ଷାନ୍ତ ରହିଲେ ଆମେ ଶାନ୍ତିରେ ରହିବୁ ବୋଲି ସେ କହିଛନ୍ତି। କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଜିଲାରେ ଶହୀଦଙ୍କ ମୃତଦେହ ପହଞ୍ଚିବା ପରେ ପୋଲିସ, ପ୍ରଶାସନ ପକ୍ଷରୁ ସମ୍ମାନପୂର୍ବକ ଅଣାଯାଇଥିଲା। ମୃତଦେହ ବିମାନ ବନ୍ଦରରୁ ଜିଲାରେ ପହଞ୍ଚିବା ରାସ୍ତାରେ ସେନା ଅଧିକାରୀ, ତାଙ୍କ ପରିବାର ପ୍ରତିନିଧି ମରଶରୀର ନିକଟରେ ଥିଲେ। ଶୋକାକୁଳ ପରିବେଶରେ ବିଭିନ୍ନ ସ୍ଥାନରେ ବ୍ୟକ୍ତି, ରାଜନୈତିକ ଦଳ, ସଙ୍ଗଠନ ଶହୀଦଙ୍କୁ ପୁଷ୍ପଗୁଚ୍ଛ ଦେଇ ଶେଷ ସମ୍ମାନ ଜଣାଇଥିଲେ। ଏହି ସମୟରେ କେହି ବିଜେଡି ପତାକା ପକାଇଥିବା ଅନୁମାନ କରାଯାଉଛି। ହେଲେ ଢେଙ୍କାନାଳ ଜିଲା ଭିତରେ ଏଭଳି ହୋଇ ନ ଥିବା ସେ ଦୃଢ଼ତାର ସହ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାରିବାରିକ ସଦ୍‌ଭାବ ଓ ନିକଟ ସମ୍ପର୍କୀୟଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ପାଇ ଖୁସି ରହିବେ। ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇବାର ସମ୍ଭାବନା ରହିଛି। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ମଧ ସମସ୍ୟାର ସମାଧାନ କରିବେ। କର୍ମ ପରିସର ବୃଦ୍ଧିପାଇବାରୁ କ୍ଳାନ୍ତିଅନୁଭବ କରିପାରନ୍ତି।

**ବୃଷ**
ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ ବିଭିନ୍ନ ପ୍ରକାର ଘରୋଇ ସମସ୍ୟା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା ଓ ପ୍ରଶାସନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯାଇପାରେ।

**ମିଥୁନ**
କର୍ମକ୍ଷେତ୍ରରେ ସାମୟିକ ଅସୁବିଧା ମଧ୍ୟରେ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ଦୈହିକ ଦୁର୍ବଳତା ଯୋଗୁ ମନ୍ଥର ଗତିରେ ପ୍ରତ୍ୟେକ କାମ ସମ୍ପନ୍ନ ହେବ। ଆଲୋଚନା କାଳରେ ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର କଥାକୁ ଠିକ୍ ଭାବେ ବୁଝି ପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରିବା ସକାଶେ ମନସ୍ଥ କରିପାରନ୍ତି।

**କର୍କଟ**
କଥାରେ କଥାରେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଆପଣେଇ ନେଇ କାମ ହାସଲ କରିପାରିବେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ କାମ ସ୍ଥଗିତ ରହିବ ନାହିଁ।

**ସିଂହ**
ନିଜର ବିଚାରଧାରା ଅନୁଯାୟୀ କାର୍ଯ୍ୟସମ୍ପନ୍ନ ସାଙ୍ଗକୁ ଅର୍ଥ ଓ ଦ୍ରବ୍ୟ ଲାଭ ହେବ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ ମନ୍ଦ ହେବନି। ଦେହ ଭଲ ରହିଲେ ମଧ କଠିନ ପରିଶ୍ରମ କିମ୍ବା ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। କଳା,କ୍ରୀଡା, ଚଳଚ୍ଚିତ୍ର, ସଙ୍ଗୀତ ତଥା ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ବନ୍ଧୁମାନଙ୍କ ସହ ସତ୍‌ସଙ୍ଗ, ଧାର୍ମିକ ବାତାବରଣ, ସାଙ୍ଗଠନିକ କାର୍ଯ୍ୟ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ। ଚିତ୍ରା ନକ୍ଷତ୍ର କିନ୍ତୁ କୌଣସି ଖଳ ଲୋକଙ୍କ କଥାରେ ପଡି ହଇରାଣ ହରକତ ହୋଇପାରନ୍ତି। ମାଲିମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବାର ଆଶା କରାଯାଇପାରେ।

**ତୁଳା**
ଆପଣଙ୍କ ଉନ୍ନତ ବିଚାରଧାରା ଓ ଉନ୍ନତ କାର୍ଯ୍ୟଶୈଳୀରୁ ପ୍ରଶଂସିତ ହେବେ। ଆବଶ୍ୟକ ସମୟରେ କୌଣସି ମୂଲ୍ୟବାନ ଜିନିଷ ନ ପାଇ ବନ୍ଧୁଙ୍କ ଉପରେ ରାଗିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ରାଜନୀତି ଓ କଳାରେ ସାମାଜିକ ସ୍ତରରେ ସମ୍ମାନିତ ହେବେ। ଗବେଷଣା, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ ସ୍ତରରେ ଆଶାନୁରୂପ ସଫଳତା ପାଇପାରନ୍ତି।

**ବିଛା**
ବିଶେଷ କିଛି ଅଭାବ ଅସୁବିଧା ନ ଥିଲେ ମଧ ଶନିକ୍ଷେତ୍ରସ୍ଥ ଚନ୍ଦ୍ର ସୁସ୍ଥ ମାନସିକତାରୁ ବଞ୍ଚିତ କରାଇବ। ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଅଶାନ୍ତିର କାରଣ ପାଲଟିଯିବାର ଆଶଙ୍କା ରହିଛି। କିନ୍ତୁ କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**
ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନ ନିୟନ୍ତ୍ରଣ ମଧ୍ୟରେ ରହିବ। ବନ୍ଧୁ କିମ୍ବା ବାନ୍ଧବୀଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପଡ଼ୋଶୀମାନଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ। ଆଜି ଯାତ୍ରା ସମୟରେ ଅନ୍ୟମନସ୍କ ରୁହନ୍ତୁ ନାହିଁ ଏବଂ ଯାନବାହନରେ ସତର୍କତା ରକ୍ଷା କରନ୍ତୁ।

**ମକର**
ଛୋଟ ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇପାରେ। ପ୍ରକୃତ ଘଟଣା ନ ବୁଝି ପାଖପଡ଼ୋଶୀ କିମ୍ବା ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ,ବ୍ୟବସାୟ, ରପ୍ତାନି କାରବାର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ବିବାଦକୁ ନେଇ ନିକଟ ସମ୍ପର୍କୀୟ ପ୍ରତ୍ୟେକ କ୍ଷେତ୍ରରେ ଦୂରେଇ ରହିପାରନ୍ତି।

**କୁମ୍ଭ**
ଅନୁରୋଧ ରକ୍ଷାକରି ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।

**ମୀନ**
ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁ ଦିନହେଲା ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ,ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଆଷାଢ଼ କୃଷ୍ଣପକ୍ଷର ଅନବସର ୫ମୀ ଶନିବାର, ଜୁନ୍ ୨୨ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ସକାଳ ଘ୮ ।୦୬ମି. ପରେ କୁମ୍ଭ ଚନ୍ଦ୍ର ହେବ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୧୧ ।୪୫ମି. ଗତେ ଘ୧ ।୨୬ମି. ମଧ୍ୟେ, ଘ୨ ।୫୮ମି. ଗତେ ଘ୪ ।୩୫ମି. ମଧ୍ୟେ ଅମୃତ ବେଳା । ସକାଳ ଘ୬ ।୫୦ମି. ଗତେ ଘ୮ ।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮ ।୩୦ମି. ଗତେ ଘ୧୦ ।୦୯ମି. ମଧ୍ୟେ ରାହୁକାଳ ।

## ଓଡ଼ିଶା ଛୁଇଁଲା ମୌସୁମୀ

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଲା। ଜୁନ ୧୦ ତାରିଖ ପରିବର୍ତ୍ତେ ୧୧ ଦିନ ବିଳମ୍ବରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି। ଅଳ୍ପ କେତେକ ଅଞ୍ଚଳକୁ ବାଦ ଦେଲେ ମୌସୁମୀ ରାଜ୍ୟର ଅଧିକାଂଶ ଅଞ୍ଚଳକୁ ଛୁଇଁଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଶୁକ୍ରବାର ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡକୁ ମୌସୁମୀ ପ୍ରବେଶ କରିଥିବାବେଳେ ମାଲକାନଗିରି, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ ଜିଲା ସମେତ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ ଏବଂ କେନ୍ଦୁଝର ଜିଲାର ଅଳ୍ପ କେତେକ ଅଞ୍ଚଳକୁ ଆଚ୍ଛାଦିତ କରିଛି। ମୌସୁମୀ ଆଗକୁ ବଢିବା ପାଇଁ ପାଗ ଅନୁକୂଳ ରହିଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ସମଗ୍ର ଓଡିଶାକୁ ଘେରିଯିବ ବୋଲି ଅନୁମାନ କରାଯାଇଛି। ଅନ୍ୟ ପକ୍ଷରେ ଉତ୍ତର ପୂର୍ବ ବଙ୍ଗୋପସାଗର , ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୨୩ ତାରିଖ ଯାଏ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ଅନୁଗୋଳ, ଦେବଗଡ, ଭଦ୍ରକ, ସମ୍ବଲପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏଥିସହିତ ଝାରସୁଗୁଡା, ବରଗଡ, ବାଲେଶ୍ୱର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲାର ଅଳ୍ପ କେତେକ ସ୍ଥାନରେ ମଧ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହି ସମୟରେ ସମୁଦ୍ର କୂଳ ଅଶାନ୍ତ ରହିବ। ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ବେଗରେ ପବନ । ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ମୌସୁମୀ ପ୍ରଭାବରେ ଗୁରୁବାର ରାତିରୁ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଲାଗି ରହିଛି। ମେଘୁଆ ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷା ପରିବେଶକୁ ଥଣ୍ଡା କରିଛି। ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ଗୋପାଳପୁରରେ ସର୍ବାଧିକ ୭୨.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୩୨.୧, କେନ୍ଦୁଝର ୩୬.୩, ସମ୍ବଲପୁର ୨୮.୮, ସୁନ୍ଦରଗଡ ୧୦, ହୀରାକୁଦ ୭୦.୪ , ତାଳଚେର ୧୪, ଭବାନୀପାଟଣା ୧୦.୪, ବଲାଙ୍ଗୀର ୧୬, କୋରାପୁଟ ୪୭, ଫୁଲବାଣୀ ୬୨, ଟିଟିଲାଗଡ ୧୧.୪, ମାଲକାନଗିରି ୧୨.୧, ସୋନପୁର ୨୯ ଏବଂ ଦାରିଙ୍ଗିବାଡିରେ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ମଞ୍ଚେଶ୍ୱର ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 82498 51363.** D-66907

2000 sqft. of land in Bhagabatipur near Kateni Chhak for sale. 9937162220. D-66145

2BHK flat of 1120 sqft. in 2nd floor near Kateni Chhak is for sale. 9937162220. D-66146

GA plot 2700sqft. with building 4300sqft. at Ghatikia, Bhubaneswar, price 235Lakhs. Genuine buyers please contact: 9178518254. D-66492

**3000 sqft near Hanspal Bigbazar under BDA, BMC yellowzone- 9040059669.** D-66495

**2600 sft corner plot sale at SUM Hospital (CET College), Bhubaneswar. Directly contact Deepak- 9937329999.** D-66250

GA freehold land 40'x60'=2400 sqft at Bharatpur with four side compound wall- 7978214375. D-66247

2BHK simplex 25,50,000/- finishing Hanspal, Gharabari plot- Atala, Rangabazar. 9556261421. D-66491

Book 3BHK flat at GGP colony, Rasulgarh near Palasuni Canal Road- 9439716901. D-66581

Booking 2BHK simplex BJEM-(2) 1200sqft land 11,80,000/- installment available. Badagada canalroad, Saitemple plots available. 7735738102. D-13068

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Luxury 2 Bedroom flats in Visakhapatnam for just Rs.17lacs. Mega gated community with 65 amenities hurry limited offer 8897789069. D-66580

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଭୁବନେଶ୍ୱର New Railway Station ପାଖରେ ଘରବାରି sqft. 450/- ରେ ମିଳୁଛି। 9439690111. D-66148

**2000 sft. plot sale at Satyanagar, Bhubaneswar, directly buyer contact Deepak- 9937329999 (Broker Excuse).** D-66249




Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13084




2500 sqft. available for godown at Bhanpur, near Telengapentha. Please call: 9437033691. D-65655

Commercial space available on ground floor/ 1st floor (1000 sqft) for office/ showroom at Bapuji Nagar, Bhubaneswar. Contact: 9861390345. D-62190




Monalisa club full body massage with hiprofile smart lady air-condition rooms available hurry up! 9708545108. D-13040

Ayurvedic full body massage ladies/ gents smart experts therapist. 9114697517. D-66906

Summer special mesmerizing offer expert therapeutic refreshing massage appointment. 9668374480. D-66579

Kajal ayurvedic massage club fully relaxed by smart lady, home service available. 9937637219. D-66909

Physiotherapy, full body massage by trained ladies/ gents therapist- 7008773793. D-66493

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Project / thesis; to get the best thesis/ projects for Ph.D/ MBA, MCA, M.phil & other courses on any topic/ University/ English medium. Contact us on: 9669965245 / 9060731143. D-65656

**LOST**

I have lost original ROR bearing khata no. 657/408 plot no. 1647/ 2095 of mouza Cuttack Sahara, within Highcourt area on 19.6.19. If found please contact: Amaresh Panda, Rajabagicha, Cuttack. Phone: 9437155197. D-13081

**AFFIDAVIT**

By virtue of an affidavit before Executive Magistrate, Puri. I Snigdha Mishra, aged 38years, D/o: Jitendra Nath Mishra of Madhuban, 3rd lane, P.S: Talabania, Dist: Puri, do here by state that my conduct certificate of M.Phil (Education) for the year 2004-2005 of Ravenshaw University has ben destroyed by white ant in my house. D-64071

By virtue of an affidavit Notary, I have changed my name from S Deepak Kumar Sahoo to Deepak Kumar Sahoo for all purposes. D-66807

ମାତଃ ଦୁର୍ଗେ ! ସ୍ୱାର୍ଥ, ଭୟ, କ୍ଷୁଦ୍ରାଶୟତାରେ ମ୍ରିୟମାଣ ଭାରତ। ଆମମାନଙ୍କୁ ମହତ୍ କର। ମହତ୍ ପ୍ରୟାସୀ କର। ଉଦାରଚେତା କର। ସତ୍ୟ ସଙ୍କଳ୍ପ କର – ଯେପରି ଆଉ ଅଳ୍ପାଶୀ, ନିଶ୍ଚେଷ୍ଟ, ଅଳସ ଭୟଭୀତ ନ ହେଉ। – ଶ୍ରୀଅରବିନ୍ଦ

# ମୋଦିଙ୍କ ଛାଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶାସନର ଦ୍ୱିତୀୟ ପାଳି ଆରମ୍ଭ କରିବା ଅବସରରେ ବାବୁମାନଙ୍କୁ ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି ଯେ ତାଙ୍କ ସରକାର ଦୁର୍ନୀତିକୁ ଆଦୌ ସହ୍ୟ କରିବେ ନାହିଁ। ନିକଟରେ ମୋଦି ସରକାର ଦୁର୍ନୀତି ଅଭିଯୋଗ ଥିବା ୧୫ ଜଣ ବରିଷ୍ଠ ରାଜସ୍ୱ ସେବା ଅଧିକାରୀ (ଆଇଆର୍‌ଏସ୍)ଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଦୁର୍ନୀତି ଅଭିଯୁକ୍ତ ମୁଖ୍ୟ କମିଶନର, ପ୍ରମୁଖ କମିଶନର ଓ କମିଶନରଙ୍କ ସମେତ ୧୨ ଜଣ ବରିଷ୍ଠ ଅଫିସରଙ୍କୁ ବିଦା କରିବାର କେଇଦିନ ପରେ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କେନ୍ଦ୍ରୀୟ ପ୍ରଶାସନିକ ସେବା (ପେନ୍‌ସନ) ନିୟମାବଳୀ, ୧୯୭୨ର ଧାରା ୫୬(ଜେ) ଅନୁସାରେ ସରକାର ଉକ୍ତ ବାବୁମାନଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଉକ୍ତ ବାବୁମାନଙ୍କ ମଧ୍ୟରୁ କେତେଜଣଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସିବିଆଇ ଗିରଫ କରିଥିବା ବେଳେ ଅନ୍ୟମାନେ ଭିଜିଲାନ୍ସ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। କୁହାଯାଉଛି ଯେ ଧରାପଡ଼ିଥିବା ଏହିସବୁ ଦୁର୍ନୀତି ଭାସମାନ ବରଫ ପାହାଡ଼ରୁ ଦିଶୁଥିବା ଅଗ୍ରଭାଗ ମାତ୍ର। ଅମଲାତନ୍ତ୍ରରୁ ଅଳିଆ ସଫା କରିବା ପାଇଁ ଏହା ହେଉଛି ସରକାରଙ୍କର ଛୋଟିଆ ପଦକ୍ଷେପ। ଆସନ୍ତା ମାସଗୁଡ଼ିକରେ ଆହୁରି ଅନେକ ଶହ ଅପାରଗ ଓ ଦୁର୍ନୀତିଗ୍ରସ୍ତ ବାବୁଙ୍କ ବିରୋଧରେ ଅନୁରୂପ ପଦକ୍ଷେପ ନିଆଯିବ ବୋଲି ସରକାର ଏହାଦ୍ୱାରା ସଙ୍କେତ ଦେଇଛନ୍ତି। କ୍ୟାବିନେଟ୍ ସଚିବ ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଗତ କିଛିଦିନ ଭିତରେ ବିଭିନ୍ନ ବିଭାଗର ଭିଜିଲାନ୍ସ ମୁଖ୍ୟଙ୍କୁ ଏପରି ବାଧ୍ୟତାମୂଳକ ଅବସର ଦେବାକୁ ଥିବା ବାବୁମାନଙ୍କ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ମୌଖିକ ଆଦେଶ ଦେଇଛନ୍ତି। ଏହାକୁ ଦେଖି ଅନ୍ୟ ବାବୁମାନେ ଭୟଭୀତ ହେବାର ଯଥେଷ୍ଟ କାରଣ ରହିଛି।

## ତାମିଲନାଡୁ ବାବୁଙ୍କ ପାଇଁ ଡ୍ରେସ୍ କୋଡ୍

ବିଭିନ୍ନ କ୍ଷେତ୍ରରେ ଡ୍ରେସ୍ କୋଡ୍ ଲାଗୁ କରିବାର କାରଣ ହେଉଛି ପୋଷାକ ଏକ ଭାବମୂର୍ତ୍ତି ତିଆରି କରେ ଏବଂ କର୍ମଚାରୀମାନେ ଯେ ପ୍ରଫେଶନାଲ ତାହା ସୂଚାଏ। ନିକଟରେ ତାମିଲନାଡୁ ସରକାର ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ତାମିଲ ସଂସ୍କୃତିକୁ ପ୍ରତିଫଳିତ କରୁଥିବା ଭାରତୀୟ ପାରମ୍ପରିକ ପୋଷାକ ପିନ୍ଧିବା ପାଇଁ ଆଦେଶ ଦେଇଛନ୍ତି। ଏପରି ଡ୍ରେସ୍ କୋଡ୍ ଦ୍ୱାରା ଅଫିସ ଡେକୋରମ୍ (ଶାଳୀନତା) ରକ୍ଷା ହୋଇପାରିବ ବୋଲି ସରକାର ଯୁକ୍ତି ଦର୍ଶାଇଛନ୍ତି। ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଗିରିଜା ବୈଦ୍ୟନାଥନ୍‌ଙ୍କ ସ୍ୱାକ୍ଷରରେ କାର୍ମିକ ଓ ପ୍ରଶାସନିକ ସଂସ୍କାର ବିଭାଗ ତରଫରୁ ଦିଆଯାଇଥିବା ଆଦେଶନାମାରେ କୁହାଯାଇଛି ଯେ, ମହିଳାମାନେ ଶୋଭନୀୟ ରଙ୍ଗବିଶିଷ୍ଟ ଶାଢ଼ି ବା ଶାଲ୍‌ୱାର କମିଜ୍ ବା ଦୁପଟା ସହ ଚୁଡ଼ିଦାର ପିନ୍ଧିବେ ଏବଂ ପୁରୁଷମାନେ ଔପଚାରିକ ପ୍ୟାଣ୍ଟ ସହ ଶାର୍ଟ ପିନ୍ଧିବେ, ଯାହା ତାମିଲ ସଂସ୍କୃତିକୁ ପ୍ରତିଫଳିତ କରୁଥିବ ବା ପାରମ୍ପରିକ ଭାରତୀୟ ପୋଷାକ ହୋଇଥିବ। ଅନ୍ୟ ସାମୟିକ ପୋଷାକ ନ ପିନ୍ଧିବାକୁ ଏଥିରେ କୁହାଯାଇଛି। ଯେଉଁ ଅଫିସରମାନେ କୋର୍ଟ ବା ଟ୍ରିବ୍ୟୁନାଲ ବା ନ୍ୟାୟିକ ଫୋରମ୍ ଆଗରେ ହାଜର ହେଉଛନ୍ତି ସେମାନେ ଟ୍ରାଉଜର ସହ ଛୋଟ ବଟନ୍‌ଦିଆ ପୂରା ହାତବାଲା କୋଟ ପିନ୍ଧିବେ। ଯଦି କୌଣସି ଅଫିସର ଖୋଲା କୋଟ ପିନ୍ଧିବାକୁ ପସନ୍ଦ କରୁଥିବେ ତେବେ ସେ ଏଥି ସହ ଟାଇ ବାନ୍ଧିବେ ଏବଂ ତାଙ୍କ ପୋଷାକ ଭଦ୍ର ତଥା ଶୋଭନ ରଙ୍ଗ ଓ ଡିଜାଇନବିଶିଷ୍ଟ ହୋଇଥିବ। ଜଣେ ମହିଳା ଶୋଭନ ରଙ୍ଗବିଶିଷ୍ଟ ଶାଢ଼ି ବା ଶାଲ୍‌ୱାର କମିଜ୍ ବା ଦୁପଟା ସହ ଚୁଡ଼ିଦାର ପିନ୍ଧିବେ। କିନ୍ତୁ ଲୋକପ୍ରିୟ ପାରମ୍ପରିକ ଭେଷ୍ଟି (ଧୋତି ବା ଲୁଙ୍ଗି ପରି ପିନ୍ଧାଯାଉଥିବା ଧୋତି)କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ଏହାକୁ ପିନ୍ଧୁଥିବା ଲୋକମାନେ ନିରାଶ ହୋଇଥିଲେ। ତେବେ ମିଳିଥିବା ସଦ୍ୟ ସୂଚନା ଅନୁସାରେ ଏହି ଆଦେଶନାମାକୁ ଏବେ ସଂଶୋଧନ କରାଯାଇଛି। ସରକାର ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ପାରମ୍ପରିକ ଭେଷ୍ଟି ପିନ୍ଧିବାରେ କୌଣସି ବାରଣ ନାହିଁ।

## ପୁନଃ କ୍ୟାଡର ଆବଣ୍ଟନ ପ୍ରସ୍ତାବ

ଫାଉଣ୍ଡେଶନ କୋର୍ସ ସାରିବା ପରେ ଆଇଏଏସ୍ ଓ ଆଇପିଏସ୍ କ୍ୟାଡର ଆବଣ୍ଟନ କରିବା ଲାଗି ୟୁପିଏସ୍‌ସି ଦେଇଥିବା ପ୍ରସ୍ତାବକୁ ମୋଦି ସରକାର ପୁନର୍ବିଚାର କରିବାର ସମ୍ଭାବନା ଦେଖାଦେଇଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ୧୦୦ ଦିନିଆ ଯୋଜନା ପ୍ରଦାନ କରିବା ଆଶା କରାଯାଉଛି। ଏଥିସହ ବିଭାଗ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍, ଆଇଆର୍‌ଏସ୍ ପରି ପ୍ରମୁଖ ପ୍ରଶାସନିକ ସେବାରେ ନିଯୁକ୍ତି ଲାଗି ଏକୀକୃତ ଫାଉଣ୍ଡେଶନ କୋର୍ସ ନିମନ୍ତେ ସୁପାରିସ କରିବ। ଏହି କୋର୍ସ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗତବର୍ଷ ବିଚାର କରିଥିଲା। ୟୁପିଏସ୍‌ସି ଦ୍ୱାରା ବଛାଯାଇଥିବା ପ୍ରାର୍ଥୀମାନଙ୍କୁ ସେମାନଙ୍କ ର୍‍ୟାଙ୍କିଂ ଅନୁସାରେ ନୁହେଁ ବରଂ ଏକୀକୃତ ଫାଉଣ୍ଡେଶନ କୋର୍ସ ଭିତ୍ତିରେ ନିଯୁକ୍ତି ଦିଆଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ବାବୁମାନେ ସେତେବେଳେ ଏହି ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ସେମାନଙ୍କର ଭୟ ଥିଲା ଯେ ଏହାଦ୍ୱାରା ବ୍ୟକ୍ତିଗତ ଧାରଣା ବା ପସନ୍ଦ ଅନୁସାରେ ନିଯୁକ୍ତି ଦିଆଯିବ। କିନ୍ତୁ ଏଥର ମୋଦି ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ଦୃଢ଼ଭାବରେ ଶାସନ କ୍ଷମତା ଦଖଲ କରିଥିବାରୁ ଏ ପ୍ରସ୍ତାବକୁ ପୂର୍ବାପେକ୍ଷା କମ୍ ବିରୋଧ କରାଯିବ। ଅର୍ଥାତ୍ ପ୍ରସ୍ତାବ କାର୍ଯ୍ୟକାରୀ ହେବାର ଏଥର ଯଥେଷ୍ଟ ସମ୍ଭାବନା ରହିଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | B | | 0 | 1 | 5 | 6 | | 8 | C | | | |
| 1 | | C | | | | 7 | 0 | D | | 6 | | | | |
| | 5 | | | | D | | 9 | | | | 1 | | | 8 |
| | | | | 7 | E | 8 | | | | | A | | | 4 |
| | 7 | B | 5 | | | | | | | 0 | | 1 | | |
| | | | 7 | | | | | | 4 | B | | E | | 2 |
| | 2 | | | 9 | | 5 | | 3 | | | | | | B |
| | B | | E | 5 | 4 | C | | | 3 | | | | 7 | |
| | | 6 | | | A | D | B | | | | | | | |
| D | | | | | 3 | | E | | 1 | 9 | | | | 0 |
| | | | | 2 | | | C | | | | | | | D |
| | | | | D | | 9 | | 0 | | | | | 8 | 3 |
| | 6 | | C | 0 | | | 7 | | A | | | 4 | | 9 |
| | | 5 | | | 8 | | | | E | | 9 | | | |
| 7 | 0 | | A | | | | 3 | | C | 5 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 2 | E | 8 | D | 4 | C | 7 | 6 | 5 | 0 | 9 | 1 | A |
| 4 | A | 9 | B | 0 | C | 8 | 6 | 3 | D | 1 | 2 | 7 | E | 5 |
| 5 | 6 | D | 4 | 1 | 7 | 2 | 0 | 9 | 8 | A | E | C | B | 3 |
| 1 | C | 0 | 2 | 5 | 3 | E | A | B | 4 | 7 | 9 | 6 | 8 | D |
| 7 | 8 | E | 6 | 9 | A | 1 | 5 | D | B | 3 | C | 4 | 0 | 2 |
| E | 3 | 6 | A | D | 9 | 0 | 2 | 5 | 7 | C | 1 | 8 | 4 | B |
| 9 | 0 | B | 8 | 4 | 6 | C | 1 | A | 2 | E | 3 | D | 5 | 7 |
| 8 | 7 | C | 5 | 3 | 2 | 9 | D | 6 | 0 | B | 4 | 1 | A | E |
| 2 | 4 | A | 1 | C | E | 7 | B | 8 | 5 | 6 | D | 3 | 9 | 0 |
| D | 5 | 1 | 0 | 7 | B | 3 | E | 4 | A | 9 | 8 | 2 | 6 | C |
| 6 | 1 | 8 | C | B | 0 | 5 | 4 | E | 3 | 2 | 7 | A | D | 9 |
| A | E | 7 | 3 | 2 | 1 | D | 8 | 0 | 9 | 4 | B | 5 | C | 6 |
| C | D | 4 | 9 | A | 8 | 6 | 3 | 2 | E | 0 | 5 | B | 7 | 1 |
| 0 | 2 | 5 | 7 | 6 | 4 | B | 9 | 1 | C | D | A | E | 3 | 8 |
| B | 9 | 3 | D | E | 5 | A | 7 | C | 1 | 8 | 6 | 0 | 2 | 4 |

ଗତକାଲିର ଉତ୍ତର

# ଯୁବଗୋଷ୍ଠୀର ବୃତ୍ତି ଓ ପ୍ରବୃତ୍ତି



## ମନ-ମାନଚିତ୍ର

ଡ. ନରହରି ବେହେରା

ସେଦିନ ଭୁବନେଶ୍ୱରରୁ ଫେରିବାବେଳେ ଭଣ୍ଡାରିପୋଖରୀ ପରେ ରାସ୍ତାପାଖରେ ଗୋଟିଏ ଛୋଟ ରେଷ୍ଟୁରାଣ୍ଟ ଭିତରକୁ ପଶିଗଲି। ରେଷ୍ଟୁରାଣ୍ଟଟି ବେଶ୍ ପରିଷ୍କାର ପରିଚ୍ଛନ୍ନ ଏବଂ ରୁଚିପୂର୍ଣ୍ଣ ଥିଲା। ଆଧୁନିକ ସାଜସଜ୍ଜାର ମଧ୍ୟ ବ୍ୟବସ୍ଥା ଥିଲା। ଖାଇସାରି ବିଲ୍ ପୈଠ କରିବା ପାଇଁ କାଉଣ୍ଟର ନିକଟରେ ଠିଆ ହୋଇ ଟଙ୍କା ଦେବାବେଳେ ସେଠାରେ ବସିଥିବା ଯୁବକ ଜଣକ ଠିଆ ହୋଇପଡ଼ି ମୋତେ ନମସ୍କାର ଜଣାଇଲା। ମିଲ୍ ବାବଦକୁ ଟଙ୍କା ନେବାକୁ ମଧ୍ୟ ମନା କଲା। ମୁଁ କିଛି ବୁଝିପାରିଲିନି। ଶିକ୍ଷକତା କରୁଥିବାବେଳେ ଏ ଯୁବକ ଛାତ୍ର ଥିବାର ମୁଁ ମନେପକାଇ ପାରିଲିନି। ଦୂର ସମ୍ପର୍କୀୟ ବି ନୁହେଁ। ଏ ଯୁବକ ଜଣକ ହୁଏତ ଭୁଲରେ ମୋତେ ଆଉ କେହି ବୋଲି ଭାବି ନେଇଛି। ମୋ ଭାବନାକୁ ବାଧାଦେଇ ଯୁବକଟି କହିଲା, ସାର୍, ମୋତେ ବୋଧେ ଚିହ୍ନି ପାରୁନାହାନ୍ତି। ଆପଣ ଫ୍ରି ଅଛନ୍ତି? ପାଞ୍ଚ ମିନିଟ୍ କଥା ହେଇଥାନ୍ତି। ମୁଁ ସମ୍ମତି ଜଣାଇବାରୁ ସେ ଜଣେ ବୟଙ୍କୁ ଡାକି ତା' ସହ ମୋତେ ଏସି ଲାଗିଥିବା ଗୋଟିଏ ସ୍ପେଶାଲ ରୁମ୍ ଭିତରକୁ ପଠାଇଦେଲା।

ମୁଁ ରୁମ୍ ଭିତରେ ବସିବାର ଅଳ୍ପ ସମୟ ଭିତରେ ସେ ଆସି ମୋ ପାଦଛୁଇଁ ନମସ୍କାର କରି ଆଗରେ ପଡ଼ିଥିବା ଗୋଟିଏ ଚୌକିରେ ବସିପଡ଼ିଲା। ମୋ ଆଶ୍ଚର୍ଯ୍ୟର ସୀମା ନ ଥିଲା। ମୋର ସକଳ ସ୍ମୃତି ସେ ଯୁବକକୁ ମାନସପଟରେ ଖୋଜି ପାଇଲିନି। ସେ ତା' ଆଡୁ ନିଜ ନାଁ ଗାଁ ପରିଚୟ ଦେଇ କହିଲା– ସାର୍, ଆଜକୁ ପ୍ରାୟ ପାଞ୍ଚବର୍ଷ ତଳେ ଆପଣଙ୍କ ଅଫିସ୍‌କୁ ଯାଇ ଗୋଟେ ଚାକିରି ଯୋଗାଡ଼ କରିଦେବାକୁ ଅନୁରୋଧ କରିଥିଲି। ମାସକୁ ପାଞ୍ଚ ହଜାର ଟଙ୍କା ହେଲେ ବି ଚଳିବ। ମୋର ଶିକ୍ଷାଗତ ଯୋଗ୍ୟତା ଆଇ.ଏ. ଥିବାରୁ କୌଣସି ଚାକିରି ମୋ ପାଇଁ ନ ଥିଲା। ମାତ୍ର ଆପଣ ମୋତେ ଜିଇବାର ବାଟ ବତେଇ ଦେଲେ, ଯୋଉଥିପାଇଁ ଆଜି ମୁଁ ଏଇଠି ପହଞ୍ଚିପାରିଛି। ଆପଣ ସେଦିନ ମୋତେ କହିଥିଲେ, ପାଞ୍ଚହଜାର ଟଙ୍କା ପାଇଲେ କ'ଣ ନିଜ କୁଟୁମ୍ବ ପୋଷିପାରିବ? ତୁମେ କାହିଁକି ଆତ୍ମନିର୍ଭରଶୀଳ ହୋଇ ଚଳିବାକୁ ଚେଷ୍ଟା କରୁନାହଁ। ବର୍ତ୍ତମାନ ସରକାରଙ୍କ ତରଫରୁ ଚାଲୁଥିବା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଟ୍ରେନିଂ ନେଇ ଅନ୍ୟ ପାଇଁ ଆଦର୍ଶ କାହିଁକି ହେଉନାହଁ? ଆପଣଙ୍କ ପରାମର୍ଶକ୍ରମେ ମୁଁ ସେଦିନ ନିଜ ଗୋଡ଼ରେ ନିଜେ ଠିଆ ହେବି ବୋଲି ମନେ ମନେ ସ୍ଥିର କରିଥିଲି। ହସ୍‌ପିଟାଲିଟିରେ ଟ୍ରେନିଂ ନେଇ ସରକାରଙ୍କଠୁ ଲୋନ୍ ଆଣି ଏଇ ହୋଟେଲଟି କରିଛି। ଆପଣଙ୍କ ଦୟାରୁ ସାର୍, ଭଲରେ ସଂସାର ଚାଲିଛି। ଏଇ ସେ ଆଗରେ ବିଲ୍ଡିଂଟିଏ କରିଛି। ସେଇଠି ରହୁଛି। ଆପଣ ଯେତେବେଳେ ଇଆଡ଼େ ଆସିବେ ନିଶ୍ଚୟ ମୋ ପାଖକୁ ଆସିବେ। ଭୁଲିବେନି ସାର୍। ଆପଣ ସେଦିନ କେଇପଦ ଉପଦେଶ ଦେଇ ନ ଥିଲେ, ମୁଁ ଆଜି ସେଇମିତି ରହିଥାନ୍ତି। କୋଉ ଲୁଗା ଦୋକାନରେ କି ଅଫିସ୍‌ରେ ପାଞ୍ଚ ଦଶ ହଜାର ଟଙ୍କାରେ ଖଟୁଥାନ୍ତି।

ଯୁବକର ନମ୍ରତା ଏବଂ ମୋ ପ୍ରତି ଥିବା ଅକୃତ୍ରିମ ଶ୍ରଦ୍ଧାରେ ମୁଁ ଅଭିଭୂତ ହୋଇପଡ଼ିଲି। ମନେପଡ଼ିଗଲା, ମହାଭାରତର ସେ ଏକଲବ୍ୟ କଥା। ଦ୍ରୋଣ ତାକୁ ରାଜପୁତ୍ରଙ୍କ ସହିତ ଶିକ୍ଷାଦେବାକୁ ମନା କରିଦେଇଥିଲେ। ପଛକୁ ଫେରି ନ ଥିଲା ଏକଲବ୍ୟ। ନିଜର କଠୋର ସାଧନା ଏବଂ ଅଧ୍ୟବସାୟ ପାଇଁ ନିଜେ ଯୋଦ୍ଧା ହୋଇଥିଲେ ବି କୌଣସି ଅହଙ୍କାର ନ ରଖି ସେ ହସି ହସି ଡାହାଣ ହାତର ବୃଦ୍ଧ ଅଙ୍ଗୁଳିଟିକୁ କାଟି ଦେଇଥିଲା। ସେହିପରି ଏ ଯୁବକ ପାଇଁ କିଛି କରି ନ ଥିଲେ ବି ମୋର କେଇପଦ କଥାକୁ ଗଣ୍ଠିଧନ କରି ପାଞ୍ଚବର୍ଷ କାଳ ସଂଘର୍ଷମୟ ଜୀବନରେ ଗତିକରି ନିଜ ପାଦରେ ଠିଆ ହୋଇଛି। କିଛି ଯୁବକଙ୍କୁ ଅନ୍ନସଂସ୍ଥାନର ବ୍ୟବସ୍ଥା କରିଛି, ମାତ୍ର ସକଳ ଶ୍ରେୟ ମୋତେ ଦେଉଛି। ଯୁବକଟିର ଏହି ପ୍ରୟାସ ମୋତେ ଖୁବ୍ ଆନନ୍ଦ ଦେଇଥିଲା।

ଆଜିର ଯୁବସମାଜ ସେହି ଯୁବକଙ୍କଠାରୁ ଯଦି ଏହି ପ୍ରେରଣା ଟିକକ ଗ୍ରହଣ କରିପାରନ୍ତେ ତେବେ ସେମାନଙ୍କୁ ହତାଶାବୋଧ ଆଦୌ ଗ୍ରାସ କରନ୍ତା ନାହିଁ। ଆଜିକାଲି ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ଯୁବଗୋଷ୍ଠୀଙ୍କୁ କେବଳ ଚାକିରି ନିଶା ହିଁ ଘାରିଛି। ଚାକିରି ନ ମିଳିଲେ ସେମାନେ ହତାଶ ହୋଇପଡୁଛନ୍ତି। ବଞ୍ଚିବା ପାଇଁ ଯେ ଅନେକ ଉପାୟ ଅଛି, ଏକଥା ସେମାନେ ଭାବି ପାରୁନାହାନ୍ତି। କେବଳ ସେତିକି ନୁହେଁ ଚାକିରି ନ ମିଳିଲେ ସେମାନେ ନାନାପ୍ରକାର ଅସାମାଜିକ କାର୍ଯ୍ୟରେ ପ୍ରବୃତ୍ତ ହେଉଥିବାର ଦେଖାଯାଉଛି। ସହଜରେ ଅଧିକ ଉପାର୍ଜନ କରି ରାତାରାତି ଧନୀ ହେବାର ସ୍ୱପ୍ନ ଦେଖୁଛନ୍ତି। ନିକଟ ଅତୀତରେ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ କରିବା ଅଭିଯୋଗରେ ପୋଲିସ ଯେଉଁମାନଙ୍କୁ ଗିରଫ କରିଥିଲା, ସେମାନଙ୍କ ମଧ୍ୟରୁ ଦୁଇଜଣ ଇଞ୍ଜିନିୟର ଛାତ୍ର ଥିବାର ଜଣାପଡ଼ିଥିଲା। ଯେଉଁ ଯୁବକମାନେ ଉଚ୍ଚ ଶିକ୍ଷିତ ହେବାର ସ୍ୱପ୍ନ ଦେଖୁଥିଲେ, ଦେଶ ସେମାନଙ୍କଠାରୁ ଅନେକ କିଛି ଆଶା କରୁଥିଲା ; ସେମାନେ ଯଦି ଲୁଟେରା ହୁଅନ୍ତି– ଏହାଠାରୁ ଦୁର୍ଭାଗ୍ୟ ଏ ଦେଶ ପାଇଁ କ'ଣ ଅଛି? ଏହି ପରିପ୍ରେକ୍ଷୀରେ ବିଜୁ ପଟ୍ଟନାୟକଙ୍କର ଗୋଟିଏ ଉକ୍ତି ମନେପଡୁଛି। ଏ ପ୍ରାବନ୍ଧିକ ବାଣୀବିହାରରେ ପଢୁଥିବାବେଳେ ବିଜୁବାବୁ ଛାତ୍ର ସଂସଦର ବାର୍ଷିକ ଉତ୍ସବକୁ ଥରେ ଅତିଥି ହୋଇ ଆସିଥିଲେ। ସେତେବେଳେ ସେ ବିରୋଧୀ ଦଳର ନେତା। ବାଣୀବିହାର ପ୍ରେକ୍ଷାଳୟରେ ଭାଷଣ ଦେବା ପାଇଁ ଆରମ୍ଭ କରିବା ବେଳେ ସେ ଲକ୍ଷ୍ୟକଲେ କିଛି ଯୁବକ ଦୁଇ ପକେଟରେ ହାତପୂରାଇ ଠିଆ ହୋଇଛନ୍ତି। ସେ କହିବାକୁ ଆରମ୍ଭ କଲେ– ମୋ ଦେଶର ଦୁର୍ଭାଗ୍ୟ ହେଉଛି ଯୁବକମାନେ ନିଜର ଦୁଇହାତକୁ କି କାମରେ ଲଗେଇବେ ଜାଣି ନ ପାରି ତା'କୁ ପକେଟରେ ପୂରାଇ ବୁଲୁଛନ୍ତି। ଏ ଦେଶର ଭାଗ୍ୟ ବଦଳିବ କେମିତି? ଯେଉଁଦିନ ଏ ଯୁବକମାନେ ନିଜ ହାତକୁ ଠିକଣା ଭାବରେ କାମରେ ଲଗେଇପାରିବେ ସେଦିନ ହିଁ ମୋ ଦେଶର ଭାଗ୍ୟ ବଦଳିଯିବ।

ବିଜୁବାବୁଙ୍କର ଏ ଉକ୍ତି ପ୍ରତ୍ୟେକ ଯୁବକଙ୍କ ପାଇଁ ପ୍ରେରଣାଦାୟକ ବୋଲି ମନେହୁଏ। ଯୁବକମାନେ ହିଁ ଏ ଦେଶର ଭାଗ୍ୟନିର୍ମାତା। ରାଜନେତାଙ୍କ ପଛରେ ଧାଇଁ ଧାଇଁ କିମ୍ବା କେଉଁଠି ପାଞ୍ଚ ଦଶ ହଜାର ଟଙ୍କାରେ ଚାକିରିଟେ କରି ହୁଏତ ସେମାନେ ପେଟ ପୋଷି ପାରିବେ, ମାତ୍ର ସ୍ୱାଧୀନ ଭାବରେ କିଛି କରିବାର କ୍ଷମତା ହରାଇ ବସିବେ। ବୟସ ଗଡ଼ିଗଲା ପରେ ନିଜକୁ ଠିଆ କରାଇବାର ଅବସର ମିଳିବ ନାହିଁ।

ଏ ବିଶ୍ୱରେ ଅନେକ ବ୍ୟକ୍ତି ନିଜ ସାଧନା ବଳରେ ସଫଳ ଉଦ୍ୟୋଗୀ, ରାଜନୀତିଜ୍ଞ, ବୈଜ୍ଞାନିକ ପ୍ରଭୃତି ହୋଇପାରିଛନ୍ତି। ଏହି ସଫଳତା ପଛରେ ସେମାନଙ୍କର ଥିଲା ଆତ୍ମବିଶ୍ୱାସ, ନିରବଚ୍ଛିନ୍ନ ସାଧନା ଓ ଧୈର୍ଯ୍ୟ। ମନେରଖିବା ଉଚିତ ହତାଶା, ଧୈର୍ଯ୍ୟହୀନତା ଏବଂ ଅସଂଯତ ଭାବନା ହିଁ ସିଦ୍ଧିର ପ୍ରଧାନ ପ୍ରତିବନ୍ଧକ। କଷ୍ଟ ସ୍ୱୀକାର କରି ସଫଳତାର ଶୀର୍ଷରେ ଉପନୀତ ହେବାର ବହୁଳ ଦୃଷ୍ଟାନ୍ତ ଏ ବିଶ୍ୱରେ ଅଛି। କେତୋଟି ଉଦାହରଣ ଦିଆଯାଇପାରେ, ଆଜି ଭାରତବର୍ଷରେ ପ୍ରତିଷ୍ଠିତ ରିଲାଏନସ୍ କମ୍ପାନୀର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ ମାତ୍ର ଷୋଳ ବର୍ଷ ବୟସରେ ୟେମେନ୍‌ରେ ଜଣେ ସାଧାରଣ କିରାଣି ଭାବରେ କାମ କରିଥିଲେ। ମାତ୍ର ତାଙ୍କୁ ଏ ବୃତ୍ତି ବାନ୍ଧିପାରିଲା ନାହିଁ। ସେ ଭାରତ ପଳାଇ ଆସି ଜଣେ ବନ୍ଧୁଙ୍କ ସହିତ ମିଶି ବେପାର ଆରମ୍ଭ କଲେ। ଅଧାରୁ ତାଙ୍କ ବନ୍ଧୁ ତାଙ୍କୁ ଛାଡ଼ି ଚାଲିଗଲେ। ଧୀରୁଭାଇ ପଛକୁ ହଟିଲେ ନାହିଁ। ତାଙ୍କର ନିଷ୍ଠା ଏବଂ ଆତ୍ମବିଶ୍ୱାସ ତାଙ୍କୁ ଆଜି ବିଶ୍ୱରେ ଜଣେ ଧନୀ ବ୍ୟକ୍ତି ଭାବରେ ପରିଚିତ କରାଇପାରିଛି। ଅରୁଣିମା ସିହ୍ନା ଥରେ ଦୁର୍ବୃତ୍ତଙ୍କ ଦ୍ୱାରା ଶିକାର ହୋଇ ଦୁଇଟି ଗୋଡ଼ ହରାଇଥିଲେ। ମାତ୍ର ଏଭରେଷ୍ଟ ଆରୋହଣର ଇଚ୍ଛା ତାଙ୍କର ପ୍ରଶମିତ ହେଲାନାହିଁ। ସେ ବଚ୍ଛେନ୍ଦ୍ରୀ ପାଲଙ୍କ ପରାମର୍ଶ କ୍ରମେ ଏଭରେଷ୍ଟ ଆରୋହଣ କରି ସଫଳ ହୋଇଥିଲେ। ମାତ୍ର ପାଞ୍ଚ ବର୍ଷ ବୟସରେ ମାଆକୁ ହରାଇ ଜଣେ କଣ୍ଡକ୍ଟର ଭାବରେ ଜୀବିକା ନିର୍ବାହ କରୁଥିଲେ ରଜନୀକାନ୍ତ। ଏ ବୃତ୍ତିରେ ଥାଇ ବି ଜଣେ କଳାକାର ହେବାର ପ୍ରବୃତ୍ତି ତାଙ୍କ ଭିତରେ ଲୁଚି ରହିଥିଲା। ପରବର୍ତ୍ତୀ ସମୟରେ ବହୁ ପରିଶ୍ରମ କରି ଏବେ ସେ ଜଣେ ପଦ୍ମବିଭୂଷଣ ଉପାଧିପ୍ରାପ୍ତ ଆଗଧାଡ଼ିର କଳାକାର ହୋଇପାରିଛନ୍ତି। ଏହା ହିଁ ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ପାର୍ଥକ୍ୟ। ବୃତ୍ତି ବଞ୍ଚିବାର ମାର୍ଗ, ମାତ୍ର ଉତ୍ତମ ବାଟରେ ପରିଚାଳିତ ପ୍ରବୃତ୍ତି ସଫଳତାର ଚାବିକାଠି।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ,
ଭଦ୍ରକ, ମୋ-୭୯୭୮୯୦୩୫୦୯

# ମମତାର ଡାକ



ଦ୍ୱିତୀ ଚନ୍ଦ୍ର ସାହୁ

ପ୍ରବଳ ଖରାରେ ଗାଁକୁ ଯିବାକୁ ବାହାରିଲେ ମା'। ସ୍ନେହର ପରଶରେ, ମମତାର ମୋହରେ ବନ୍ଧା ସ୍କୁଲପଢୁଆ କିଶୋର ଛାଡ଼ିବାକୁ ବାହାରିଲା ଆପେ ଆପେ। ପୁଅ ଧରିଲା ସାଇକେଲ। ନିମିଷକରେ ପହଞ୍ଚିଗଲେ ବସ୍‌ଷ୍ଟପରେ। ଫେରିବାବେଳେ ରାସ୍ତାର ଏକ ମୋଡ଼ରେ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ତଳେ ଚାପି ହୋଇଗଲା ପୁଅ ଆଖିପିଛୁଳାକେ। ଘଟଣା ସମ୍ପର୍କରେ ଜାଣିବା ପରେ ମା'ଙ୍କ ଆର୍ତ୍ତ ଚିତ୍କାରରେ ଫାଟିପଡ଼ିଲା ଘଟଣାସ୍ଥଳ। ମରଣ ସହ ସଂଘର୍ଷ କରୁଥିବା ପୁଅକୁ ବଞ୍ଚାଇବା ଲାଗି ଆକୁଳ ନିବେଦନ କଲା ସେ। ରାସ୍ତାରେ ଯାଉଥିବା ଅନ୍ୟ ଗାଡ଼ି ଓ ସମବେତ ଲୋକଙ୍କ ନିକଟରେ ନେହୁରା ହେଲା ନିଜ ପୁଅକୁ ଉଦ୍ଧାର କରିବା ଲାଗି। ଶେଷରେ ଉଦ୍ଧାର ହେଲା ପୁଅ। କିନ୍ତୁ ବିଳମ୍ବଜନିତ କାରଣରୁ ମା'କୁ ଚିରଦିନ ଛାଡି ଚାଲିଗଲା କିଶୋର ପୁଅ। ଏ ଯାଏ ପୁଅର ଜୀବନ ଲାଗି ସଂଗ୍ରାମ କରୁଥିବା ମା' ଜୀବନର ନିଷ୍ଠୁର ସତ୍ୟକୁ ସାମ୍ନା କରିବା ପରେ ଚେତାଶୂନ୍ୟ ହୋଇଗଲା। ସେ ଜାଣିଗଲା ତା' ଆଖି ସାମ୍ନାରେ ପୁଅ କୋଳ ଶୂନ୍ୟକରି ଭଗବାନଙ୍କ ପ୍ରିୟ ହୋଇଗଲା।

ଆଉ ଏକ ଦୃଶ୍ୟ। ୯୯ ବର୍ଷ ବୟସ୍କା ମା' ହୀରାବେନ୍ ମୋଦି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'। ପୁତ୍ର ପ୍ରଚଣ୍ଡ ଜନାଦେଶ ପାଇ ଦ୍ୱିତୀୟଥର ନିର୍ବାଚିତ ହେବା ପରେ ମା'ଙ୍କ ଆଶୀର୍ବାଦ କାମନା ଲାଗି ଛୁଟିଗଲେ ଗାନ୍ଧୀନଗର। ଯାହାଙ୍କ ନିକଟରେ ସମସ୍ତେ ମଥାନତ ହେଉଛନ୍ତି, ସେ କିନ୍ତୁ ନତମସ୍ତକପୂର୍ବକ ମା'ଙ୍କ ପାଦ ଛୁଇଁ ଶୁଭାଶିଷ କାମନା କଲେ। ମା'ଙ୍କ ଶୁଭାଶିଷ ଯେ ଏକ ଶକ୍ତିଶାଳୀ ରକ୍ଷାକବଚ, ଏ କଥା ଚିର କାଳ ଭାରତୀୟ ସଂସ୍କୃତିରେ ପ୍ରମାଣିତ ହୋଇଆସିଛି। ମୁଣ୍ଡରେ ମା'ବାପାଙ୍କ ହାତ ଥିଲେ କାଳେ ଦୁନିଆର ସବୁ ଶକ୍ତିକୁ ପରାହତ କରାଯାଇପାରେ। ସମ୍ଭବତଃ ମହାଭାରତୀୟ ସଂସ୍କୃତିର ଏଇ ଗୌରବମୟ ପରମ୍ପରା ପୁଣି ଥରେ ପ୍ରମାଣିତ ହୋଇଛି। ଏଇ ମର୍ମକଥାକୁ ବୁଝିଛନ୍ତି ବୋଲି ହିଁ ସେ ପ୍ରତିଟି ଶୁଭକାମ ପୂର୍ବରୁ ମା'ଙ୍କ ଆଶୀର୍ବାଦ କାମନା କରିବାକୁ ଆଦୌ ଭୁଲନ୍ତି ନାହିଁ।

ତୃତୀୟ ଦୃଶ୍ୟ। ଡିଗିଡିଗା ଖରା। ନିଆଁ ବର୍ଷୁଛି। ଛାଇ ପାଇଁ ପଶୁପକ୍ଷୀ ବି କାତର। କିନ୍ତୁ ସ୍ୱାମୀକୁ ହରାଇଥିବା ବୃଦ୍ଧା ମା' ଅପେକ୍ଷାରତ ଘରର ଫାଟକ ସାମ୍ନାରେ। ବଡ଼ ପୁଅ ଗେଟ୍ ଖୋଲିଲେ ଘରକୁ ଯିବ। ହିସାବ ମୁତାବକ ମାସ ପୂରିଯିବା ପରେ ସାନ ପୁଅ ଆଣି ଛାଡିଦେଇଗଲା ଚୁପ୍‌ଚାପ୍ ବଡ଼ପୁଅର ଘର ସାମ୍ନାରେ। ବହୁ ନିବେଦନ ପରେ ବି ବ୍ୟାଙ୍କ ଚାକିରି କରୁଥିବା ବଡ଼ପୁଅ ଖୋଲୁ ନ ଥିଲା ଗେଟ୍। ଅସହାୟ ମା' ଗଡ଼ଉଥିଲା ଲୁହ ଭୋକରେ ଓ କୋହରେ। ବୃଦ୍ଧା ମା' ଶେଷରେ ଫାଟକ ସାମ୍ନାରେ ବସିଗଲା। ରାସ୍ତାରେ ଯାତାୟାତ ଲୋକଙ୍କ ତର ସହିଲାନି। ମା' ପ୍ରତି ପୁଅମାନଙ୍କ ଅତ୍ୟାଚାରକୁ ସହି ପାରିଲେନି। ହସ୍ତକ୍ଷେପ କଲେ। ପୋଲିସକୁ ଖବର ଦେଲେ। ଗଣମାଧ୍ୟମ ସହଯୋଗର ହାତ ବଢ଼େଇଲା। ଜେଲଯିବା ଭୟରେ ଅମାନୁଷିକ ପୁଅଙ୍କ ଭିତରେ କଳିର ଆପାତତଃ ଲିଖିତ ସମାଧାନ ହେଲା। ବ୍ୟାଙ୍କ ଚାକିରିଆ ପୁଅ ମା'ର ଭରଣପୋଷଣ ଲାଗି ମାସିକ ଖର୍ଚ୍ଚ ଦେବ। ସାନପୁଅ ମା'ର ଦାୟିତ୍ୱ ନେବ।

ମା'କୁ ନେଇ ଏମିତି ଅନେକ ଦୃଶ୍ୟ ଆଜି ସମାଜରେ। ମା'ର ଅନେକ ରୂପ ଯାହାକୁ ଶବ୍ଦରେ ବାନ୍ଧିରଖିବା ସହଜ ନୁହେଁ। ପିଲା ପାଇଁ ସବୁ କିଛି କରିପାରେ ମା'। ଗର୍ଭଯନ୍ତ୍ରଣା ସହି ଜନ୍ମ ଦେଇଥିବା ମା' ପୁଅର ଉଜ୍ଜ୍ୱଳ ଭବିଷ୍ୟତ କାମନାପୂର୍ବକ ବାର ଓଷା ତେର ପର୍ବ ପାଳନ କରେ। ଶୀତଳ ପଣତରେ ଘୋଡେଇ ରଖିବା ଲାଗି ଗାଁ ଠାକୁରାଣୀଙ୍କ ନିକଟରେ ଅଧିଆ ପଡେ। ନିଜ ପେଟ କାଟି ପୁଅର ପେଟ ଭରେ। ଘୋଡାମୁହାଁ ପୁଅର ସବୁ ଦୁର୍ଗୁଣକୁ ପଣତ କାନିରେ ଲୁଚାଇ ରଖି ସମାଜରେ ଭଲ ହେବାକୁ ତୁହାଇ ତୁହାଇ ବୁଝାଏ। ପୁଅ ମୁହଁରେ ଚେନାଏ ହସ ଓ ଖୁସି ଲାଗି ସମସ୍ତ ପ୍ରକାର ଉଦ୍ୟମ କରେ। ଅଥଚ ଆଜିର ଅନେକ ପୁଅ ମୁଣ୍ଡକୁ ହାତ ପାଇବା ପରେ ମା'କୁ ଭୁଲିଯାନ୍ତି। ମା' ପ୍ରତି ଥିବା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଅଣଦେଖା କରନ୍ତି। ବାସ୍ତବରେ ମା' ସବୁବେଳେ କ'ଣ ଚାହେଁ? ପୁଅର ସୁଖ, ଉଜ୍ଜ୍ୱଳ ଭବିଷ୍ୟତ, ନିଜ ଆୟୁଷ ନେଇ ପୁଅ ଯେପରି ଚିରଞ୍ଜୀବୀ ହୋଇ ରହେ। ପ୍ରତିବଦଳରେ ପରିଣତ ବୟସରେ ସ୍ୱଚ୍ଛନ୍ଦରେ, ସମ୍ମାନରେ ନିଜ ଘରେ ରହିବାର ଅଭୀପ୍ସା। ବାସ୍ ଏଇ ସାମାନ୍ୟ ଇଚ୍ଛାକୁ ସମ୍ମାନ ଦେବାରେ ଆମର ଏତେ କାର୍ପଣ୍ୟ! ଏଇକ୍ରମରେ ଯେଉଁଠି ମା' ନିଜ ପୁଅର ପ୍ରାଣ ଲାଗି ଆକୁଳ ନିବେଦନ କରେ, ବୟସ୍କ ପୁଅ ମୁଣ୍ଡରେ ବି ଆଶୀର୍ବାଦର ହାତ ରଖେ, ସେଇଠି ବି ଦେଖାଯାଏ କୃତଘ୍ନ ଭାବେ ମା'ର ସ୍ନେହଭରା ହୃଦୟକୁ ବିଦାରି ଦେଉଥିବା ବ୍ୟାଙ୍କ ଅଫିସର ଭଳି କୁଳଙ୍ଗାରମାନେ। ତଥାପି ମା' ସର୍ବକାଳେ ମମତାରେ ଭରା। ଏଇ ମମତାର ଡାକକୁ ପଢ଼ିବାରେ ଓ ବୁଝିବାରେ ସନ୍ତାନଙ୍କର ତ୍ରୁଟି ରହିଯାଉଛି ନିଶ୍ଚିତ। କାରଣ ସବୁ ମା'ର ହୃଦୟ ଏକା ପ୍ରକାରର। କିନ୍ତୁ ବଦଳୁଥିବା ହୃଦୟ ହେଉଛି ପୁଅମାନଙ୍କର!

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡା,
ମୋ – ୯୫୫୬୨୮୭୭୭୫,
dwitisahu@gmail.com

## ଏଇ ଭାରତରେ

ଏପରି ଅନେକ ରହସ୍ୟମୟ ବିଷୟ ରହିଛି ଯାହା ଅନେକଙ୍କୁ ଅଜଣା। ପ୍ରକୃତି କୋଳରେ ବଢୁଥିବା ବିଭିନ୍ନ ବୃକ୍ଷକୁ ଲୋକେ ପୂଜା କରିଥାନ୍ତି। ଶାଳଗଛ ତନ୍ମଧ୍ୟରୁ ଅନ୍ୟତମ। ଛତିଶଗଡ଼ର ବାଲ୍‌କୋ ବନଖଣ୍ଡ ଅଞ୍ଚଳର କୋରୱା ବ୍ଲକ୍‌ର ସତରେଙ୍ଗା ଗାଁରେ ରହିଛି ୧୪ ଶହ ବର୍ଷର ଏକ ପୁରାତନ ଶାଳଗଛ। ଏଠାକାର ବାସିନ୍ଦା ଏହି ଗଛକୁ ଦେବତା ଭଳି ପୂଜା କରିଥାନ୍ତି। ବିବାହ ତଥା ବିଭିନ୍ନ ପର୍ବପର୍ବାଣିରେ ଗ୍ରାମବାସୀ ଏହି ଗଛ ନିକଟରେ ପୂଜା କରନ୍ତି। ଗଛର ଉଚ୍ଚତା ୨୮ ମିଟର ଓ ଗୋଲେଇ ୨୮ଫୁଟ ୨ ଇଞ୍ଚ। ଏହାକୁ ବନଖଣ୍ଡ କର୍ମଚାରୀମାନେ ୨୦୦୬ରେ ଚିହ୍ନଟ କରିଥିଲେ। ଏହାର ବୟସ ଜାଣିବା ପାଇଁ ଗଛର କେତେକ ସଂଗୃହୀତ ନମୁନା ଡେରାଡୁନ୍ ସ୍ଥିତ ବନ ଗବେଷଣା ବିଭାଗକୁ ପଠାଯାଇଥିଲା। ଗବେଷଣାରୁ ଜଣାପଡ଼ିଥିଲା ଗଛଟିର ବୟସ ୧୪ଶହ ବର୍ଷରୁ ଅଧିକ ହେବ। ତେବେ ଶାଳ ଗଛର ଆୟୁଷ ୨ ହଜାର ବର୍ଷ ହୋଇଥାଏ ବୋଲି ଡେରାଡୁନ୍‌ସ୍ଥିତ ବନ ଗବେଷଣା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଗଛକୁ ଦେଖିବାକୁ ଦେଶବିଦେଶରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି।

### ଚିରନ୍ତନୀ

ପାକଳା ଧାନ ସୁଗନ୍ଧେ ଆଜି
ପୂରିଛି ବ୍ୟୋମ ପୂରିଛି ଧରା
ମୂକ ଧିଆନେ ତବଧ ସବୁ
ଭୁବନ ଆଜି ନିଜ ପାସୋରା।
(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୯୪

- ଦୀର୍ଘ ୭ ସପ୍ତାହ ଧରି ୟେମେନରେ ଚାଲିଥିବା ଗୃହଯୁଦ୍ଧକୁ ସମାପ୍ତ କରିବା ପାଇଁ ବିଶ୍ୱ ସମୁଦାୟ ଉଦ୍ୟମ କରିବା ଉଚିତ ବୋଲି ଦକ୍ଷିଣ ୟେମେନ ପକ୍ଷରୁ ଅନୁରୋଧ କରାଯାଇଛି।
- ଶରଦ ଯାଦବଙ୍କ ନେତୃତ୍ୱରେ ଗଠିତ ଜନତା ଦଳ ପାର୍ଲାମେଣ୍ଟାରି ପାର୍ଟିରୁ ରବି ରାୟଙ୍କ ସମେତ ୧୪ଜଣ ଏମ୍‌ପି ଦଳ ଛାଡିଲେ।

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟରଙ୍କ ଆତ୍ମସମୀକ୍ଷା

ମହାଶୟ,

୨୦୧୯ ଲୋକ ସଭା ଓ ବିଧାନସଭା ନିର୍ବାଚନ ସରିଲା। ସଂଖ୍ୟାଗରିଷ୍ଠତା ଲାଭ କରିଥିବା ଦଳ ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରିସାରିଛନ୍ତି। ବର୍ତ୍ତମାନ ଆମ ଭୋଟଦାତାମାନଙ୍କର ଆତ୍ମସମୀକ୍ଷାର ବେଳ। ଆମେ କେତେଦୂର ଯୋଗ୍ୟ ନେତାମାନଙ୍କୁ ବାଛିପାରିଛୁ ତା'ର ସମୀକ୍ଷା କରିବା ଉଚିତ। ଜଣେ ନେତାଙ୍କ ପାଖରେ ଯଦି ନିମ୍ନୋକ୍ତ ଗୁଣଗୁଡିକ ରହିଥିବ, ସେ ଜଣେ ଉଚ୍ଚକୋଟୀର ଲୋକପ୍ରତିନିଧି ବୋଲି ବିବେଚିତ ହେବେ। ସେହି ଗୁଣଗୁଡିକ ହେଲା ବିନୟୀ, ପ୍ରିୟଦର୍ଶୀ, ତ୍ୟାଗୀ, ବିବେକୀ, ଦକ୍ଷ, ଲୋକପ୍ରିୟ, ପବିତ୍ର, ବାଗ୍ମୀ, ଧାର୍ମିକ, ନିର୍ଲୋଭ, ଧୀରତା, ନିରପେକ୍ଷତା ଓ ସାଧୁତା। ଆମେ ଯେଉଁ ନେତାମାନଙ୍କୁ ବାଛିଚେ, ସେମାନେ ଏହି ଗୁଣଗୁଡିକର ଅଧିକାରୀ ତ! ତାହା ନ ହେଲେ ଆମକୁ ଉତ୍ତମ ଶାସନ ଦେବାରେ ସେମାନେ ଅକ୍ଷମ ହେବେ ଓ ଆମେ ଉପଯୁକ୍ତ ନେତା ବାଛିପାରିନାହୁଁ ବୋଲି ଅନୁତାପ କରିବାକୁ ପଡିବ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

### ଅଗ୍ନିଶମ ବିଭାଗର ଚଢ଼ାଉ

ଗୁଜରାଟର ସୁରଟରେ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ପରେ ଓଡ଼ିଶାର ଅଗ୍ନିଶମ ବିଭାଗ ତତ୍ପର ହୋଇ ଉଠିଲା କାହିଁକି। କୋଚିଂ ସେଣ୍ଟରକୁ ସତର୍କ ବା ଦଣ୍ଡିତ କରିବା ପୂର୍ବରୁ ଏ ବିଭାଗକୁ ଦଣ୍ଡିତ କାହିଁକି କରା ନ ଯିବ। ଏ ବିଭାଗର ଏହା ଯଦି ଦାୟିତ୍ୱ ତା'ହେଲେ ଆଗରୁ କାହିଁକି ସତର୍କ ବା ପଦକ୍ଷେପ ନେଉ ନ ଥିଲା ନା ଏଥିରେ କୋଚିଂ ସେଣ୍ଟରଗୁଡ଼ିକ ଏମାନଙ୍କୁ ପିସି ଦେଉଥିଲେ। କଥାରେ ଅଛି ଠିକିଲେ ଶିଖନ୍ତି, ତା' ବି ନୁହେଁ। କାରଣ ସବୁ ସମୟରେ ଖବର ବାହାରୁଛି ବାଇକ୍ ଡିକିରୁ ଲକ୍ଷ ଲକ୍ଷ ଟଙ୍କା ଚୋରି। ପୁଣି ବାଇକ୍‌ରେ ଟଙ୍କା ରଖୁଛୁ ଏବଂ ଚୋରି ହେଉଛି। ନିଜ କାର୍ଯ୍ୟ ନିଜେ କରୁଥିଲେ ଏ ଅସୁବିଧା ହୁଅନ୍ତା ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ରାସ୍ତାକଡ଼ରେ ପଶୁହତ୍ୟା

ସର୍ବ ସମ୍ମୁଖରେ ସର୍ବସାଧାରଣ ରାସ୍ତାକଡ଼ରେ ନିରୀହ ପଶୁ ଛେଳି, ମେଣ୍ଢା ଓ କୁକୁଡ଼ାମାନଙ୍କୁ ମରାଯାଉଛି। ରାସ୍ତାରେ ଯାଉଥିବା ଜନସାଧାରଣ ତଥା ଛାତ୍ରଛାତ୍ରୀ ଏହାକୁ ଦେଖୁଛନ୍ତି। ସେମାନଙ୍କ ମନରେ କି ପ୍ରକାର ଭାବ ସୃଷ୍ଟି ହେଉଥିବ? ଜୀବହତ୍ୟା ମହାପାପ ବୋଲି ସମସ୍ତେ ଭୁଲିଯାଉଛନ୍ତି। ପଶୁଙ୍କୁ ମାରି ବିକ୍ରି କରିବା ଓ କିଣିବା ବ୍ୟକ୍ତି ଦୋଷୀ। ତାକୁ ଦେଖି ବିରୋଧ କରୁ ନ ଥିବା ବ୍ୟକ୍ତି ମଧ୍ୟ ଦୋଷୀ। ଏ କଥା ଭଗବାନ୍ ମନୁ କହିଛନ୍ତି। ଏଣୁ ପ୍ରଶାସନ ସର୍ବସାଧାରଣ ରାସ୍ତାକଡ଼ରେ ପଶୁହତ୍ୟାକୁ ବାରଣ କରନ୍ତୁ। ଜୀବେ ଦୟା ଭାବନା ପରାହତ ନ ହେଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ନାବାଳିକାଙ୍କ ବିବାହ ବନ୍ଦ ହେଲା

**ନାକଟିଦେଉଳ,୨୧।୬(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା କୁଞ୍ଜମୁରା ଗ୍ରାମରେ ଶୁକ୍ରବାର ଜଣେ ନାବାଳିକାଙ୍କ ବିବାହକୁ ବନ୍ଦ କରା ଯାଇଛି। ପିଠାଖାଇନଟି ସାହିର ଜଣେ ୧୬ବର୍ଷିୟା ନାବାଳିକାଙ୍କୁ ରେଢ଼ାଖୋଲ ଥାନା ଅନ୍ତର୍ଗତ ଡଇଁଚା ଗ୍ରାମର ରଞ୍ଜନ ନାଏକ ନାମକ ଜଣେ ଯୁବକ ବିବାହ କରିବାର ଥିଲା। ରେଢ଼ାଖୋଲ ଚାଇଲ୍ଡ ଲାଇନ ଏ ସମ୍ପର୍କରେ ସୂଚନା ପାଇ ନାକଟିଦେଉଳ ସିଡ଼ିପିଓ କ୍ଷୀରାବ୍ଧୀ ପାଣ୍ଡିଆଙ୍କୁ ଅବଗତ କରିଥିଲା। ଏହାପରେ ରେଢ଼ାଖୋଲ ଚାଇଲ୍ଡ ଲାଇନର ସଂଯୋଜକ ସଞ୍ଜୟ ସାଗର, ଟିମ୍ ମେମ୍ବର ସାଗର ନନ୍ଦିନୀ ପ୍ରଧାନ ଏବଂ ସିଡ଼ିପିଓ କ୍ଷୀରାବ୍ଧୀ ପାଣ୍ଡିଆ ପ୍ରମୁଖ ନାକଟିଦେଉଳ ଥାନାର ସହାୟତା ଲୋଡ଼ିଥିଲେ। ଆଇଆଇସି ଇସ୍ପାଇଲ ଏକ୍କା ସଦଳବଳେ ଉକ୍ତ ଅଧିକାରୀମାନଙ୍କ ସହିତ ଗାଁରେ ପହଞ୍ଚି ଏହି ବିବାହକୁ ବନ୍ଦ କରି କନ୍ୟା ଓ ବରପକ୍ଷ ଲୋକଙ୍କୁ ଥାନାକୁ ନେଇ ପଚରା ଉଚୁରା କରିଥିଲେ । ଶେଷରେ ଚାଇଲ୍ଡ ଲାଇନର ଅଧିକାରୀମାନେ ନାବାଳିକାଙ୍କୁ ଚାଇଲ୍ଡଲାଇନ ସେଣ୍ଟରକୁ ନେଇଯାଇଛନ୍ତି।

### ଯୁଯୁମୁରା ଆଦର୍ଶ ବିଦ୍ୟାଳୟ ପାଠପଢ଼ା ଆରମ୍ଭ

**ସମ୍ବଲପୁର,୨୧।୬(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଆଦର୍ଶ ବିଦ୍ୟାଳୟରେ ଚଳିତ ବର୍ଷଠାରୁ ପାଠ ପଢ଼ା ଆରମ୍ଭ ହେବ। ଏ ନେଇ ଶୁକ୍ରବାର ଯୁଯୁମରା ୟୁପି ସ୍କୁଲଠାରେ ଅସ୍ଥାୟୀ ଭାବେ ଶିକ୍ଷାଦାନ ଆରମ୍ଭ ହୋଇଛି। ଯୁଯୁମୁରା ବିଡିଓ ସରୋଜ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଅଶ୍ୱିନୀ କୁମୁରା, ବରୁଣ ଦେହୁରୀଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟଯେ, ଯୁଯୁମୁରାଠାରେ ୨୦୧୯-୨୦ ଶିକ୍ଷାବର୍ଷଠାରୁ ପାଠ ପଢ଼ା ହେବ ବୋଲି ସ୍ଥିର କରାଯାଇଥିଲା। ଏଥିପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳରେ କୋଠା ନିର୍ମାଣ କାମ ଚାଲିଛି। ହେଲେ ନିର୍ମାଣ କାମ ଏବେ ଅଧ ଅପନ୍ତରିଆ ହୋଇ ପଡି ରହିଛି। ତେଣୁ ଚଳିତ ବର୍ଷ ପାଠ ପଢ଼ା ହେବା ନେଇ ସନ୍ଦେହ ଦେଖା ଦେଇଥିଲା । ହେଲେ ଶେଷରେ ଆରମ୍ଭ ହୋଇଛି।

### ଅନୁଗୋଳରେ ସମ୍ବଲପୁର ଏମ୍‌ପିଙ୍କ ନୋଡାଲ ଅଫିସ ସ୍ଥାନାନ୍ତର ପାଇଁ ଜିଲାପାଳଙ୍କୁ ନିତେଶଙ୍କ ଚିଠି

**ସମ୍ବଲପୁର,୨୧।୬(ବ୍ୟୁରୋ):** ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଏମ୍‌ପି ନିତେଶ ଗଙ୍ଗଦେବ ସମ୍ବଲପୁରବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି। ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନାଙ୍କୁ ସେ ଚିଠି ଲେଖିଛନ୍ତି। ଅନୁଗୋଳରେ ଥିବା ସମ୍ବଲପୁର ଏମପିଙ୍କ ନୋଡାଲ ଅଫିସକୁ ସ୍ଥାନାନ୍ତର ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ଅନୁଗୋଳରେ ଏମପିଙ୍କ ଏହି ଅଫିସ ଥିବାରୁ ସମ୍ବଲପୁରବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ରହିଛି। ଏବେ ଏମ୍‌ପିଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

### କାଳବୈଶାଖୀରେ ଆଜବେଷ୍ଟସ ଉଡ଼ିଗଲା

**ନାକଟିଦେଉଳ,୨୧।୬(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତର ପଣ୍ଡୁଆଖୋଲରେ କାଳବୈଶାଖୀ ଯୋଗୁ ଲୋକଙ୍କ ଘରର ଆଜବେଷ୍ଟସ ଉଡ଼ିଯାଇଛି। ବିପିନ ବିହାରୀ ସାହୁ, ମକର କେତନ ମାଟିଆରୀ, ପ୍ରମୋଦ ବେହେରା, ରବୀନ୍ଦ୍ର ବେହେରା, ମଦନ ବେହେରା, ଶେଷଦେବ ଦେହୁରୀ, ଦଶରଥ ବିଶ୍ୱାଳ, ପଦ୍ମିନୀ ବେହେରା ଏବଂ ବନମାଳୀ ଷଣ୍ଢଙ୍କ ଘରର ଆଜବେଷ୍ଟସ ଉଡ଼ିଯାଇଛି।

### ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ରେଢାଖୋଲ୨୧।୬(ଡି.ଏନ.ଏ.):** ରେଢାଖୋଲ ସହର ଉପକଣ୍ଠସ୍ଥ ଡିମିରିକୁଦା ନିକଟରେ ଶୁକ୍ରବାର ଅପରାହ୍ନ ୪ଟା ବେଳେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏହି ଯୁବକ ଜଣକ ହେଲେ ଗୋଗୁଆ ଗ୍ରାମର ଅଜିତ ସାହୁ (୪୦)। ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣିଥିଲେ । ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅଜିତ ରେଢାଖୋଲରୁ ଫେରୁଥିବା ବେଳେ ଡିମିରିକୁଦା ଗ୍ରାମ ନିକଟରେ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।



ଶୁକ୍ରବାର ସମ୍ବଲପୁର ସିଆରପିଏଫ ପରିସରରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଯୋଗ ଶିବିର ।



ସମ୍ବଲପୁର ନୃସିଂହଗୁରୁ ଟାଉନ ହାଇସ୍କୁଲରେ ଆୟୋଜିତ ଜିଲାସ୍ତରୀୟ ଯୋଗ ଦିବସରେ ଛାତ୍ରୀଛାତ୍ରମାନେ।




ସମ୍ବଲପୁର ନୃସିଂହଗୁରୁ ଟାଉନ ହାଇସ୍କୁଲରେ ଆୟୋଜିତ ଜିଲାସ୍ତରୀୟ ଯୋଗ ଦିବସ ମହୋତ୍ସବରେ ଅତିଥିମାନେ।




ସମ୍ବଲପୁର ସିଆରପିଏଫ ପରିସରରେ ଆୟୋଜିତ ଯୋଗ ଦିବସରେ ଅତିଥିମାନେ।



ସମ୍ବଲପୁର ରାମ ମନ୍ଦିରରେ ଯୋଗ ଦିବସ।



ବଡବଜାର ଯୋଗ ଶିବିରରେ ବିଧାୟକ ଜୟନାରାୟଣ ମିଶ୍ର(ମଝି)।



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଅତିଥି ଓ କର୍ମକର୍ତ୍ତା ଯୋଗ ସଂପର୍କିତ ପୁସ୍ତକ ଶୁଭାରମ୍ଭ କରୁଛନ୍ତି ।



ପଡିଆବାହାଲସ୍ଥିତ ଦୟାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଛାତ୍ରୀଛାତ୍ର ଯୋଗ କରୁଛନ୍ତି ।



କୁଚିଣ୍ଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟା ମନ୍ଦିରର ଯୋଗାଭ୍ୟାସ ଚାଲିଛି।



ନାକଟିଦେଉଳ ସ୍ନାତକ କଲେଜରେ ଛାତ୍ରୀମାନେ ଯୋଗାଭ୍ୟାସ କରୁଛନ୍ତି।



ବୁର୍ଲା ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଯୋଗ କାର୍ଯ୍ୟକ୍ରମ।

# ଛୋଟଠୁ ବଡ଼ ସମସ୍ତେ ଯୋଗାଭ୍ୟାସ କଲେ

**ସମ୍ବଲପୁର,୨୧।୬(ବ୍ୟୁରୋ)**

ସମ୍ବଲପୁର ସହର ଓ ଗ୍ରାମାଞ୍ଚଳରେ ଶୁକ୍ରବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଛୋଟଠାରୁ ବଡ ପର୍ଯ୍ୟନ୍ତ ସମସ୍ତ ବର୍ଗର ଲୋକେ ସକାଳୁ ସକାଳୁ ଯୋଗରେ ବସିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗର ଆବଶ୍ୟକତା ଓ ଉପକାରିତା ଉପରେ ମାର୍ଗ ଦର୍ଶନ କରିଥିଲେ। ସହରର ବୁଢ଼ାରଜା ହାଇସ୍କୁଲ, ସିଆରପିଏଫ ପଡିଆ, ଗୋବିନ୍ଦତୋଲା ପଡିଆ, ନୃସିଂହଗୁରୁ ଟାଉନ ହାଇସ୍କୁଲ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଗୌରିଶଙ୍କର ସାହାଣି ପାର୍କଠାରେ ସାମୂହିକ ଭାବେ ଯୋଗ ମହୋତ୍ସବ ପାଳନ କରାଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଯୋଗ ଦିବସ ଉତ୍ସବରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଏଡିଏମଓ ଡା. ପଞ୍ଚାନନ ନାୟକ ଓ ସିଆରପିଏଫ ଡେପୁଟି କମାଣ୍ଡାଣ୍ଟ ଆଲୋକ ଅଗସ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାସ୍ତରୀୟ ଯୋଗ ମହୋତ୍ସବ ନୃସିଂହଗୁରୁ ଟାଉନ ହାଇସ୍କୁଲଠାରେ ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ. ବିଶ୍ୱରଞ୍ଜନ ପୂଜାରୀ, ଯୋଗ ପ୍ରଶିକ୍ଷକ ରାମକୃଷ୍ଣ ନାୟକ ସମ୍ମାନୀତ ଅତିଥି ଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱନାଥ ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ଜଗବନ୍ଧୁ ବେହେରା, ରମଣୀରଞ୍ଜନ ସାହୁ, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ, ରାଜାରାମ ପଣ୍ଡା, ରମେଶ ବେରିହା, ସୁଲୋଚନା ପଣ୍ଡା, ପୁଷ୍ପବତୀ ମେହେର ଓ ସୁବାଷିନୀ ନାଥ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ରେଳବାଇ କମ୍ୟୁନିଟି ହଲରେ ଯୋଗ ଦିବସ ପାଳିତ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗ ସୁସ୍ଥ ଜୀବନ ବଞ୍ଚିବାର ଏକ ମାର୍ଗ ବୋଲି କହିଥିଲେ। ପୂର୍ବତନ ମହିଳା କଲ୍ୟାଣ ସଂଗଠନ ଅଧ୍ୟକ୍ଷା ମନୋକା ଗୁପ୍ତା, ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ ସମ୍ମାନୀତ ଅତିଥି ଥିଲେ। ମହାନଦୀ କୋଇଲା କମ୍ପାନୀ ଜାଗୃତୀ ବିହାର ମୁଖ୍ୟାଳୟଠାରେ ଯୋଗ ଶିବିର ହୋଇଥିଲା। ଏମସିଏଲ ଅଧ୍ୟକ୍ଷ ଭୋଳାନାଥ ଶୁକ୍ଳା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗର ବିଶେଶତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ସତର୍କତା ଅଧିକାରୀ ମୁନୱାର ଖୁର୍ସିଦ, ବୈଷୟିକ ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ, ଉପଦେଷ୍ଟା ଲିଲାନନ୍ଦ ମିଶ୍ର, ଜାଗୃତୀ ମହିଳା ମଣ୍ଡଳ ଅଧ୍ୟକ୍ଷା ମଞ୍ଜୁଲା ଶୁକ୍ଳା, ଉପାଧ୍ୟକ୍ଷା ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ, ମଧୁ ମିଶ୍ରା ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। ଯୁଯୁମୁରା ବ୍ଲକ ଫୁଲଝରନଠାରେ ଥିବା ପାର୍ବତୀଗିରୀ ମହାବିଦ୍ୟାଳୟରେ ଶୁକ୍ରବାର ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଗିରିଶ ପଟ୍ଟନାୟକ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କଲେଜର ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଡା. ସରୋଜ ପଣ୍ଡା, ଅଧାପକ ପଦ୍ମନାଭ ସାମଲ ଯୋଗ ଦେଇଥିଲେ। ଉଦ୍ଧବ ସାହୁ ଛାତ୍ରୀଛାତ୍ରଙ୍କୁ ଯୋଗ ଅଭ୍ୟାସ କରାଯାଇଥିଲେ। ଶାନ୍ତନୁ କୁମାର ପ୍ରଧାନ ସଂଯୋଜନା କରିଥିଲେ।

**ଟିପିଲିମା,(ଡି.ଏନ.ଏ.):** ବୁର୍ଲା ଭାଜପା ମଣ୍ଡଳ ତରଫରୁ ସ୍ଥାନୀୟ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୋଗଗୁରୁ ଚିତ୍ତରଞ୍ଜନ ନାୟକ ସମସ୍ତଙ୍କୁ ଯୋଗ ଅଭ୍ୟାସ କରାଇଥିଲେ। ନମ୍ରସକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଦେବ ସିଂ (ବିଙ୍କି) ଧନ୍ୟବାଦ ଅର୍ପଣ କରିଥିଲେ।

**କୁଚିଣ୍ଡା, (ଡି.ଏନ.ଏ.)**-କୁଚିଣ୍ଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟା ମନ୍ଦିରର ଯୋଗ ଦିବସ ପାଳନ କରାଯାଇଥିଲା। ଯୋଗଗୁରୁ ଅରୁଣ ଅଗ୍ରୱାଲ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଓ ବାସୁଦେବ ତଣ୍ଡିଆ ଯୋଗ ଦେଇଥିଲେ।

**ରେଙ୍ଗାଲି,(ଡି.ଏନ.ଏ.):** ରେଙ୍ଗାଲିରେ ପତାଞ୍ଜଳି ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଥିଲା। ପ୍ରଶିକ୍ଷକ ଉଦୟଚରଣ ସାହୁଙ୍କ ନେତୃତ୍ୱରେ ରାମଚନ୍ଦ୍ର ନଗର ହାଇସ୍କୁଲ ପରିସରରେ ଏହି ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଉଦୟଚରଣ ସାହୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ।

**ବାମରା,(ସ୍ୱ.ପ୍ର.):** ଗୋବିନ୍ଦପୁର ବଳଭଦ୍ର ଭାଗିରଥୀ ହାଇସ୍କୁଲ ପଡିଆରେ ଯୋଗ ଶିବିର ଆୟୋଜନ କରାଯାଇଥିଲା । ସୋମନାଥ କେଶରୀଙ୍କ ତତ୍ତ୍ୱାବଧାନରେ ପତଞ୍ଜଳି ଯୋଗ ସମିତି, ଗାୟତ୍ରୀ ପରିବାର, ସରସ୍ୱତୀ ଶିଶୁ ମନ୍ଦିର, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପ୍ରମୁଖ ଅନୁଷ୍ଠାନ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ଅନନ୍ତନାରାୟଣ ବେହେରା, ସୂର୍ଯ୍ୟମଣି ମାଝୀ, ବିନୟ କୁମାର ପଣ୍ଡା, ସତ୍ୟଜିତ ସରାଫ, ପଦ୍ମାବତୀ କିରୋ ପ୍ରମୁଖ ବିଭିନ୍ନ ଯୋଗକ୍ରିୟା, ଆସନ, ବ୍ୟାୟାମ, ପ୍ରାଣାୟାମ ଆଦି ପ୍ରଦର୍ଶନ କରି ଶିକ୍ଷା ପ୍ରଦାନ କରିଥିଲେ । ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ବଲ୍ଲବୀ ପଟେଲ, ଶଙ୍କର ରକ୍ସା, ମନୋଜ ପ୍ରସାଦ, ସଞ୍ଜୟ ଗୁରୁଜୀ ଓ ନେତ୍ରାନନ୍ଦ ଗୁରୁଜୀ, ସନ୍ତୋଷ ଶୁକ୍ଳା ପ୍ରମୁଖ ଯୋଗ ଦେଇଥିଲେ । ଜରାବଗା ପଞ୍ଚାୟତ ଲପଡାସ୍ଥିତ କ୍ଲବ ନିକଟରେ ପଦ୍ମଚରଣ ଗୁରୁ ଯୋଗ ଶିକ୍ଷା ଓ ପ୍ରାଣାୟାମ ଶିକ୍ଷାଦାନ କରିଥିଲେ । ସଞ୍ଜୀବ ନାଏକ, ପାପୁନ୍ ନାଏକ ଓ କ୍ଷୀରୋଦ ରଣା ଯୋଗ ଦେଇଥିଲେ । ଗଡପୋଷ ସରସ୍ୱତୀ ଶିଶୁ ମନ୍ଦିରରେ ମଧ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅର୍ଡାବାହାଲସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରଠାରେ ପରିଚାଳକ ବିଶ୍ୱରଞ୍ଜନ ଭୋଇଙ୍କ ତତ୍ତ୍ୱାବଧାନରେ ସନ୍ତୋଷିନୀ ସାହୁ, ବିରଦିନୀ ଖାଖା, ଆଶିକ୍ ମାକର, ରାନୁପ୍ରିୟା ମାନସିଂ, ସତିଶ ନାୟର ଓ ଜନସେବା କେନ୍ଦ୍ର ଚାଳକ ରୋଶନ ସାହୁ, ନେତ୍ରାନନ୍ଦ ପୃଷେଠ ସହଯୋଗ କରିଥିଥିଲେ। ବାମରା ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟରେ ଅଧାପକ ପ୍ରଦୀପ୍ତ କୁମାର ସାହୁ ସଂଯୋଜନା କରିଥିଲେ । ଅଧ୍ୟକ୍ଷ ବିନୋଦ ବିହାରୀ ନାଏକ ଉଦ୍‌ଘାଟନ କରିଥିବା ବେଳେ ଶିକ୍ଷକ ପ୍ରତାପ ରୁଦ୍ର ପଟେଲ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

**ନାକଟିଦେଉଳ,(ଡ଼ି.ଏନ.ଏ.):** ନାକଟିଦେଉଳ ସ୍ନାତକ କଲେଜରେ ଶୁକ୍ରବାର ଯୋଗ ଦିବସ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅଧାପକ ଦେବେଶ କୁମାର ବିଶ୍ୱାଳ, ଭଜ ମୋହନ ପ୍ରଧାନ, ଅଧାପିକା ପୁଷ୍ପାଞ୍ଜଳି ରବଣା ଏବଂ ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

**ରେଢାଖୋଲ,(ଡି.ଏନ.ଏ.):** ରେଢାଖୋଲରେ ପତଞ୍ଜଳି ଯୋଗ ସମିତି, ଯୋଗ ମହୋତ୍ସବ ସମିତି, ରେଳ ମଣ୍ଡଳ, ରାଧାକୃଷ୍ଣ ସାଂସ୍କୃତିକ ସଂସଦ, ସରସ୍ୱତୀ ଶିଶୁ ମନ୍ଦିର, ଗୌରଚନ୍ଦ୍ର ହାଇସ୍କୁଲ ଆଦି ଅନୁଷ୍ଠାନ ପକ୍ଷରୁ ଯୋଗ ଶିବିର ଆୟୋଜିତ ହେଇଥିଲା। ଯୋଗ ପ୍ରଶିକ୍ଷିକା ନିରୋଧପ୍ରଭା ମହାନ୍ତି, ରାଜେଶ ପାରମାର, ମନୋଜ ସାହୁ, ଚାହତ ପାରମାର, ହେମନ୍ତ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ରେଳ ମଣ୍ଡଳ ଅଧିକାରୀ ରାକେଶ କୁମାର ଚୌଧୁରୀ, ଅବସରପ୍ରାପ୍ତ କୃଷି ଅଧିକାରୀ ଅଇଁଠୁ ଚରଣ ସାହୁ, ହରିଶଙ୍କର ହୋତା, ସୁବାସ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ଖଗେଶ୍ୱର ବେହେରା, ଅଗସ୍ତି କୁମାର ପ୍ରଧାନ, ଅନିଲ ପୃଷ୍ଟି, ଆଲୋକ ବେହେରା, ଅରୁଣ ମହାନ୍ତି, ଆଇନଜୀବୀ ଶିବପ୍ରସାଦ ପ୍ରଧାନ ନାରାୟଣ ପ୍ରସାଦ ମହାରଣା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।



ବାମରା ଗୋବିନ୍ଦପୁର ବଳଭଦ୍ର ଭାଗୀରଥି ହାଇସ୍କୁଲ ପଡିଆରେ ଯୋଗ ଶିବିର।



ସମ୍ବଲପୁର ଗୋବିନ୍ଦତୋଲା ପଡିଆରେ ଯୋଗ ଶିବିର ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଓଡ଼ିଶାରେ ବଢ଼ିଲା ଆଉ ୧୦୦ ମେଡିକାଲ ସିଟ୍

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ଓଡ଼ିଶାର ୩ ମେଡିକାଲ କଲେଜ ପାଇଁ ଆହୁରି ୧୦୦ ଏମ୍‌ବିବିଏସ୍ ସିଟ୍ ବଢ଼ିଛି। ଇକୋନୋମିକାଲି ୱିକର ସେକ୍ସନ(ଇଡବ୍ଲ୍ୟୁଏସ୍) କୋଟାରେ ବର୍ଦ୍ଧିତ ୧୦୦ ସିଟ୍‌କୁ ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ଅନୁମୋଦନ କରିଛି। ବର୍ଦ୍ଧିତ ସିଟ୍‌ଗୁଡ଼ିକ ୩ ମେଡିକାଲ କଲେଜକୁ ଦିଆଯିବ। ବୁର୍ଲାସ୍ଥିତ ଭିମ୍‌ସାରରେ ୫୦ ସିଟ୍, କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ୨୫ ଓ ମୟୂରଭଞ୍ଜସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ୨୫ ସିଟ୍ ବୃଦ୍ଧି ହେବ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ ପ୍ରଶାସନିକସ୍ତରରେ ବଡ଼ଧରଣର ଅଦଳବଦଳ

# ବଦଳିଲେ ୯ ଜିଲାପାଳ

■ ସମର୍ଥ ବର୍ମା କେନ୍ଦ୍ରାପଡ଼ା ଜିଲାପାଳ
■ ଦାଶରଥି ଶତପଥୀ ବିଧାନସଭାର ସଚିବ
■ ବିଏମ୍‌ସି, ସିଏମ୍‌ସି କମିଶନର ବଦଳିଲେ

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପ୍ରଶାସନିକସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏଥିରେ ଉଭୟ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଏବଂ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ଅନ୍ତର୍ଭୁକ୍ତ। ରାଜ୍ୟର ୩୨ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ୯ଟି ଜିଲାରେ ନୂତନ ଜିଲାପାଳଙ୍କୁ ନିଯୁକ୍ତି ମିଳିଛି। ଏହି ଜିଲାଗୁଡିକ ହେଉଛି- କେନ୍ଦ୍ରାପଡା, ବାଲେଶ୍ୱର, କୋରାପୁଟ, ନୂଆପଡା, କଟକ, ବୌଦ୍ଧ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ଝାରସୁଗୁଡା।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ସମର୍ଥ ବର୍ମାଙ୍କୁ କେନ୍ଦ୍ରାପଡା ଜିଲାର ଜିଲାପାଳ କରାଯାଇଛି। କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ବାଲେଶ୍ୱର ଜିଲାପାଳ ଭାବେ ବଦଳି କରାଯାଇଛି। ନୂଆପଡା ଜିଲାପାଳ ଥିବା ଡ. ପୋମା ଟୁଡୁଙ୍କୁ କୋରାପୁଟର ନୂତନ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ସାଧାରଣ ପ୍ରଶାସନ (ଜିଏ) ବିଭାଗରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ ମଧୁସ୍ମିତା ସାହୁଙ୍କୁ ନୂଆପଡା ଜିଲାପାଳ ଭାବେ ଦାୟିତ୍ୱ ମିଳିଛି। ଓଏଏସ୍ ଅଧିକାରୀ ଲଲାଟେନ୍ଦୁ ମିଶ୍ରଙ୍କୁ ବୌଦ୍ଧର ଜିଲାପାଳ କରାଯାଇଛି। ସେହିପରି ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ



ସମର୍ଥ ବର୍ମା

ଖୋର୍ଦ୍ଧା ଜିଲାପାଳ ଭାବେ ବଦଳି କରାଯାଇଛି। କୃଷି ବିଭାଗର ଅତିରିକ୍ତ ସଚିବ ଥିବା ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଜଗତ୍‌ସିଂହପୁର ଏବଂ ଓଏମ୍‌ବିଏଡିସି ଜେନେରାଲ ମ୍ୟାନେଜର ଥିବା ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଝାରସୁଗୁଡା ଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ସମବାୟ ବିଭାଗର ଅତିରିକ୍ତ ସଚିବ ଥିବା ଭବାନୀ ଶଙ୍କର ଚଇନିଙ୍କୁ କଟକ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି।

ଓଡ଼ିଶା ମେଡିକାଲ କର୍ପୋରେଶନ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକ ଥିବା ଅର୍ଚ୍ଚନା ପଟ୍ଟନାୟକଙ୍କୁ ଓଡ଼ିଶା ଉଠା ଜଳସେଚନ ନିଗମ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଏହି ଦାୟିତ୍ୱ ସହ ସେ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ମଧ କାର୍ଯ୍ୟ କରିବେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଯାମିନୀ ଷଡ଼ଙ୍ଗୀଙ୍କୁ ମେଡିକାଲ କର୍ପୋରେଶନର ନୂଆ ଦାୟିତ୍ୱ ମିଳିଛି। ସିଏମ୍‌ଓରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ନିରଞ୍ଜନ ସାହୁଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଏହି ଦାୟିତ୍ୱ ସହ ନିରଞ୍ଜନ ଶ୍ରମ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ରାଜସ୍ୱ ପର୍ଷଦର ସଚିବ ପ୍ରଶାନ୍ତ କୁମାର ସେନାପତିଙ୍କୁ କଟକସ୍ଥିତ ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେଶନକୁ ବଦଳି କରାଯାଇଛି। ଲିଗାଲ ମେଥୋଡୋଲୋଜିର ନିର୍ଦ୍ଦେଶକ ଦାଶରଥି ଶତପଥୀଙ୍କୁ ଓଡ଼ିଶା ବିଧାନସଭାର ସଚିବ ଭାବେ ନିଯୁକ୍ତି ମିଳିଛି। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ଥିବା ନିର୍ମଳ ମିଶ୍ରଙ୍କୁ ପର୍ଯ୍ୟଟନ ନିର୍ଦ୍ଦେଶକ ସହ ଓଟିଡିସିର ଏମ୍.ଡି. ଦାୟିତ୍ୱ ଦିଆଯାଇଛି। ଶ୍ରମ କମିଶନର ଥିବା ଅଞ୍ଜନ କୁମାର ମଲ୍ଲିକ ନୂଆ ଅବକାରୀ କମିଶନରଭାବେ ନିଯୁକ୍ତି ପାଇଛନ୍ତି। ପର୍ଯ୍ୟଟନ ନିର୍ଦ୍ଦେଶକ ଥିବା ବିଭୂତି ଭୂଷଣ ପଟ୍ଟନାୟକ ସମବାୟ ସୋସାଇଟିଗୁଡିକର ରେଜିଷ୍ଟ୍ରାର ଭାବେ ନିଯୁକ୍ତି ମିଳିଛି। ଏହି ପଦରେ ପୂର୍ବରୁ କାର୍ଯ୍ୟରତ ଥିବା ତ୍ରିବିକ୍ରମ ପ୍ରଧାନଙ୍କୁ ଅବକାରୀ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ସାମାଜିକ କଲ୍ୟାଣ, ମହିଳା ଶିଶୁ ବିକାଶ, ମିଶନ ଶକ୍ତି ର ନିର୍ଦ୍ଦେଶକ ଏବଂ ଓମ୍‌ବାଡକ୍‌ର ସିଇଓ ନିଯୁକ୍ତି ଦିଆଯାଇଛି। ସିଏମ୍‌ସି କମିଶନର ଥିବା ଶରତ ଚନ୍ଦ୍ର ନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବଭାବେ ଦାୟିତ୍ୱ ଦିଆଯାଇଛି। ଖୋର୍ଦ୍ଧା ଜିଲାପାଳ ଭୁପେନ୍ଦ୍ର ଏସ୍ ପୁନିଆ ଓପେପାର ରାଜ୍ୟ ପ୍ରକଳ୍ପ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ଜଗତସିଂହପୁର ଜିଲାପାଳ ଗୁହା ପୁନମ ତାପସ କୁମାର ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ। କେନ୍ଦ୍ରାପଡା ଜିଲାପାଳ ଥିବା ପ୍ରେମଚନ୍ଦ ଚୌଧୁରୀ ବିଏମ୍‌ସି କମିଶନର ଭାବେ ନୂଆ ଦାୟିତ୍ୱ ମିଳିଛି। ରେଘୁ ଜି.ଙ୍କୁ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ, ସୁରେନ୍ଦ୍ର କୁମାର ମୀନାଙ୍କୁ ରାଜସ୍ୱ ପର୍ଷଦର ସଚିବ, ଅବଦଲ ଅଖତରଙ୍କୁ କଟକସ୍ଥିତ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ(ଭାରାପ୍ରାପ୍ତ) ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ବିଏମ୍‌ସିର ଅତିରିକ୍ତ କମିଶନର ଥିବା ଅନନ୍ୟା ଦାସ ସିଏମ୍‌ସି କମିଶନର, ଓପେପା ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଜ୍ୟୋତି ପ୍ରକାଶ ଦାସଙ୍କୁ ବୟନଶିଳ୍ପ ନିର୍ଦ୍ଦେଶକ ସହ ବୟନିକାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଉଚ୍ଚଶିକ୍ଷା ଅତିରିକ୍ତ ସଚିବ କୃପାସିନ୍ଧୁ ମିଶ୍ରଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକଭାବେ ଦାୟିତ୍ୱ ମିଳିଛି। ଏହି ପଦରେ ଅବସ୍ଥାପିତ ଥିବା ଲକ୍ଷ୍ମୀଧର ମହାନ୍ତିଙ୍କୁ ଉଚ୍ଚଶିକ୍ଷା ଅତିରିକ୍ତ ସଚିବ ଭାବେ ପଦୋନ୍ନତି ଦିଆଯାଇଛି। ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଇଏସଆଇ ନିର୍ଦ୍ଦେଶକ ଏବଂ ଝାରସୁଗୁଡା ଜିଲାପାଳ ବିଭୂତି ଭୂଷଣ ଦାସଙ୍କୁ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି।

### ପୁଣି ରାଜ୍ୟ ସରକାରଙ୍କୁ ପ୍ରଶଂସା ବାକି ୫୨୦୦ କୋଟି ତୁରନ୍ତ ଯୋଗାଅ: ଆଦିତ୍ୟ ପାଢ଼ୀ

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

ଫନୀ ମୁକାବିଲାରେ ଓଡ଼ିଶା ସରକାରଙ୍କ ପଦକ୍ଷେପ ବିଶ୍ୱସ୍ତରୀୟ ବୋଲି ବାତ୍ୟା କ୍ଷୟକ୍ଷତି ଓ ପୁନଃ ଥଇଥାନ ଆକଳନ ଲାଗି ଆସିଥିବା କେନ୍ଦ୍ରୀୟ ଟିମ୍ କହିଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ ପରେ ଶୁକ୍ରବାର ରାଜ୍ୟ ସରକାରଙ୍କ ସହ ଆଲୋଚନା ବେଳେ ଟିମ୍‌ର ନେତୃତ୍ୱ ନେଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ବିବେକ ଭରଦ୍ୱାଜ ଏପରି ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ପୁନରୁଦ୍ଧାର ଏବଂ ପୁନଃ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଏହି କାର୍ଯ୍ୟ ପାଇଁ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ବାତ୍ୟା ସ୍ଥିତି ବିଷୟରେ ଟିମ୍‌କୁ ଅବଗତ କରାଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି, ଗ୍ରୀଷ୍ମ ଋତୁରେ ଏପରି ଭୟଙ୍କର ବାତ୍ୟା ରାଜ୍ୟରେ ବିରଳ। ଅଦିନିଆ ବାତ୍ୟାର ଭୟାବହତା ଲୋକମାନଙ୍କ ବାସଗୃହ ସହ ଜୀବିକା ସାଧନଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଭିତ୍ତିଭୂମି ପୁନଃନିର୍ମାଣ ସହ ଲୋକମାନଙ୍କ ପାଇଁ ବାସଗୃହ ଏବଂ ଜୀବିକା ସାଧନ ଯୋଗାଡ ବର୍ତ୍ତମାନର ଆବଶ୍ୟକତା।

## +୨ କଳା, ବାଣିଜ୍ୟ ପରୀକ୍ଷା ଫଳ

### ଶତ ପ୍ରତିଶତ ରେଜଲ୍ଟ

**କଳା**

ନିଉଟନିଆନ ହାୟର ସେକେଣ୍ଡାରୀ ସ୍କୁଲ, ବାଲେଶ୍ୱର
ମା' ସନ୍ତୋଷୀ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଗୋନାସିକା ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର
ସାଇ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ମୟୂରଭଞ୍ଜ
ୟୁନିଟେକ୍ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ନୟାଗଡ଼

**ବାଣିଜ୍ୟ**

ସ୍ୱସ୍ତିକ ରେସିଡେନ୍ସିଆଲ କମର୍ସ ହାୟର ସେକେଣ୍ଡାରୀ ସ୍କୁଲ, ବାଲେଶ୍ୱର
ନାଇସ ହାୟର ସେକେଣ୍ଡାରୀ ସ୍କୁଲ, ବଲାଙ୍ଗୀର
ଜେ.ଏସ୍.ଏମ୍. କମର୍ସ ହାୟର ସେକେଣ୍ଡାରୀ ସ୍କୁଲ, ବଲାଙ୍ଗୀର
କଳିଙ୍ଗ ଭାରତୀ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଇଣ୍ଡିଗୋ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ କମର୍ସ, କଟକ
ଗାଦିବ୍ରହ୍ମ ୱିମେନ ହାୟର ସେକେଣ୍ଡାରୀ ସ୍କୁଲ, ଜଗତ୍‌ସିଂହପୁର
ତୁଳସୀ ୱିମେନ ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦ୍ରାପଡ଼ା
ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, ଢେଙ୍କାନାଳ
ଢେଙ୍କାନାଳ ଇଭିନିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ, ଢେଙ୍କାନାଳ
ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ରୋଲାଣ୍ଡ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଶିକ୍ଷା ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଆମ୍ବେଦକର ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଗୁରୁକୁଳ ଇଣ୍ଟରନ୍ୟାଶନାଲ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ସରସ୍ୱତୀ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭବାନୀପାଟଣା
ଗୋନାସିକା ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର
ଜୁପିଟର ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର
ଟାଇମ୍ସ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ କମର୍ସ, ଭୁବନେଶ୍ୱର
ଗୌରଭ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସ, ଭୁବନେଶ୍ୱର
ସ୍ୱାଧୀନ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ପୁରୀ
ପାଠଶାଳା ହାୟର ସେକେଣ୍ଡାରୀ ସ୍କୁଲ, ପୁରୀ
କଳିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ, ଭୁବନେଶ୍ୱର
ରାଜଧାନୀ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ, ଆର୍ଟ ଆଣ୍ଡ କମର୍ସ, ଭୁବନେଶ୍ୱର
ବେଦିକ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ସମ୍ବଲପୁର
ଆମ୍ବେଦକର ମେମୋରିଆଲ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ସୁନ୍ଦରଗଡ଼

### ଫଳ ଶୂନ ଥିବା ଶିକ୍ଷାନୁଷ୍ଠାନ

| ବିଭାଗ | ଶିକ୍ଷାନୁଷ୍ଠାନ ନାମ | ଜିଲା | ପିଲା ସଂଖ୍ୟା |
|---|---|---|---|
| କଳା | ଆଞ୍ଚଳିକ ମହିଳା ହାୟର ସେକେଣ୍ଡାରୀ ସ୍କୁଲ | ଯାଜପୁର | ୧୫ |
| | ପ୍ରାଚୀ ଭିନ୍ନକ୍ଷମ ହାୟର ସେକେଣ୍ଡାରୀ ସ୍କୁଲ | ଖୋର୍ଦ୍ଧା | ୧୪ |
| ବାଣିଜ୍ୟ | ଗୋପାଳପୁର ହାୟର ସେକେଣ୍ଡାରୀ ସ୍କୁଲ | ଗଞ୍ଜାମ | ୫ |
| | ଶ୍ରୀଜଗନ୍ନାଥ ହାୟର ସେକେଣ୍ଡାରୀ ସ୍କୁଲ | ଗଞ୍ଜାମ | ୪ |
| | କେ.ପି. ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ଗଞ୍ଜାମ | ୭ |
| | ଶ୍ୟାମ ପ୍ରସାଦ ହାୟର ସେକେଣ୍ଡାରୀ ସ୍କୁଲ | ମାଲକାନଗିରି | ୧ |

## ନୂଆ ମନ୍ତ୍ରୀ ପାଇଲେ ବ୍ୟକ୍ତିଗତ ସଚିବ

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ରାଜ୍ୟର ନବଗଠିତ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବିଭିନ୍ନ ପଦପଦବୀରେ ଥିବା ବ୍ୟକ୍ତିବିଶେଷଙ୍କୁ ଶୁକ୍ରବାର ବ୍ୟକ୍ତିଗତ ସଚିବ ମିଳିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସଂସଦୀୟ ବ୍ୟାପାର ତତ୍ତ୍ୱାବଧାନରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀମାନଙ୍କୁ ଏହି ଦାୟିତ୍ୱଗୁଡିକ ପ୍ରଦାନ କରାଯାଇଛି।



ବିଡିଏର ପ୍ରଶାସନିକ ଅଧିକାରୀ ଥିବା ଅଞ୍ଜନ କୁମାର ଦାସ ଅର୍ଥ ଏବଂ ଅବକାରୀ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(ପି.ଏସ୍)ଭାବେ କାର୍ଯ୍ୟ କରିବେ। ସେହିପରି ଦେବାଶିଷ ସିଂ କୃଷି, ମତ୍ସ୍ୟ ଓ ପଶୁସମ୍ପଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପି.ଏସ୍ . ସରୋଜ କୁମାର ସାହୁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ପି.ଏସ୍., ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ପି.ଏସ୍., ବିଜୟ କୁମାର ସ୍ୱାଇଁଙ୍କୁ ଶକ୍ତି,ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀଙ୍କ ପି.ଏସ୍. ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ମାନସରଞ୍ଜନ ପାଢ଼ୀଙ୍କୁ ପର୍ଯ୍ୟଟନ ମନ୍ତ୍ରୀଙ୍କ ପି.ଏସ୍., ସୁକାନ୍ତ କୁମାର ପ୍ରଧାନଙ୍କୁ ଜଳସମ୍ପଦ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗୀୟ ମନ୍ତ୍ରୀଙ୍କ ପି.ଏସ୍. ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କୈଳାସ ଚନ୍ଦ୍ର ଦାସ, ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ବିଭାଗର ଓଏସ୍‌ଡି ଭାବେ ପ୍ରବୀର ଖିଲାରଙ୍କୁ ଦାୟିତ୍ୱ ମିଳିଛି। ଅନ୍ୟମାନଙ୍କ ରଶ୍ମିରଞ୍ଜନ ସାହୁଙ୍କୁ (ବିଜ୍ଞାନ ଓ କାରିଗରୀ,ଏଏସ୍‌ଇ ଏବଂ ପିଡି), ଦୀପ୍ତିରଞ୍ଜନ ବେହେରା( ଜଙ୍ଗଲ ଓ ପରିବେଶ ବିଭାଗ), କାଳିପ୍ରସନ୍ନ ମହାପାତ୍ର(ଇସ୍ପାତ ଓ ଖଣି, ପୂର୍ତ୍ତ), ସରୋଜ କୁମାର ରାଉତ(ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ), ମନମୋହନ ବାରିକ ( ବାଣିଜ୍ୟ ଓ ପରିବହନ), ସୁରଞ୍ଜନ ପ୍ରଧାନ (ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଆଇନ), ପ୍ରଦୀପ କୁମାର ରାଉତ(ଶ୍ରମ, ଇଏସ୍‌ଆଇ ଏବଂ ଗ୍ରାମ୍ୟ ଉନ୍ନୟନ) ଏବଂ ପ୍ରମୋଦ କୁମାର ମିଶ୍ର ( ମହିଳା ଓ ଶିଶୁ କଲ୍ୟାଣ) ପ୍ରମୁଖ। ଅନ୍ୟମାନଙ୍କ ମଧ୍ୟରେ ଅରୂପ କୁମାର ସାହୁ (ଏସ୍‌ସି, ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ), ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ (ସ୍କୁଲ ଓ ଗଣଶିକ୍ଷା ବିଭାଗ ), ଗୌରହରି ବେହେରା(ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା) ଏବଂ ଏସ୍.କେ ଜମିରୁଦ୍ଦିନଙ୍କୁ ହସ୍ତତନ୍ତ ଏବଂ ବୟନ ଶିଳ୍ପ ମନ୍ତ୍ରୀଙ୍କ ପି.ଏସ୍. ଭାବେ ଦାୟିତ୍ୱ ମିଳିଛି। ସେହିପରି ଓଏଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ହୋତାଙ୍କୁ ସରକାରୀ ଦଳ ମୁଖ୍ୟ ସଚେତକଙ୍କ ବ୍ୟକ୍ତିଗତ ସଚିବଭାବେ ନିଯୁକ୍ତି ଦିଆଯାଇଛି।

## ସୁବ୍ରତୋ ବାଗ୍‌ଚୀଙ୍କୁ ଦକ୍ଷତା ବିକାଶ ଅଧକ୍ଷ ପଦ

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

ସୁବ୍ରତୋ ବାଗ୍‌ଚୀଙ୍କୁ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧକ୍ଷ ପଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପୁନଃ ନିଯୁକ୍ତି ଦେଇଛନ୍ତି। ଏହାସହ ତାଙ୍କୁ କ୍ୟାବିନେଟ୍ ପାହ୍ୟା ମଧ ମିଳିଛି। ପୂର୍ବରୁ ବାଗ୍‌ଚୀ କ୍ୟାବିନେଟ୍ ପାହ୍ୟା ସହ ସମାନ ପଦରେ ଥିଲେ। ଗତ ମାର୍ଚ୍ଚ ୧୭ରେ ବାଗ୍‌ଚୀ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ଆଇଟି କମ୍ପାନୀ ମାଇଣ୍ଡଟ୍ରିକୁ ଅଧିଗ୍ରହଣ କରିବାକୁ ଏଲ୍ ଆଣ୍ଡ ଟି ଉଦ୍ୟମ ଚଳାଇଛି। ଏହି ସମସ୍ୟାରୁ ନିଜ କମ୍ପାନୀକୁ ରକ୍ଷା କରିବା ପାଇଁ କମ୍ପାନୀର ପ୍ରତିଷ୍ଠାତାମାନେ ପ୍ରୟାସ କରୁଛନ୍ତି। ନିଜେ ଗଢ଼ିଥିବା କମ୍ପାନୀକୁ ରକ୍ଷା କରିବା ଲାଗି ସେ ନିଜ ପଦରୁ ଇସ୍ତଫା ଦେଇଥିବା ଦର୍ଶାଇଥିଲେ। ରାଜ୍ୟର ଯୁବବର୍ଗଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ ଦେଶ ବିଦେଶରେ ନିଯୁକ୍ତିକ୍ଷମ କରିବା ପାଇଁ ସରକାର ବାଗ୍‌ଚୀଙ୍କୁ ୨୦୧୬ ଏପ୍ରିଲରେ ନିଯୁକ୍ତି ଦେଇଥିଲେ।

## ୯୦ ପ୍ରତିଶତ ରଖିଥିବା ଛାତ୍ରୀଛାତ୍ର

| ନାମ | ଶିକ୍ଷାନୁଷ୍ଠାନ | ନମ୍ବର |
|---|---|---|
| | **କଳା** | |
| ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ | ଶୈଳବାଳା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ପୂଜା ସାହୁ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ଲିପ୍ସାରାଣୀ ସାହୁ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| | **ବାଣିଜ୍ୟ** | |
| ଲକ୍ଷ୍ମୀ ଅଗ୍ରୱାଲ | କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ | ୫୭୦ |
| ରିଙ୍କି ରାଏ | କେସିଙ୍ଗା ହାୟର ସେକେଣ୍ଡାରୀ ସ୍କୁଲ | ୫୬୭ |
| ବିଶାଖା ଗୁପ୍ତା | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୬୫ |
| ଅମନ ମହାୱାର | ଭଦ୍ରକ ହାୟର ସେକେଣ୍ଡାରୀ ସ୍କୁଲ ୫୫୭ | |
| ବେଦନ୍ତା ଶର୍ମା | ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ | ୫୫୭ |
| ଜୟା ନାଥାନୀ | ପ୍ରୟାସ ହାୟର ସେକେଣ୍ଡାରୀ ସ୍କୁଲ | ୫୫୭ |
| ଅଭିନାଶ ଜେନା | ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ | ୫୫୫ |
| ସୋହେଲ ଇଜାଜ୍ | ରାଜଧାନୀ ହାୟର ସେକେଣ୍ଡାରୀ ସ୍କୁଲ | ୫୫୧ |
| ତରୁଣ କୁମାର ଗୋଏଲ | ବିକାଶ ହାୟର ସେକେଣ୍ଡାରୀ ସ୍କୁଲ | ୫୫୧ |
| ମାନସୀ ଅଗ୍ରୱାଲା | ବେଦିକ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୫୦ |
| ମଧୁସ୍ମିତା ବିଶ୍ୱାଳ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୮ |
| ଶୁଭସ୍ମିତା ବେହେରା | ରେଭନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୭ |
| ସୌମ୍ୟାଶ୍ରୀ ଓଝା | ସ୍ୱାମୀ ବିବେକାନନ୍ଦ ମେମୋରିଆଲ ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ରୁପାଲି ସାମଲ | କେନ୍ଦ୍ରାପଡ଼ା ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ଏସ୍. ରାନୀ | ଖଲ୍ଲିକୋଟ ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ହରିପ୍ରିୟା ବାଗ୍ | ବିକାଶ ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ଚଞ୍ଚଳ ଅଗ୍ରୱାଲ | ବେଦିକ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୪୪ |
| ଶ୍ରଦ୍ଧା ଜୈନ | ନାଇସ୍ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ | ୫୪୩ |
| ସୁନମ୍ ଦତ୍ତ | ପ୍ରାଣନାଥ ହାୟର ସେକେଣ୍ଡାରୀ ସ୍କୁଲ | ୫୪୩ |
| ଝଙ୍କାର ପଟେଲ | ବିକାଶ ହାୟର ସେକେଣ୍ଡାରୀ ସ୍କୁଲ | ୫୪୩ |
| ପି. ପ୍ରିୟଙ୍କା | ଶଶିଭୂଷଣ ରଥ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ | ୫୪୨ |
| ଅଜିତ କୁମାର ନାୟକ | ଫକୀର ମୋହନ ହାୟର ସେକେଣ୍ଡାରୀ ସ୍କୁଲ | ୫୪୧ |
| ହରେକୃଷ୍ଣ ସାମଲ | ସ୍ୱସ୍ତିକ ରେସିଡେନ୍ସିଆଲ କମର୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୪୧ |
| ଶିଲ୍ପୀ ଜୈନ | ନାଇସ୍ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ | ୫୪୧ |
| ଐଶ୍ୱର୍ଯ୍ୟା ସାହୁ | ଢେଙ୍କାନାଳ ହାୟର ସେକେଣ୍ଡାରୀ ସ୍କୁଲ | ୫୪୧ |
| ବାଲାଜୀ ସାହୁ | ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ | ୫୪୧ |
| ଇପ୍‌ସା ଦାସ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ଦେବସ୍ମିତା ମହାନ୍ତି | ସାଲେପୁର ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ନୂପୁର ରାମ | ନିସ୍ ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ପ୍ରୀତି ଅଗ୍ରୱାଲ | ଗଙ୍ଗାଧର ମେହେର ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ସ୍ନେହା ଅଗ୍ରୱାଲ | ବେଦିକ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |

# କ୍ଷତିଗ୍ରସ୍ତ ଗାଁ ବୁଲିଲେ କେନ୍ଦ୍ରୀୟ ଟିମ୍

ପୁରୀ ଅଫିସ/ସାକ୍ଷୀଗୋପାଳ, ୨୧।୬(ଡି.ଏନ୍.ଏ.)



ସତ୍ୟବାଦୀ ବ୍ଲକ୍‌ର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଛନ୍ତି କେନ୍ଦ୍ରୀୟ ଟିମ୍।

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲା ଗସ୍ତ କରିଛନ୍ତି କେନ୍ଦ୍ରୀୟ ଟିମ୍। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ବିଭିନ୍ନ ଗାଁ ବୁଲିବା ସହ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ଏପରି କି ଲୋକଙ୍କ ସହ ଆଲୋଚନା କରି ସେମାନଙ୍କଠାରୁ କ୍ଷୟକ୍ଷତି ବିଷୟରେ ପଚାରି ବୁଝିଛନ୍ତି। ଚାଷୀମାନେ ମଧ କେନ୍ଦ୍ରୀୟ ଟିମ୍‌କୁ ପାଖରେ ପାଇ ବାତ୍ୟାରେ ସେମାନଙ୍କର କ'ଣ କ'ଣ ଫସଲ ହାନି ହୋଇଛି ତାହା ଜଣାଇଛନ୍ତି। ପରେ ଜିଲା ପ୍ରଶାସନ ସହ ଏକ ବୈଠକରେ କେନ୍ଦ୍ରୀୟ ଟିମ୍ ଯୋଗଦେଇ ଜିଲାରେ ନଡ଼ିଆ, କାଜୁ ଜଙ୍ଗଲର କ୍ଷୟକ୍ଷତି, ଘରଭଙ୍ଗା ଏବଂ ପୁନଃ ଥଇଥାନର ସମୀକ୍ଷା କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ଏହି ଟିମ୍ ପ୍ରଥମେ ସତ୍ୟବାଦୀ ବ୍ଲକ ଦୁଗଲ ପଞ୍ଚାୟତର ଅଠେଇଶ ଗାଁରେ ପହଞ୍ଚିଥିଲେ। ଗ୍ରାମର ବାତ୍ୟା ବିପନ୍ନ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଭାଙ୍ଗି ପଡିଥିବା ଘର ଭିତରକୁ ଯାଇ ଲୋକଙ୍କ ଅବସ୍ଥା ଦେଖିଥିଲେ। ଏହି ସମୟରେ ରିଲିଫ୍ ଚାଉଳ, ଟଙ୍କା, ପଲିଥିନ ଆଦି ସରକାରୀ ସହାୟତା ମିଳିଛି କି ନାହିଁ ତାହା ପଚାରି ବୁଝିଥିଲେ। ଏ ସବୁ ସହାୟତା ମିଳିଥିବା ଲୋକେ କହିଥିଲେ। ପରେ ଗାଁ ମଣ୍ଡପରେ ମହିଳା ଏବଂ ପୁରୁଷମାନଙ୍କୁ ଭେଟି କଣ କଣ ଫସଲ ସବୁ ନଷ୍ଟ ହୋଇଛି ସେ ବିଷୟରେ କଥା ହୋଇଥିଲେ। ସେମାନଙ୍କର ମୁଖ୍ୟ ଆୟ ନଡ଼ିଆ ଚାଷ ଉଜୁଡ଼ି ଯାଇଛି। ତେଣୁ ପରବର୍ତ୍ତୀ ଜୀବିକା ସମ୍ପର୍କରେ କଣ ଉଦ୍ୟମ କରୁଛନ୍ତି ବୋଲି ପଚାରିଥିଲେ। ବାତ୍ୟାରେ ନଷ୍ଟ ହୋଇଥିବା ନଡ଼ିଆ ଏବଂ ଗୁଆ ବଗିଚା ପାଇଁ ସହାୟତା ଦେବାକୁ ଗାଁ ଲୋକେ ଅନୁରୋଧ କରିଥିଲେ। ନଡ଼ିଆ ଚାଷ ପାଇଁ ସହାୟତା ଯୋଗାଇଦିଆଯିବ ବୋଲି କେନ୍ଦ୍ରୀୟ ଟିମ୍ ପ୍ରତିଶ୍ରୁତି ଦେଇଥିଲେ। ଅଠେଇଶ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ମରାମତି କାମର ଅଗ୍ରଗତି ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ମଧ ଆଲୋଚନା କରିଥିଲେ। ଏହାପରେ କେନ୍ଦ୍ରୀୟ ଟିମ୍ ଏହି ପଞ୍ଚାୟତର ବୀରଗୋବିନ୍ଦପୁର ଗାଁକୁ ଯାଇଥିଲେ। ଖରାଛୁଟି ପରେ ଶୁକ୍ରବାର ଖୋଲିଥିବା ବୀରଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କକ୍ଷ ପରିଦର୍ଶନ କରିଥିଲେ। ପିଲାମାନେ ପାଠ ପଢୁଥିବା ଟିମ୍ ଦେଖିବା ସହ ଶିକ୍ଷୟିତ୍ରୀମାନଙ୍କ ସହ ସ୍କୁଲର ସ୍ଥିତି ଏବଂ ପିଲାମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଟିମ୍ ପୁରୀ ସଦର ବ୍ଲକ ବୀରହରେକୃଷ୍ଣପୁର ପଞ୍ଚାୟତର କ୍ଷତିଗ୍ରସ୍ତ ଗାଁ ବୁଲି ଲୋକଙ୍କ ସହ କ୍ଷୟକ୍ଷତି ବିଷୟରେ ଆଲୋଚନା କରିଥିଲେ।

ଏହାପରେ ସର୍କିଟ ହାଉସ୍ ପରିସରରେ ସମୀକ୍ଷା ବୈଠକରେ କେନ୍ଦ୍ରୀୟ ଟିମ୍ ଯୋଗଦେଇଥିଲେ। ଜିଲାପାଳ ବଲୱନ୍ତ ସିଂ, ବିଭିନ୍ନ ବିଭାଗର ସଚିବ ଏବଂ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ପୁନରୁଦ୍ଧାର ଏବଂ ଥଇଥାନ ସମ୍ପର୍କରେ ସମୀକ୍ଷା କରିଥିଲେ। ବାତ୍ୟାରେ ଜିଲାର ୧,୭୭୨ଟି ଗ୍ରାମର ପ୍ରାୟ ୧୯ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ୨ଲକ୍ଷ ୭୮ ହଜାର ବାସଗୃହ କ୍ଷତି ଏବଂ ଲକ୍ଷାଧିକ ପଶୁପକ୍ଷୀ ମରିଥିବା ନେଇ ଜିଲାପାଳ ଅବଗତ କରାଇଥିଲେ। ବାତ୍ୟା ସମୟରେ ୩୫୭ଟି ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ସୁରକ୍ଷିତ ରଖାଯାଇଥିଲା। ପୁନରୁଦ୍ଧାର କାର୍ଯ୍ୟରେ ପ୍ରାଥମିକ ଭବେ ୨ ଓଡ୍ରାଫ୍, ୩ ଏନ୍‌ଡିଆରଏଫ୍, ୧୨ଟି ଅଗ୍ନିଶମ ଦଳ, ୩୨ ଡାକ୍ତରୀ ଏବଂ ୪୫ ପଶୁଡାକ୍ତରୀ ଦଳ ନିୟୋଜିତ ହୋଇଥିଲେ। ସେହିପରି ବାତ୍ୟାରେ ୧,୧୦୦ ପର୍ଯ୍ୟଟନ ଡଙ୍ଗା କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରାଯିବା ସହ ସେମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ଭରଦ୍ୱାଜ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଭରଦ୍ୱାଜ

■ କ୍ଷୟକ୍ଷତିର ଅନୁଧ୍ୟାନ କଲେ
■ ଚାଷୀ ଜଣାଇଲେ ଫସଲ କ୍ଷତି

ଗଣମାଧ୍ୟମକୁ କହିଥିଲେ ଯେ, ଏବେ ବି ବହୁତ କାମ ଚାଲିଛି, ଆହୁରି ଅନେକ କାମ ବାକି ଅଛି। ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେଉଛି। ଓଡ଼ିଶାକୁ ସହାୟତା ପ୍ରଦାନ ଲାଗି ଭାରତ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ।

ଏହି ବୈଠକରେ କେନ୍ଦ୍ରୀୟ ଟିମ୍‌ର ଅନ୍ୟ ସଦସ୍ୟଙ୍କ ସହ ବାଣିଜ୍ୟ ଓ ପରିବହନ ସଚିବ ଜି.ଶ୍ରୀନିବାସ, କୃଷି ବିଭାଗ ନିର୍ଦ୍ଦେଶକ ଡ. ଏସ୍. ମୁଥୁକୁମାର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଇଂଲଣ୍ଡକୁ ହରାଇଲା ଶ୍ରୀଲଙ୍କା

**ଲିଡ୍ସ,୨୧।୬ (ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ସ୍ଥାନୀୟ ହେଡିଂଲି ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ବିଶ୍ୱକପ୍‌ର ୨୭ ତମ ମ୍ୟାଚ୍‌ରେ ଶ୍ରୀଲଙ୍କା ୨୦ରନରେ ଇଂଲଣ୍ଡକୁ ହରାଇଛି। ଏଥିସହିତ ଇଂଲଣ୍ଡ ଟୁର୍ନାମେଣ୍ଟରେ ତା'ର ଦ୍ୱିତୀୟ ପରାଜୟ ବରଣ କରିଛି। ପୂର୍ବରୁ ଇଂଲଣ୍ଡ ପାକିସ୍ତାନଠାରୁ ହାରିଥିଲା। ଦୁଇ ଏସୀୟ ଦେଶଠାରୁ ଇଂଲଣ୍ଡ ହାରିଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୪୭ ଓଭରେ ୨୧୨ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଏଥିସହ ଶ୍ରୀଲଙ୍କା ୬ଟି ମ୍ୟାଚ୍ ଖେଳି ଦୁଇଟି ବିଜୟ, ୨ଟି ପରାଜୟ ଓ ୨ଟି ବିନା ଫଳାଫଳ ସହ୬ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନକୁ ଉଠିଛି। ଅନ୍ୟପଟେ ଇଂଲଣ୍ଡ ୬ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ପୂର୍ବପରି ତୃତୀୟ ସ୍ଥାନରେ ରହିଛି।

୨୩୩ରନ ଟାର୍ଗେଟର ପିଛା କରି ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ବେନ୍ ଷ୍ଟୋକ୍ସ ସର୍ବାଧିକ ୮୨ ରନ କରି ଅପରାଜିତ ରହିଥିଲେ। ସେହିପରି ଜୋ ରୁଟ ୫୭ରନର କରିଥିଲେ। ବୋଲିଂରେ ଲସିଥ ମାଲିଙ୍ଗା ସର୍ବାଧିକ ୪, ଧନଞ୍ଜୟ ଡି ସିଲଭା ୩ଟି ଉଇକେଟ ନେଇଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଶ୍ରୀଲଙ୍କା ଦୁଇ ଓପନର ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ସତ୍ତ୍ୱେ ୫୦ ଓଭରରେ ୯ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଛି। ମିଡଲ ଅର୍ଡରରେ ବ୍ୟାଟ୍ସମ୍ୟାନମାନେ ଲଢେଇ କରିଥିଲେ। ମାଥ୍ୟୁସ୍ ୮୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳର ସମ୍ମାନ ରକ୍ଷା କରିଥିଲେ। ୧୪୬ ମିନିଟ କ୍ରିଜ୍‌ରେ ରହି ୧୧୫ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୧ ଛକା ସହ ୮୫ ରନ କରି ମାଥ୍ୟୁସ୍ ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଦୁଇଟି ପାର୍ଟନରଶିପ୍‌ରେ ମାଥ୍ୟୁସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଚତୁର୍ଥ ଉଇକେଟରେ କୁଶାଲ ମେଣ୍ଡିସ୍‌ଙ୍କ ସହ ମାଥ୍ୟୁସ ୭୧ ରନ ଓ ଷଷ୍ଠ ଉଇକେଟରେ ଧନଞ୍ଜୟ ଡି ସିଲଭାଙ୍କ ସହ ୫୭ ରନ ସଂଗ୍ରହ କରିଥିଲେ। ତେବେ ଏହା ପୂର୍ବରୁ କୁଶାଲ ମେଣ୍ଡିସ୍ ଓ ଅଭିଷ୍କା ଫର୍ନାଣ୍ଡୋ ତୃତୀୟ ଉଇକେଟରେ ୫୯ ରନ ସଂଗ୍ରହ କରିଥିଲେ। ଏହି ୩ଟି ପାର୍ଟନରଶିପ ବଳରେ ଶ୍ରୀଲଙ୍କା ଦୁଇଶହ ରନ ପାର କରିଥିଲା। ଅଭିଷ୍କା ୩୯ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୨ ଛକା ସହ ୪୯, କୁଶାଲ ମେଣ୍ଡିସ ୪୬ ରନ କରି ଆଉଟ ହୋଇଥିଲେ। ସେହିପରି ଧନଞ୍ଜୟ ଡି ସିଲଭା ୨୯ ରନର ଇନିଂସ ଖେଳିଥିଲେ। ବାକି ୭ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଏହି କ୍ରମରେ ଇନିଂସ ଓପନ କରିଥିବା ଅଧିନାୟକ ଦିମୁଥ କରୁଣାରତ୍ନେ ୧, କୁଶାଲ ପେରେରା ୨, ଥିସାରା ପେରେରା ୨, ଇସୁରୁ ଉଡାନା ୬, ଲସିଥ ମାଲିଙ୍ଗା ୧ ରନ କରି ଆଉଟ ହୋଇଥିବା ବେଳେ ଜୀବନ ମେଣ୍ଡିସ ଖାତା ଖୋଲିପାରି ନ ଥିଲେ। ନୂଆନ ପ୍ରଦୀପ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆୟୋଜକ ତଥା ଫେଭରାଇଟ୍ ଇଂଲଣ୍ଡ ଶୃଙ୍ଖଳିତ ପ୍ରଦର୍ଶନ କରିଥିଲା। ଦଳ ତରଫରୁ ଜୋଫ୍ରା ଆର୍ଚର ଓ ମାର୍କ ଉଡ ୩ଟି ଲେଖାଏ, ଆଦିଲ ରସିଦ ୨ ଓ କ୍ରିସ୍ ୱୋକ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ସ୍କୋୟାର ଲେଗରେ ଏକ ଶଟ୍ ଖେଳୁଛନ୍ତି ଆଞ୍ଜେଲୋ ମାଥ୍ୟୁସ।

### ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା ୫୦ ଓଭରରେ ୨୩୨/୯ (ଆଞ୍ଜେଲୋ ମାଥ୍ୟୁସ– ୮୫*, ଅଭିଷ୍କା ଫର୍ନାଣ୍ଡୋ– ୪୯, କୁଶାଲ ମେଣ୍ଡିସ– ୪୬, ଧନଞ୍ଜୟ ଡି ସିଲଭା– ୨୯, ଆର୍ଚର– ୩/୫୨, ଉଡ– ୩/୪୦, ରସିଦ– ୨/୪୫ )।

ଇଂଲଣ୍ଡ ୪୭ ଓଭରରେ ୨୧୨ ଅଲଆଉଟ (ଷ୍ଟୋକ୍ସ– ୮୨*, ରୁଟ– ୫୭, ମାଲିଙ୍ଗା – ୪/୪୩, ଡି ସିଲଭା– ୩/୩୨)।

## ଆଜିର ମ୍ୟାଚ୍

**ଭାରତ ବନାମ ଆଫଗାନିସ୍ତାନ**

ସ୍ଥାନ: ସାଉଥାମ୍ପଟନ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ୱେଷ୍ଟଇଣ୍ଡିଜ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ମାଞ୍ଚେଷ୍ଟର, ସମୟ: ରାତି ୭ଟା

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୬ | ୫ | ୧ | ୦ | ୦ | ୧୦ | +୦.୮୪୯ |
| ନ୍ୟୁଜିଲାଣ୍ଡ | ୫ | ୪ | ୦ | ୦ | ୧ | ୯ | +୧.୫୯୧ |
| ଇଂଲଣ୍ଡ | ୬ | ୪ | ୨ | ୦ | ୦ | ୮ | +୧.୪୫୭ |
| ଭାରତ | ୪ | ୩ | ୦ | ୦ | ୧ | ୭ | +୧.୦୨୯ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ବାଂଲାଦେଶ | ୬ | ୨ | ୩ | ୦ | ୧ | ୫ | +୦.୧୩୮ |
| ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୬ | ୧ | ୪ | ୦ | ୧ | ୩ | -୦.୧୯୩ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୫ | ୦ | ୫ | ୦ | ୦ | ୦ | -୨.୦୮୯ |

## ୱାର୍ନର–ଖ୍ୱାଜାଙ୍କ ରେକର୍ଡ ପାର୍ଟନରଶିପ

**ନଟିଂହାମ, ୨୧।୬**

ଆଇସିସି ବିଶ୍ୱକପ୍‌ରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪୮ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଓପନର ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନର ୧୪୭ ବଲରୁ ୧୬୬ ରନର ମାରାଥନ ଇନିଂସ ଖେଳି ଅଷ୍ଟ୍ରେଲିଆ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଶତକ ସହ ୱାର୍ନର ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍ ଇତିହାସରେ ଗୋଟିଏ ଇନିଂସରେ ୨ଥର ଦେଢ଼ଶହରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିପୂର୍ବରୁ ସେ ୨୦୧୫ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷରେ ୧୬୪ ବଲରୁ ୧୭୮ ରନର ଶତକୀୟ ଇନିଂସ ଖେଳିଥିଲେ। ସେହିଭଳି ଏହି ଇନିଂସ ଅବସରରେ ଉସମାନ ଖ୍ୱାଜା (୮୯ ରନ)ଙ୍କ ସହ ୱାର୍ନର ଦ୍ୱିତୀୟ ଉଇକେଟ୍ ଯୋଡ଼ିରେ ୧୪୨ ବଲରୁ ୧୯୨ ରନର ଭାଗୀଦାରି କରିଥିଲେ। ବାଂଲାଦେଶ ବିପକ୍ଷ କୌଣସି ଦିନିକିଆ ମ୍ୟାଚ୍‌ର ଯେ କୌଣସି ଉଇକେଟ୍‌ରେ ଅଷ୍ଟ୍ରେଲିଆ ପାଇଁ ଏହା ସର୍ବଶ୍ରେଷ୍ଠ ଭାଗୀଦାରି ସାବ୍ୟସ୍ତ ହୋଇଛି। ଏହି ଦୁଇଦେଶ ମଧ୍ୟରେ ମୋଟ୍ ଉପରେ ୨୨ ଦିନିକିଆ ମ୍ୟାଚ୍ ଖେଳାଯାଇଥିବାବେଳେ ଶେଷ ୮ ବର୍ଷ ମଧ୍ୟରେ ଏହା ୪ର୍ଥ ମ୍ୟାଚ୍ ଥିଲା। ପୂର୍ବରୁ ୨୦୧୭ ଚାମ୍ପିୟନ୍ସ ଟ୍ରଫି ଓ ୨୦୧୫ ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପରକୁ ଭେଟିଥିଲେ ମଧ୍ୟ ଖରାପ ପାଗ ଯୋଗୁ ମ୍ୟାଚ୍ ବାତିଲ ହୋଇଥିଲା।

## ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ ହେବ ମହିଳା କ୍ରିକେଟ

**ବର୍ମିଂହାମ୍, ୨୧।୬ (ପି.ଟି.)**

ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା କ୍ରିକେଟ ଏକ ଅଂଶବିଶେଷ ହେବ। ଏ ନେଇ ପଥ ପରିଷ୍କାର ହୋଇଛି। କାରଣ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ (ସିଜିଏଫ୍) ୨୦୨୨ ସଂସ୍କରଣରେ ମହିଳା କ୍ରିକେଟକୁ ସାମିଲ କରିବା ଲାଗି ସୁପାରିସ କରିଛି। ବର୍ମିଂହାମଠାରେ ସିଜିଏଫ୍‌ର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ବସିଥିଲା। ଗତ ନଭେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସେମାନଙ୍କ ବିଡ୍ ଦାଖଲ କରିଥିଲେ। ପୂର୍ବରୁ ଥରେ ୧୯୯୮ରେ କୁଆଲାଲମ୍ପୁର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂସ୍କରଣରେ ପୁରୁଷ କ୍ରିକେଟକୁ ସାମିଲ କରାଯାଇଥିଲା। ସେଥର ଦକ୍ଷିଣ ଆଫ୍ରିକା ଚାମ୍ପିୟନ ହୋଇଥିଲା।

## ବିପଦରେ ସଚିନଙ୍କ ଆଉ ଏକ ରେକର୍ଡ

**ନୂଆଦିଲ୍ଲୀ,୨୧।୬**

କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ରେକର୍ଡକୁ ଭାରତୀୟ ଅଧିନାୟକ ବିରାଟ କୋହଲି କ୍ରମାଗତ ଭାବେ ଭାଙ୍ଗି ଚାଲିଛନ୍ତି। ଗତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଦିନିକିଆରେ ୧୧ ହଜାର ରନ୍ ପୂରଣ କରିଥିବା କୋହଲିଙ୍କ ନିକଟରେ ସଚିନଙ୍କ ଆଉ ଏକ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି। ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ ୨୦ ହଜାର ଅନ୍ତର୍ଜାତୀୟ ରନ୍‌ଠାରୁ ଏବେ ୧୦୪ ରନ୍ ପଛରେ ଅଛନ୍ତି। ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ ଶତକ ଲଗାଇବାରେ ସଫଳ ହେଲେ ସେ ବିଶ୍ୱର ୧୨ତମ ଓ ଦେଶର ୩ୟ କ୍ରିକେଟର ଭାବେ ଏହି ମାଇଲଷ୍ଟୋନ ସ୍ପର୍ଶ କରିବେ। ସମ୍ମାନଜନକ ତାଲିକାରେ ସଚିନ (୩୪,୩୫୭ ରନ୍) ଓ ରାହୁଲ ଦ୍ରାବିଡ (୨୪,୨୦୮) ରହିଛନ୍ତି। କୋହଲି ଏପର୍ଯ୍ୟନ୍ତ ଦିନିକିଆ ଫର୍ମାଟରେ ୧୧୦୨୦, ଟେଷ୍ଟରେ ୬୬୧୩ ଓ ଟି୨୦ରେ ୨୨୬୩ ରନ୍ କରିସାରିଛନ୍ତି। ସେ ଦ୍ରୁତତମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିବା ନିଶ୍ଚିତ। ଏହି ରେକର୍ଡ ଏବେ ସଚିନ ଓ ୱେଷ୍ଟଇଣ୍ଡିଜ ଲିଜେଣ୍ଡ ବ୍ରାୟନ ଲାରାଙ୍କ ନାମରେ ରହିଛି। ଉଭୟ ପୂର୍ବତନ କ୍ରିକେଟର ୪୫୩ ଇନିଂସରେ ମାଇଲଷ୍ଟୋନ ସ୍ପର୍ଶ କରିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ ବ୍ୟାଟ୍ସମ୍ୟାନ ଏପର୍ଯ୍ୟନ୍ତ ୧୩୧ ଟେଷ୍ଟ, ୨୨୨ ଦିନିକିଆ ଓ ୬୨ ଟି୨୦କୁ ମିଶାଇ ମୋଟ ୪୧୯ ଇନିଂସ ଖେଳିଛନ୍ତି। ଦ୍ରୁତତମ ୨୦ ହଜାର ରନ୍ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ରିକି ପଣ୍ଟିଂ (୪୬୮ ଇନିଂସ) ୩ୟ ସ୍ଥାନରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ କୋହଲି ଜବରଦସ୍ତ ଫର୍ମରେ ଅଛନ୍ତି। ସେ ଅଷ୍ଟ୍ରେଲିଆ ବିପକ୍ଷରେ ୮୨ ଓ ପାକିସ୍ତାନ ମ୍ୟାଚ୍‌ରେ ୭୭ ରନ୍ କରିଥିଲେ। ଏଭଳି ଫର୍ମରେ ଥିବା କୋହଲି ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଶତକ ଲଗାଇବାର ବିଶେଷ ସମ୍ଭାବନା ରହିଛି।

## ଇଂଲଣ୍ଡ ଦଳକୁ ଫେରିବା ନେଇ ରୟ ଆଶାବାଦୀ

**ଲିଡ୍ସ, ୨୧।୬ (ଏଏଫପି)**

ଆଘାତପ୍ରାପ୍ତ ଖେଳାଳି ଜାସନ ରୟ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ବେଳକୁ ଇଂଲଣ୍ଡ କ୍ରିକେଟ ଦଳକୁ ଫେରିବା ନେଇ ଆଶାବାଦୀ ଅଛନ୍ତି। ଚଳିତ ଆଇସିସି ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷ ବିଜୟ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ଏହି ଡାଇନାମିକ୍ ଓପନର ହାମଷ୍ଟ୍ରିଙ୍ଗ ଇଞ୍ଜୁରୀର ଶିକାର ହୋଇଛନ୍ତି। ଫଳରେ ଶୁକ୍ରବାର ହେଡିଙ୍ଗଲେଠାରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ସମେତ ଦୁଇଟି ଗେମ୍‌ରୁ ସେ ବାଦ୍ ପଡ଼ିଛନ୍ତି। ଗୁରୁବାର ୟର୍କଶାୟାରଠାରରେ ସ୍ୱଳ୍ପକାଳୀନ ନେଟ୍ ପ୍ରାକ୍ଟିସ ସମୟରେ ତାଙ୍କୁ ବ୍ୟାଟିଂ ନ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏହାସତ୍ତ୍ୱେ ସେ ଲର୍ଡ୍ସଠାରେ ମଙ୍ଗଳବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ଖେଳିବା ଲାଗି ଆଗ୍ରହୀ ଅଛନ୍ତି। ଆୟୋଜକ ଇଂଲଣ୍ଡ ପ୍ରଭାବୀ ପ୍ରଦର୍ଶନ ସହ ପ୍ରଥମ ଥର ବିଶ୍ୱକପ୍ ଜିତିବା ସମ୍ଭାବନା ସୃଷ୍ଟି କରିଛି। ଶୁକ୍ରବାର ଇଂଲଣ୍ଡର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ପରିପ୍ରେକ୍ଷୀ ବିବିସି ରେଡିଓର ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପରିପ୍ରେକ୍ଷୀରେ ସେ କହିଛନ୍ତି, ଶୀଘ୍ର ଫିଟ୍ ହେବା ଲାଗି ମୁଁ କଠିନ ପରିଶ୍ରମ କରୁଛି। ଆଘାତଜନିତ ସମସ୍ୟାରେ କ୍ରମେ ଉନ୍ନତି ଘଟିବାରେ ଲାଗିଛି। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଅଷ୍ଟ୍ରେଲିଆ ବିପକ୍ଷ ଗେମ୍ ବେଳକୁ ମୁଁ ଫିଟ୍ ହୋଇ ଯାଇଥିବି ବୋଲି ରୟ କହିଛନ୍ତି।

# ୱେଷ୍ଟଇଣ୍ଡିଜ ଲାଗି କର ବା ମର ସ୍ଥିତି

**ମାଞ୍ଚେଷ୍ଟର,୨୧।୬(ପି.ଟି.)**

ବିଶ୍ୱକପରେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟର ଏହି ୨୯ତମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଫେଭରାଇଟ ବିବେଚିତ ହେଉଛି। ଅନ୍ୟପଟେ ଏହି ମ୍ୟାଚ୍ ୱେଷ୍ଟଇଣ୍ଡିଜ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ବିଶ୍ୱକପ୍‌ର ୱେଷ୍ଟଇଣ୍ଡିଜ ତା'ର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରି ଜବରଦସ୍ତ ଆରମ୍ଭ କରିଥିଲା। ତେବେ ଏହାପରଠାରୁ ୱେଷ୍ଟଇଣ୍ଡିଜର ପ୍ରଦର୍ଶନରେ କ୍ରମାଗତ ଭାବେ ଅବନତି ହୋଇଛି। ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ପରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ବାଂଲାଦେଶଠାରୁ ପରାସ୍ତ ହୋଇ ୩ଟି ପରାଜୟ ବରଣ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହେବା ପରେ ୱେଷ୍ଟଇଣ୍ଡିଜ ଗୋଟିଏ ପଏଣ୍ଟ ପାଇଥିଲା। ଏପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ପଛକୁ ରହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ବାଂଲାଦେଶ ବିପକ୍ଷରେ ୱେଷ୍ଟଇଣ୍ଡିଜ ୮ ଉଇକେଟ ହରାଇ ୩୨୧ ରନ କରିଥିଲେ ମଧ୍ୟ ଦୁର୍ବଳ ବୋଲିଂ କାରଣରୁ ପରାସ୍ତ ହୋଇଥିଲା। ବାଂଲାଦେଶ ମାତ୍ର ୪୧.୩ ଓଭରରେ ୭ ଉଇକେଟ ହାତରେ ରଖି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। କ୍ରିସ୍ ଗେଲଙ୍କୁ ବାଦ୍ ଦେଲେ ୱେଷ୍ଟଇଣ୍ଡିଜର ବାକି ସବୁ ବ୍ୟାଟ୍ସମ୍ୟାନ ଭଲ ପ୍ରଦର୍ଶନ କରିଛନ୍ତି। ବୋଲିଂ ଦୁର୍ବଳତା ନେଇ ଅଧିନାୟକ ଜାସନ ହୋଲ୍ଡର ଚିନ୍ତା ପ୍ରକଟ କରିଛନ୍ତି। ଏଭିନ ଲୁଇସ୍, ଶାଇ ହୋପ, ସିମରନ ହେଟମେୟର ଓ ଜାସନ ହୋଲ୍ଡରଙ୍କୁ ନେଇ ୱେଷ୍ଟଇଣ୍ଡିଜ ବ୍ୟାଟିଂ ଲାଇନ ବେଶ୍ ଦୃଢ ମନେହେଉଛି। ତେବେ ଗେଲ ଓ ଆନ୍ଦ୍ରେ ରସେଲଙ୍କ ବ୍ୟାଟିଂ ଆଶାନୁରୂପ ହୋଇପାରିନାହିଁ। ତେବେ ୱେଷ୍ଟଇଣ୍ଡିଜ ବୋଲରମାନେ ନିହାତି ମାମୁଲି ପ୍ରଦର୍ଶନ କରିଛନ୍ତି। ଶେଲଡନ କଟ୍ରେଲ, ଶାନନ ଗାବ୍ରିଏଲ ଓ ଓଶେନ ଥୋମାସଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ।


ୱେଷ୍ଟଇଣ୍ଡିଜ ଦଳର ଖେଳାଳିମାନେ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଆସିଛି। ନ୍ୟୁଜିଲାଣ୍ଡର ଆତ୍ମବିଶ୍ୱାସ ଆକାଶଛୁଆଁ ହୋଇଛି। ନ୍ୟୁଜିଲାଣ୍ଡ ଶ୍ରୀଲଙ୍କ, ବାଂଲାଦେଶ, ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ତେବେ ଭାରତ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଏବେ ଏହି ଦଳ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବ। ୱେଷ୍ଟଇଣ୍ଡିଜ ସମେତ , ପାକିସ୍ତାନ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ କଡ଼ା ସଂଘର୍ଷର ସମ୍ମୁଖୀନ ହେବ।

ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ୧୦୬ ରନର ଅପରାଜିତ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ସ୍କୁଲ ପିଲାଙ୍କ ସହ ଖେଳିଲେ କୋହଲି


ସ୍କୁଲ ପିଲାଙ୍କ ସହ କ୍ରିକେଟ ଖେଳୁଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି।

**ସାଉଥାମ୍ପଟନ,୨୧।୬**

ସ୍ଥାନୀୟ ସ୍ପ୍ରିଙ୍ଗହିଲ ସ୍କୁଲର ୩୦ ଛାତ୍ରୀଛାତ୍ରଙ୍କ ଲାଗି ଗୁରୁବାର ଥିଲା ସ୍ୱତନ୍ତ୍ର ଦିନ। କାରଣ ଭାରତୀୟ କ୍ରିକେଟ ଦଳର ଅଧିନାୟକ ତଥା ନଂ ୧ ଦିନିକିଆ ବ୍ୟାଟ୍ସମ୍ୟାନ ବିରାଟ କୋହଲି ସେମାନଙ୍କ ସହ ଖେଳିଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପ୍ରୋଗ୍ରାମ ଅବସରରେ ଉକ୍ତ ସ୍କୁଲର ଛାତ୍ରୀଛାତ୍ର କୋହଲିଙ୍କୁ ଭେଟିବାକୁ ସୁଯୋଗ ପାଇଥିଲେ। ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ କୁନି ପ୍ରଶଂସକଙ୍କୁ ନିରାଶ ନ କରି ଫଟୋ ଉଠାଇବା ସହ ପ୍ରତ୍ୟେକଙ୍କୁ ଅଟୋଗ୍ରାଫ ଦେଇଥିଲେ। ୯ ବର୍ଷୀୟ ଶିଭେନ କୁମାର ନାମକ ଛାତ୍ର ନିଜ ବ୍ୟାଟ୍‌ରେ ଦୁଇ ଫେଭରାଇଟ୍ ଖେଳାଳି କୋହଲି ଓ ମହେନ୍ଦ୍ର ସିଂ ଧୋନୀଙ୍କ ଅଟୋଗ୍ରାଫ ନେଇଥିଲା। କୋହଲି ବହୁତ ଦୟାଳୁ ବୋଲି ଭାରତୀୟ ଅଧିନାୟକଙ୍କ ସମ୍ପର୍କରେ ଶିଭେନ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଦଳର ସଦସ୍ୟ ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଉପସ୍ଥିତ ଥିଲେ।

# ଦକ୍ଷିଣ ଆଫ୍ରିକାର ମଧ୍ୟ ସମୟ ଆସିବ

**ଜ୍ୟାକ୍ କାଲିସ୍**

ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଦକ୍ଷିଣ ଆଫ୍ରିକା ସମର୍ଥକ ନିରାଶ ହୋଇଥିବେ। ତେବେ ବିଜୟ ଓ ପରାଜୟ କ୍ରୀଡ଼ାର ଅଂଶବିଶେଷ ହୋଇଥାଏ। ତେଣୁ ଖେଳୁଥିବା ଓ ଖେଳ ଦେଖୁଥିବା ଲୋକେ ଏହା ଭୁଲିବା ଉଚିତ୍ ନୁହଁ। ବହୁ ବର୍ଷ ଧରି ଦକ୍ଷିଣ ଆଫ୍ରିକା ଆଶାତୀତ ସଫଳତା ହାସଲ କରିଛି ଓ କେତୋଟି ପରାଜୟ ବରଣ ମଧ୍ୟ କରିଛି। ଗତ ୨୫ ବର୍ଷ ହେବ ବିଶ୍ୱକପ୍ ଆମ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି ଓ ଭାଗ୍ୟ ଆମକୁ ସହାୟ ହୋଇନାହିଁ। ତେବେ ଆଗାମୀ ପିଢିରେ ଆମର ମଧ୍ୟ ସମୟ ଆସିବ, ଏଥିରେ ସନ୍ଦେହ ନାହିଁ।

ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ଓ ଏକ ସମ୍ଭାବ୍ୟ ରନ୍ ଆଉଟ୍‌କୁ ମଧ୍ୟ ହାତଛଡ଼ା କରିଥିଲୁ। ପୁଣି ଇମ୍ରାନ ତାହିରଙ୍କ ବଲ୍‌ରେ କେନ୍ ୱିଲିୟମସନଙ୍କ କ୍ୟାଚ୍‌କୁ ଉଇକେଟକିପର ଧରିଥିଲେ ମଧ୍ୟ ରିଭ୍ୟୁ ମିସ୍ କରିଥିଲୁ। ଏହା ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଓ ଟୁର୍ନାମେଣ୍ଟରେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା ବୋଲି କୁହାଯାଇପାରେ।

ସ୍ୱତଃପ୍ରବୃତ୍ତ ଭାବେ ଶ୍ରେଷ୍ଠ ଦଳଗୁଡିକ ପଏଣ୍ଟ ତାଲିକାର ସର୍ବୋଚ୍ଚ ୪ଟି ସ୍ଥାନରେ ରହିଛନ୍ତି। ଏହି ଦଳଗୁଡିକ ସେମିଫାଇନାଲ ଖେଳିବା ଏକପ୍ରକାର ନିଶ୍ଚିତ ବୋଲି ଆଶା କରାଯାଉଛି। ତେବେ ସେମିଫାଇନାଲରେ ଦୁଇ ଫେଭରାଇଟ ଦଳ ଇଂଲଣ୍ଡ ଓ ଭାରତ ମୁହାଁମୁହିଁ ହେବେ କି ଫାଇନାଲରେ ପରସ୍ପରକୁ ଭେଟିବେ ତାହା ଦେଖିବାକୁ ବାକି ରହିଲା। ଭାରତ– ପାକିସ୍ତାନ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ସମ୍ଭାବନା ସୃଷ୍ଟି ହୋଇଥିଲା। ଏହା ହୋଇଥିଲେ ସାରା ବିଶ୍ୱର କ୍ରିକେଟ ପ୍ରଶଂସକ ନିରାଶ ହୋଇଥାନ୍ତେ। ତେବେ ଶେଷରେ ଏହି ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଦଳ ଦମ୍‌ଦାର ପ୍ରଦର୍ଶନ କରିଥିଲା ଓ ବିଜୟ ହାସଲ କରିଥିଲା। ରୋହିତ ଶର୍ମା ବେଶ୍ ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଭାରତ ଏହି ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା।

ଇଞ୍ଜୁରି କାରଣରୁ ଶିଖର ଧାୱନ ବିଶ୍ୱକପ୍‌ରୁ ବାଦ ପଡିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ତାଙ୍କ ବଦଳରେ ରିଷଭ ପନ୍ତ ଦଳରେ ସାମିଲ ହୋଇଛନ୍ତି। ତେବେ ପ୍ରଥମେ ପନ୍ତଙ୍କୁ ଚୟନକର୍ତ୍ତାମାନେ ଅବହେଳା କରିଥିଲେ। ଏଥିରେ କେବଳ ମୁଁ ନୁହେଁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ପନ୍ତଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ବିଶ୍ୱକପ୍‌ରେ ଖେଳିବା ଆବଶ୍ୟକ। ତାଙ୍କୁ ଏତେଶୀଘ୍ର ଦଳରେ ସାମିଲ କରାଯିବାର ସମ୍ଭାବନା କମ ରହିଛି। ଆଫଗାନିସ୍ତାନ ବିପକ୍ଷରେ ଖେଳିଲେ ସେ କିଭଳି ପ୍ରଦର୍ଶନ କରିବେ ତାହା ଦେଖିବାକୁ ବାକି ରହିଲା।

ଆଫଗାନିସ୍ତାନ ଲଢେଇ କରିବ ବୋଲି ଆଶା କରୁଥିଲି। ଅତିକମ୍‌ରେ ୨ଟି ମ୍ୟାଚ୍ ଜିତିବ ବୋଲି ଭାବୁଥିଲି। ତେବେ ବିଶ୍ୱକପ୍ ଭଳି ବଡ଼ ଟୁର୍ନାମେଣ୍ଟରେ ଆଫଗାନିସ୍ତାନ ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ରବିବାର ଲର୍ଡ୍ସରେ ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ଗୁରୁତ୍ୱ ଏବେ ବଢିଯାଇଛି। ଏପର୍ଯ୍ୟନ୍ତ ଦୁଇ ଦଳ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ତେବେ ଦମ୍ ଦେଖାଇବା ପାଇଁ ଦୁଇ ଦଳ ଏବେ ସୁଯୋଗ ପାଇଛନ୍ତି।

(ଗେମ୍‌ପ୍ଲାନ/ ଟିଭା କ ସ୍ପୋର୍ଟ୍ସ)




> ଚଳିତ ଆଇସିସି ବିଶ୍ୱକପ୍‌ରେ କେବଳ ଦଳ ନୁହେଁ, ମୋ ଠାରୁ ମଧ ଆହୁରି ଭଲ ପ୍ରଦର୍ଶନ ଆଶା କରୁଛି ।
> —ତାମିମ ଇକବାଲ, ବାଂଲାଦେଶ କ୍ରିକେଟ ଓପନର



> ଅଷ୍ଟ୍ରେଲିଆ ନିକଟରୁ ପରାଜୟ ସତ୍ତ୍ୱେ ସେମିଫାଇନାଲକୁ ଉନ୍ନୀତ ହେବା ଲାଗି ଆମେ ଲକ୍ଷ୍ୟ ରଖିଛୁ ।
> —ମାଶ୍ରାଫି ମୋର୍ତାଜା, ବାଂଲାଦେଶ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ମହିଳା ଫିଫା ବିଶ୍ୱକପ୍ ନକ୍ଆଉଟ୍ ପର୍ଯ୍ୟାୟରେ କାମେରୁନ

ପ୍ୟାରିସ,୨୧।୬(ଏଏଫ୍‌ପି)- ମ୍ୟାଚ୍‌ର ଅତିରିକ୍ତ ମିନିଟ୍‌ରେ ଆଜାରା ନଚଟଙ୍କ ଗୋଲ ଯୋଗୁ କାମେରୁନ ୨-୧ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଏହି ରୋମାଞ୍ଚକ ବିଜୟ ସହ କାମେରୁନ ଦଳ ଚଳିତ ମହିଳା ଫିଫା ବିଶ୍ୱକପ୍‌ର ନକ୍ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଧାର୍ଯ୍ୟ ୯୦ ମିନିଟ୍ ଶେଷ ପରେ ମ୍ୟାଚ୍ ରେଫରି ଅତିରିକ୍ତ ୫ ମିନିଟ୍ ଦେଇଥିଲେ। ସମୟ ଶେଷ ହେବାର ୧୦ ସେକେଣ୍ଡ ପୂର୍ବରୁ ନଚଟଙ୍କ ଗୋଲ କାମେରୁନକୁ ମ୍ୟାଚ୍ ଜିତାଇ ଦେଇଥିଲା। ଏଥିପୂର୍ବରୁ ସେ ମ୍ୟାଚ୍‌ର ୫୭ ମିନିଟ୍‌ରେ ଦଳ ଲାଗି ପ୍ରଥମ ଗୋଲ ସ୍କୋର କରିଥିଲେ। ଜବାବରେ କାମେରୁନ ଖେଳାଳି ଅରେଲ ଅବୋନା ଆତ୍ମଘାତୀ ଗୋଲ ଦେଇଥିଲେ। ବିଜୟ ଯୋଗୁ କାମେରୁନ ୩ ପଏଣ୍ଟ ସହ ଗ୍ରୁପ ଇ'ର ୩ୟ ସ୍ଥାନ ହାସଲ କରିଛି। ୧୬ ଦଳ ବିଶିଷ୍ଟ ନକ୍ଆଟ୍ ପର୍ଯ୍ୟାୟରେ ୬ ଗ୍ରୁପ୍‌ର ଶୀର୍ଷ ଦୁଇ ଦଳ ଓ ସର୍ବାଧିକ ପଏଣ୍ଟ ସହ ୩ୟ ସ୍ଥାନରେ ଥିବା ୪ ଦଳ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ।

### କ୍ୱାର୍ଟରରେ ଫେଡରର

ହାଲେ ୱେଷ୍ଟଫଲେନ(ଜର୍ମାନୀ), ୨୧।୬(ଏଏଫ୍‌ପି): ଏଠାରେ ଚାଲିଥିବା ଏଟିପି ହାଲେ ଓପନରେ କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୭-୬(୭/୫), ୪-୬, ୭-୫ ସେଟ୍‌ରେ ଫ୍ରାନ୍ସର ଜୋ ୱିଲାଫ୍ରେଡ ଟିସୋଙ୍ଗାଙ୍କୁ ହରାଇ ଦେଇଛନ୍ତି। ମ୍ୟାଚ୍ ଜିତିବା ପରେ ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ପୂର୍ବରୁ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଥିବା ଫେଡରର କହିଛନ୍ତି। ସେ ଅଗାମୀ ମ୍ୟାଚ୍‌ରେ ବୌତିସ୍ତା ଅଗୁତଙ୍କୁ ଭେଟିବେ। ସ୍ଥାନୀୟ ଫେଭରାଇଟ୍ ଖେଳାଳି ଆଲେକ୍ସଜାଣ୍ଡର ମଧ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେ ଆମେରିକାର ଷ୍ଟିଭ ଜନସନଙ୍କୁ ୬-୩, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି।

# ଭାରତ-ଆଫଗାନିସ୍ତାନ ମୁକାବିଲା ଆଜି

ସାଉଥାମ୍ପଟନ,୨୧।୬(ପି.ଟି.)

ଚଳିତ ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଭାରତ ଟୁର୍ନାମେଣ୍ଟର ୨୮ତମ ମ୍ୟାଚ୍‌ରେ ଶନିବାର ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ଭେଟିବ। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଏକତରଫା ହେବ ବୋଲି ଆଶା କରାଯାଉଛି। ତେବେ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲ୍‌କା ଭାବେ ନେବନାହିଁ ଓ ଏଥିରେ ବିଜୟୀ ହୋଇ ସେମିଫାଇନାଲର ନିକଟତର ହେବାକୁ ଚେଷ୍ଟା କରିବ। କେବଳ ସେତିକି ନୁହେଁ ବୃହତ ବ୍ୟବଧାନରେ ବିଜୟୀ ହୋଇ ଭାରତ ନେଟ୍ ରନ ରେଟ୍‌ରେ ମଧ ଉନ୍ନତି ଆଣିବାକୁ ପ୍ରୟାସ କରିବ।

ବିଶ୍ୱକପ୍‌ରେ ଆଫଗାନିସ୍ତାନର ଅଭିଯାନ ବେଶ୍ ବିବାଦୀୟ ହୋଇପଡିଛି। ପଡିଆ ଭିତରେ ଓ ବାହାରେ କେତୋଟି ନିଷ୍ପତ୍ତି ଆଫଗାନିସ୍ତାନକୁ ଆହୁରି ବିବାଦୀୟ କରିଛି। ଭାରତ ଭଳି ଏକ ଶକ୍ତିଶାଳୀ ଦଳକୁ ଭେଟିବାକୁ ଯାଉଥିବାରୁ ଆଫଗାନିସ୍ତାନ ମଧ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବ। ଏହି ଦଳର ପ୍ରଦର୍ଶନରେ ଅବଶ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ପଏଣ୍ଟ ତାଲିକାରେ ଖାତା ଖୋଲି ନ ପାରି ଅନ୍ତିମ ତଥା ଦଶମ ସ୍ଥାନରେ ରହିଛି। ଅନ୍ୟପଟେ ଭାରତ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୩ଟିରେ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ପାକିସ୍ତାନକୁ ଭାରତ ଏକପାଖିଆ ଭାବେ ପରାସ୍ତ କରିଛି। ତେବେ ବର୍ଷା ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ବାତିଲ ହେବା ଫଳରେ ପଏଣ୍ଟ ଭାଗ ହୋଇଥିଲା। ବରିଷ୍ଠ ଓପନର ଶିଖର ଧାୱନ, ସ୍ୱିଡଷ୍ଟାର ଭୁବନେଶ୍ୱର କୁମାର ଓ ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତର ପ୍ରଦର୍ଶନରେ ସେଭଳି ଫରକ ପଡିବ ନାହିଁ ବୋଲି ଆଶା କରାଯାଉଛି। ଧାୱନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଥିବା ବେଳେ ତାଙ୍କ ସ୍ଥାନରେ ଲୋକେଶ ରାହୁଲ ଇନିଂସ ଓପନ କରି ପାକିସ୍ତାନ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ଅଧିନାୟକ ଓ କୋଚ୍‌ଙ୍କ ବିଶ୍ୱାସଭାଜନ ହୋଇଛନ୍ତି। ଅନ୍ୟତମ ତାରକା ଓପନର ରୋହିତ ଶର୍ମା ଏବେ ଜବରଦସ୍ତ ଫର୍ମରେ ରହିଛନ୍ତି। ଆଫଗାନିସ୍ତାନର ଆଗଧାଡିର ବୋଲର ରସିଦ୍ ଖାଁ ଏବେ ଫର୍ମରେ ନାହାନ୍ତି। ଆଫଗାନିସ୍ତାନ ଦୁର୍ବଳ ବୋଲିଂର ଫାଇଦା ଉଠାଇ ରୋହିତ ଚତୁର୍ଥ ଦିନିକିଆ ଦ୍ୱିଶତକ ହାସଲ କରିବେ ବୋଲି ଆଶା କରାଯାଉଛି। ଅଧିନାୟକ ବିରାଟ କୋହଲି ଅଷ୍ଟ୍ରେଲିଆ ଓ ପାକିସ୍ତାନ ବିପକ୍ଷରେ ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଦେଖିଚାହିଁ ସେ ଇନିଂସ ଆରମ୍ଭ କରି ଉପଯୋଗୀ ପାଳି ଖେଳିଛନ୍ତି। ବିଜୟ ଶଙ୍କରଙ୍କ ଆଘାତ ସମସ୍ୟା ସେତେଟା ଗୁରୁତର ହୋଇ ନ ଥିଲେ ମଧ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସାମାନ୍ୟ ଚିନ୍ତା ସୃଷ୍ଟି କରିଛି। ତେବେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ସାମିଲ ହେବା ପରେ ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଶଙ୍କର ଯଦି ଠିକ୍ ସମୟରେ ଫିଟ୍ ନ ହୁଅନ୍ତି ତେବେ ପନ୍ତ କିମ୍ବା ଅଭିଜ୍ଞ ଦୀନେଶ କାର୍ତ୍ତିକ ତାଙ୍କ ସ୍ଥାନରେ ଖେଳିପାରିବେ। ପ୍ରଥମ ପସନ୍ଦ ଭାବେ ଟିମ୍ ମ୍ୟାନେଜମେଣ୍ଟ କାର୍ତ୍ତିକଙ୍କୁ ୧୫ଜଣିଆ ବିଶ୍ୱକପ୍ ଦଳରେ ସାମିଲ କରିଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆଗୁଆ ବ୍ୟାଟିଂ କରିବାକୁ ସୁଯୋଗ ଦିଆଯିବା ପରେ ସେ ଏହାର ସଦ୍‌ଉପଯୋଗ କରିଛନ୍ତି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମଧ ଷ୍ଟମ୍ପ ପଛରେ ଓ ବ୍ୟାଟିଂରେ ନିଜର ଦାୟିତ୍ୱ ତୁଲାଇବାରେ ସକ୍ଷମ ହୋଇଛନ୍ତି। ଏହି ମ୍ୟାଚ୍‌ରେ କୋହଲି କେଦାର ଯାଦବଙ୍କ କ୍ରମରେ ଉନ୍ନତ ବ୍ୟାଟିଂ କରିବାର ସୁଯୋଗ ଦେଇପାରନ୍ତି। କାରଣ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି କେଦାର ମାତ୍ର ୮ଟି ବଲ ଖେଳିଛନ୍ତି।

ବୋଲିଂରେ ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଆମେ କୌଣସି ଦଳକୁ ହେୟ ମନେ କରୁନାହୁଁ। ଅଷ୍ଟ୍ରେଲିଆ ହେଉ କି ଆଫଗାନିସ୍ତାନ ସବୁ ଦଳକୁ ଆମେ ସମାନ ଭାବେ ସମ୍ମାନ ଦେଇଥାଉ ବୋଲି ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା କହିଛନ୍ତି। ଦଳର ସାମର୍ଥ୍ୟ ଉପରେ ଫୋକସ କରୁଛୁ। ପୁଣି ଆଉ ଅଧିକ କ'ଣ କରିହେବ ତାହା ଉପରେ କାର୍ଯ୍ୟ କରୁଛୁ ବୋଲି ସେ କହିଛନ୍ତି। ପାକିସ୍ତାନ ବିପକ୍ଷରେ ୧୬ଟି ବଲ ପକାଇବା ପରେ ଭୁବନେଶ୍ୱର ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇ ପଡିଆ ବାହାରକୁ ଯାଇଥିଲେ। ତେବେ ଅଲରାଉଣ୍ଡର ବିଜୟ ଶଙ୍କର ଓ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କୁ ଅନୁପସ୍ଥିତିରେ ଠିକ୍ ଭାବେ ବୋଲିଂ କରି ଦାୟିତ୍ୱ ତୁଲାଇଥିଲେ। ଆଫଗାନିସ୍ତାନ ବିପକ୍ଷରେ ଦ୍ରୁତ ବୋଲର ମହମ୍ମଦ ସାମି ଖେଳିବେ ଓ ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ବୋଲିଂ କରିବାର ସୁଯୋଗ ହାସଲ କରିବେ। ଆଫଗାନିସ୍ତାନର ହଜରତୁଲ୍ଲା ଜାଜାଇ, ହଶମାତୁଲ୍ଲା ସାହିଦି ଓ ଅସଘର ଆଫଗାନଙ୍କୁ ସାମି ସମସ୍ୟାରେ ପକାଇବେ। ଅନଭିଜ୍ଞ ଆଫଗାନିସ୍ତାନ ବ୍ୟାଟିଂ ଲାଇନ୍‌ଅପ୍ ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ବିପକ୍ଷରେ ସଂଘର୍ଷ କରିବେ। ତେବେ ଆଫଗାନିସ୍ତାନ ଭାରତକୁ ସହଜରେ ବାଟ ଛାଡିବ ନାହିଁ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍‌ରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କେତୋଟି ଏକ୍ସପେରିମେଣ୍ଟ ବା ପ୍ରୟୋଗ କରିବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନ ଅବସରରେ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମି ଆଲୋଚନାରତ। ରିଷଭ ପନ୍ତ ଓ ରୋହିତ ଶର୍ମା।

### ଖେଳାଳି ତାଲିକା

- **ଭାରତ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ ଓ ଭୁବନେଶ୍ୱର କୁମାର।
- **ଆଫଗାନିସ୍ତାନ:** ଗୁଲବଦିନ ନାଇବ (ଅଧିନାୟକ), ଅଫତାବ ଆଲମ, ହଜରତୁଲ୍ଲା ଜାଜାଇ, ଅସଘର ଆଫଗାନ୍, ରସିଦ ଖାଁ, ମହମ୍ମଦ ନବୀ, ମୁଜିବ ଉର ରହମାନ, ଦଲତ ଜଦ୍ରାନ, ନାଜିବୁଲ୍ଲା ଜଦ୍ରାନ, ହମିଦ ହାସନ, ହାଶମତୁଲ୍ଲା ଶାହିଦି, ସମିଉଲ୍ଲା ଶିନୱାରି, ରହମତ ଶାହ, ନୁର ଅଲି ଜଦ୍ରାନ ଓ ଇକ୍ରାମ ଅଲିଖିଲ।

### ପ୍ରଣତିଙ୍କୁ ବ୍ରୋଞ୍ଜ



ନୂଆଦିଲ୍ଲୀ,୨୧।୬ (ପି.ଟି.)

ମଙ୍ଗୋଲିଆର ଉଲାନବାତାରଠାରେ ଚାଲିଥିବା ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଭଲ୍ଟ ଇଭେଣ୍ଟରେ ଶୁକ୍ରବାର ଭାରତୀୟ ମହିଳା ଜିମ୍ନାଷ୍ଟ ପ୍ରଣତି ନାୟକ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବେଙ୍ଗଲର ଏହି ୨୩ ବର୍ଷୀୟା ୬ଷ୍ଠ ସ୍ଥାନ ସହ ଭଲ୍ଟ ଫାଇନାଲରେ ପ୍ରବେଶ କରିଥିଲେ। ସେ ୧୩.୩୮୪ ସ୍କୋର କରିବା ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ପ୍ରଥମ ଓ ଦ୍ୱିତୀୟ ଭଲ୍ଟରେ ଯଥାକ୍ରମେ ୧୩.୪୦୦ ଏବଂ ୧୩.୩୬୭ ସ୍କୋର କରିଥିଲେ। ଇଭେଣ୍ଟରେ ଚାଇନାର ୟୁ ଲିନ୍‌ମିନ୍ (୧୪.୩୫୦) ଏବଂ ଜାପାନର ଆୟାକା ସାକାଗୁଛି (୧୩.୫୮୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଲାଭ କରିଥିଲେ। କୋଚ୍ ମିନାରା ବେଗମ କହିଛନ୍ତି, ପ୍ରଣତିଙ୍କୁ ଯେତେବେଳେ ୧୬ ବର୍ଷ ହୋଇଥିଲା, ସେତେବେଳେ ମୁଁ ତାଙ୍କୁ ଟ୍ରେନିଂ ଦେଇ ଆସୁଛି। ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଦେଶ ଓ ମୋ ପାଇଁ ଗର୍ବର ବିଷୟ। ଜିମ୍ନାଷ୍ଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ) ଉପ-ସଭାପତି ରିୟାଜ ଭଟି ମଧ ପ୍ରଣତିଙ୍କ ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଣତି ଏସିଆନ ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିଥିବାରୁ ମୁଁ ବହୁତ ଖୁସି। ତାଙ୍କଠାରୁ ଏକ ଅନ୍ତର୍ଜାତୀୟ ପଦକ ବହୁ ଦିନ ହେଲା ଆଶା କରାଯାଉଥିଲା।

# ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପରିସରଭୁକ୍ତ ହେବେ ଭାଷ୍ୟକାର

ନୂଆଦିଲ୍ଲୀ,୨୧।୬

ଲୋଧା କମିଟିର ଅନ୍ୟତମ ପ୍ରମୁଖ ସଂସ୍କାରମୂଳକ ସୁପାରିସ ହେଲା 'ଜଣେ ବ୍ୟକ୍ତିଙ୍କୁ ଗୋଟିଏ ପଦବୀ'। ତଦାନୁସାରେ ପୂର୍ବତନ ଅବା ସକ୍ରିୟ ଖେଳାଳି ଟୁର୍ନାମେଣ୍ଟରେ କମେଣ୍ଟ୍ରି କଲେ ସେମାନେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଅବା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନିୟମ ପରିସରଭୁକ୍ତ ହେବେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିସିସିଆଇ ଏଥିକ୍ସ ଅଫିସର ଡି.କେ. ଜୈନ ଶୁକ୍ରବାର ଏକଥା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଓ ଭି.ଭି.ଏସ୍. ଲକ୍ଷ୍ମଣଙ୍କୁ ଉପଦେଷ୍ଟା କମିଟି (ସିଏସି)ର ସଦସ୍ୟ ଏବଂ ଆଇପିଏଲ ଫ୍ରାଞ୍ଚାଇଜର ମେଣ୍ଟର ପଦବୀ ମଧ୍ୟରୁ ଗୋଟିଏ ବାଛିବାକୁ ପଡ଼ିବ। ପୂର୍ବତନ ଖେଳାଳି ଦ୍ୱୟ ଦୁଇଟି ପଦବୀରେ ଥିବାରୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସ୍ଥିତି ଉପୁଜିଛି। ଲକ୍ଷ୍ମଣ ଆଇପିଏଲ ଦଳ ସନରାଇଜର୍ସ ହାଇଦ୍ରାବାଦ ମେଣ୍ଟର ପଦରେ ଥିବାବେଳେ ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜର ସମାନ ପଦରେ ରହିଛନ୍ତି। ଏହାବାଦ୍ ଗାଙ୍ଗୁଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ସଭାପତି ଦାୟିତ୍ୱରେ ମଧ ରହିଛନ୍ତି। ସେ ବିଶ୍ୱକପ୍‌ରେ କମେଣ୍ଟ୍ରି ମଧ କରୁଛନ୍ତି। ପୂର୍ବତନ ଅଧିନାୟକ ଏଭଳି ସ୍ଥିତିରୁ ବର୍ତ୍ତି ଯାଇଥିଲେ ମଧ ଲକ୍ଷ୍ମଣ ପ୍ରଥମ ଥର ଏଭଳି ସମସ୍ୟା ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ମଧ ବେଳେ ବେଳେ ବେଳେ କମେଣ୍ଟ୍ରି କରୁଥିବାର ଦେଖିବାକୁ ମିଳୁଛି। ଜଣଙ୍କୁ ଗୋଟିଏ ପଦବି ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଲୋଧା କମିଟି ସୁପାରିସରେ ଉଲ୍ଲେଖଥିଲା।

ସଚିନ ତେନ୍ଦୁଲକର ମୁମ୍ବାଇ ଇଣ୍ଡିଆନ୍ସ ଦଳର ମେଣ୍ଟର ପଦରେ ଥିଲେ ମଧ ତାଙ୍କ ବିରୋଧରେ ଅଭିଯୋଗ ଆସିନାହିଁ। କାରଣ ସିଏସି କମିଟିରୁ ଇସ୍ତଫା ଦେଇସାରିଛନ୍ତି। କିନ୍ତୁ ବର୍ତ୍ତମାନ ଗାଙ୍ଗୁଲି ଓ ଲକ୍ଷ୍ମଣଙ୍କୁ ଭାରତୀୟ କ୍ରିକେଟକୁ କେଉଁ ଭଳି ସାହାଯ୍ୟ କରିବେ, ତାହା ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ଜୈନ କହିଛନ୍ତି। ଗତ ଫେବୃୟାରୀରେ ସୁପ୍ରିମକୋର୍ଟଙ୍କ ଦ୍ୱାର ନିଯୁକ୍ତ ହୋଇଥିବା ଜୈନ ରବିନ ଉଥାପ୍ପା ଓ ଇର୍ଫାନ ପଠାନଙ୍କ ଭଳି ସକ୍ରିୟ କ୍ରିକେଟରଙ୍କ କମେଣ୍ଟ୍ରି କରିବା ଉପରେ ମଧ ସ୍ପଷ୍ଟିକରଣ ଦେଇଛନ୍ତି। ସକ୍ରିୟ ଖେଳାଳିଙ୍କ ଉପରେ ଆସିଥିବା ଅଭିଯୋଗ ସମ୍ପର୍କରେ ସେ କହିଛନ୍ତି, କ୍ରିକେଟରଙ୍କୁ କମେଣ୍ଟ୍ରି କରିବାକୁ ମୁଁ ରୋକୁନାହିଁ। ମୁଁ କେବଳ ଲୋଧା କମିଟିଙ୍କ ସୁପାରିସକୁ କାର୍ଯ୍ୟକାରୀ କରୁଛି। କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଅର୍ଥ କ'ଣ ମୁଁ ଜାଣିବା ପରେ ଏହି ନିଷ୍ପତ୍ତି ନେଇଛି। ଏହାକୁ ବୋର୍ଡ ଗ୍ରହଣ କରିବ କି ନାହିଁ ଜଣାନାହିଁ। ଜୈନ ଏକଥା ମଧ କହିଛନ୍ତି, ତେନ୍ଦୁଲକର ମଧ ବିଶ୍ୱକପ୍‌ରେ କମେଣ୍ଟ୍ରି କରୁଛନ୍ତି। କିନ୍ତୁ ତାଙ୍କ ବିରୋଧରେ ମୁମ୍ବାଇ ଇଣ୍ଡିଆନ୍ସ ଆଇକନ ଏବଂ ସିଏସି ସଦସ୍ୟ ଭାବେ ଦ୍ୱୈତ୍ୟ ଭୂମିକା ନେଇ ପ୍ରଶ୍ନ ଉଠିଥିଲା।

# ଅମିତ୍, ବ୍ରଜ ଭୂଷଣ ପାଇବେ ଓସ୍‌ଜା ପୁରସ୍କାର



ଅମିତ ରୋହିଦାସ

ଭୁବନେଶ୍ୱର, ୨୧।୬ (ସ୍ପୋର୍ଟସ୍ ବ୍ୟୁରୋ)

ପ୍ରତିବର୍ଷ ଭଳି ୨୦୧୮ ବର୍ଷ ଲାଗି କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ରାଜ୍ୟର ଦୁଇ କ୍ରୀଡ଼ାବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଉଦୀୟମାନ ହକି ଖେଳାଳି ଅମିତ୍ ରୋହିଦାସ ଓ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ବକ୍ସିଂ କୋଚ୍ ବ୍ରଜ ଭୂଷଣ ମହାନ୍ତି ୨୦୧୮ ବର୍ଷ ଲାଗି ଓସ୍‌ଜା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଭାରତୀୟ ହକି ଦଳର ଯୁବ ତାରକା ଅମିତ୍ ୨୦୧୮ ବର୍ଷ ଲାଗି 'ସ୍ପୋର୍ଟ୍ସପର୍ସନ ଅଫ୍ ଦି ଇୟର' ଓ ବ୍ରଜ ଭୂଷଣଙ୍କୁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ' ପୁରସ୍କାର ପ୍ରଦାନ କରାଯିବା ନେଇ ଶୁକ୍ରବାର ଓସ୍‌ଜା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜୁନ ୨୯ରେ ଭୁବନେଶ୍ୱରର ଏକ ଷ୍ଟାର୍ ହୋଟେଲରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ପୁରସ୍କାର ବାବଦକୁ ଉଭୟଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିଙ୍କୁ ଓସ୍‌ଜା ପକ୍ଷରୁ ୨୦୧୭ରୁ ପ୍ରତିବର୍ଷ ଏହାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଆସୁଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଅମିତ୍ ନିଜର ପ୍ରଭାବୀ ପ୍ରଦର୍ଶନ ବଳରେ ଗତ କିଛିବର୍ଷ ହେଲା ଭାରତୀୟ ସିନିୟର ହକି ଦଳରେ ଜଣେ ସ୍ଥାୟୀ ସଦସ୍ୟଭାବେ ସ୍ଥାନ ପାଇଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଭାରତ ପକ୍ଷରୁ ୭୮ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ୨୦୧୭ରେ ଢାକାରେ ଅନୁଷ୍ଠିତ ଏସିଆ କପ୍ ଓ ନିକଟରେ ଭୁବନେଶ୍ୱରରେ ଶେଷ ହୋଇଥିବା ଏଫ୍‌ଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ଭାରତୀୟ ଦଳ ସହ ସେ ୨୦୧୩ରେ ଇପୋଠାରେ ଅନୁଷ୍ଠିତ ଏସିଆ କପ୍‌ରେ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ଏବଂ ୨୦୧୮ରେ ଜାକର୍ତ୍ତା ଏସିଆନ ଗେମ୍ସ ଓ ଭୁବନେଶ୍ୱରରେ ଅନୁଷ୍ଠିତ ୱାର୍ଲ୍ଡ ଲିଗ୍ ଫାଇନାଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅପରପକ୍ଷରେ ଗଞ୍ଜାମ ଜିଲାର ବ୍ରଜଭୂଷଣ ଜଣେ ଜଣାଶୁଣା ବକ୍ସିଂ ପ୍ରଶିକ୍ଷକ ଭାବେ ଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ୨୦୧୭ରେ ତାଙ୍କୁ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ତର୍ଜାତୀୟ ତାରକା ଶିବ ଥାପ୍ପା, ଡିଙ୍କୋ ସିଂ, ଗୁରୁଚରଣ ସିଂ ଓ ବିକାଶ କ୍ରିଷ୍ଣା ଯାଦବଙ୍କ ପରି ବକ୍ସରଙ୍କୁ ଗଢ଼ିତୋଳିବାରେ ବ୍ରଜଭୂଷଣଙ୍କ ଯଥେଷ୍ଟ ଅବଦାନ ରହିଛି। ସେ ୨୦୦୨ରୁ ୨୦୧୧ ପର୍ଯ୍ୟନ୍ତ ଭାରତୀୟ ବକ୍ସିଂ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ।



ବ୍ରଜ ଭୂଷଣ ମହାନ୍ତି



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁନ୍ ୨୨/୨୦୧୯ Sambalpur, Saturday, June 22 / 2019

■ ଦୁଇଗୁନା ହେଇଯାଇଛେ ଦୁଖ୍

# କଲ୍‌ବଲ୍ ହେଇ ବିତୁଛେ ଲକ୍ଷ୍ମୀକଁର ଜୀବନ୍

**ସୁଶାନ୍ତ ବାରିକ**
**ଲୋଇସିଂହା,୨୧।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ିଦର ପଁଚେତ୍ ଅଧୀନ ନେଗିପାଲି ଗାଁର ଲକ୍ଷ୍ମୀ ପାଇକ(୭୦)। ତାକର ଦୁଇ ଆଏଁଖ୍ ଠିକ୍‌ସେ ନାଇଁ ଦିଶବାର। ଇଆଡ଼େ ବଛରେ ତଲେ ଆପ୍‌ନେ ଆରପାରକେ ଚାଲିଯାଇଛନ୍। ବୁର୍‌ଧା ଝନକ ନିସନ୍ତାନି ହେଇଥିବାର ଲାଗି ତାକର ସମସିଆ ଦୁଇଗୁନା ହେଇଯାଇଛେ। ଉନିଆ ଲୁକ୍‌କର ସାହାଯ୍‌ରେ ତାକର ଦିନ୍ ବିତୁଛେ। ସେନ୍ତା ସରକାରୀ ଯୋଜନାରେ ୫ ଶହ ଟଁକା ଭତା ଆର ଚାଉଲ ୫ କେ.ଜି. ତାହାକୁ ଉପହାସ କଲା ଲେଖେଁ ହେଉଛେ ବଲି ଗାଁବାସୀ କହିଛନ୍।


ଦରଖଁଡ଼ିଆ ଇନ୍ଦିରା ଆବାସ ଘରେ ନିସାହା ଲକ୍ଷ୍ମୀ ପଡ଼ିରହିଛନ୍।

ସୂଚନା ଅନ୍‌ସାରେ ବୁଢ଼ିପଦର ପଁଚେତ୍ ଅଧୀନ ନେଗିପାଲି ଗାଁର ହରିଜନ ପଡ଼ାର ସ୍ୱର୍ଗତ ଟିକେଲାଲକଁର ବିଧବା ମାଏକିନା ହେଉଛନ୍ ଲକ୍ଷ୍ମୀ ପାଇକ। ତାକର ପିଲାଛୁଆ ନାଇଁ। ଜମିବାଡ଼ି ନାଇଁ କହେଲେ ଚଲେ। ଏନ୍ତାଥି ଟିକେଲାଲ ଗାଁଗାଁ ବୁଲି ଚୂଡ଼ି ବିକୁଥିଲେ। ସେଥିରୁ ଯାହା ରୁଜଗାର ହେଉଥିଲା ଦୁଇ ବୁଢ଼ାବୁଢ଼ି ଖୁସିରେ ଚଲିଯାଉଥିଲେ। ବଏସ୍ ଅଧିକାର ଲାଗି ଦୁଇ ବଛର ହେଲା ଲକ୍ଷ୍ମୀକଁର ଦୁଇ ଆଏଁଖ୍ ଠିକ୍‌ସେ ନାଇଁ ଦିଶବାର। ସେନ୍ତା ଟିକେଲାଲ ରୋଗ୍‌ରେ ପଡ଼ି ଚିକିତ୍ସିତ ହେଉଥିଲେ। ସେ ଜୀବନ୍ ଯାକ ପେଟକାଟି ଯାହା ଠୁଲେଇଥିଲେ ସବୁ ଚିକିତ୍ସାରେ ସାରି ସରବ୍‌ସୁଆଁତ ହେଲେ ଆର ଶେଷେ ତାକର ଜୀବନ୍ ପଲେଇଗଲା ବଲି କହିଛନ୍ ଲକ୍ଷ୍ମୀ। ଏନ୍ତାଥି ତାକର ସମସିଆ ଦୁଇଗୁନା ବଢ଼ିଯାଇଛେ। ପିଲାଛୁଆ ନାଇଁ, ଦୁଇ ଆଏଁଖ୍‌କେ ନାଇଁ ଦିଶବାର। ଗାଁବାସୀକର କହେବାର ହିସାବେ ଲକ୍ଷ୍ମୀକୁଁ ପଡ଼ିଶା ପରିବାର ଦେଖାରେଖା କରୁଛନ୍। ହେଲେ ସେମାନକର ପରିବାରର ଥିତି ବି ଭଲ ନୁହେ। ପରିବାରର ମୁଖିଆ ପକ୍ଷାଘାତ ରୋଗ୍‌ରେ ପୀଡ଼ିତ। ଏନ୍ତା ପରିସ୍ଥିତିରେ ଲକ୍ଷ୍ମୀକଁର ସେବା ଯତନ ତାହାକୁ ଭିଡ଼ ହେଇଯାଉଛେ। ହେଲେ ଲକ୍ଷ୍ମୀର କେହି ନାଇଁ, ଲାଗେଲେସର ହିସାବେ ଦେଖାଶୁନା କରବାର ଆମର ଦାଇତିଅ ବଲି ସେମାନେ କହିଛନ୍। ଲକ୍ଷ୍ମୀ ସରକାରୀ ସାହାଯ୍ କହେଲେ ମାସିକ ୫ଶହ ଟଁକା ଭତା ଆର ୫ କେ.ଜି. ଚାଉଲ ପାଉଛନ୍। ବହୁତ୍ ବଛର ତଲେ ଆପ୍‌ନେର ନାଁରେ ଗୁଟେ ଇନ୍ଦିରା ଆବାସ ଘର ମିଲିଥିଲା, ହେଲେ ସେଟା ଆଏଜ୍‌ତକ ଦରଖଁଡ଼ିଆ ହେଇ ପଡ଼ିରହିଛେ। ସେତେବେଲେ କେତେ କିସ୍‌ତି ଟଁକା ନାଇଁ ମିଲବାର ଲାଗି ଘର ଦରଖଁଡ଼ିଆ ହେଇ ପଡ଼ିଛେ। ସେଥିରଲାଗି ଆଏଜ୍ ମୁଇଁ ଇ ଅବସ୍‌ତାରେ ଭଂଗା ଦଦ୍‌ରା ଘରେ ଜୀବନ୍‌କେ ପାଏନ୍ ଛଡ଼େଇ ରହୁଛେଁ ବଲି ଲକ୍ଷ୍ମୀ କହିଥିଲେ। ସରକାରୀ ଯୋଜନାରେ ପକାଘର ଖଁଡ଼େ ଆର ଅତି କମ୍‌ରେ ମାସିକ ୩୫ କେ.ଜି. ଚାଉଲ ମିଲ୍‌ଲେ ଜୀବନ୍ ଥିବାର ତକ୍ ସନ୍‌ମାନ ସହିତ ବଁଚ୍‌ମି ବଲି ସେ କହିଛନ୍। ହେଲେ ପରଶାସନ୍‌ର ଦୂରଦୁରୁଷ୍‌ଟି ଅଭାବୁ ଏନ୍ତା ନିସାହା, ନିସନ୍ତାନି ବୁଢ଼ାବୁଢ଼ିମାନେ ବଡ଼ା ଗୁଲଗୁଲା ହେଇ ଜୀବନ୍ ବିତଉଛନ୍। ଇଥିରଲାଗି ଗାଁବାସୀକର ଭିତରେ ବି ଅସନ୍‌ତୋଷ ପରକାଶ ପାଉଛେ। ଯେତେ ଜଲଦି ହେବା ବିଧବା ବୁର୍‌ଧା ଲକ୍ଷ୍ମୀକଁର ଉପରେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଗାଁବାସୀ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍।




## ଏପିଡିଙ୍କ ସନ୍ଦେହଜନକ ମୃତ୍ୟୁ

**ଫୁଲବାଣୀ ଅଫିସ, ୨୧।୬**

**କ୍ୱାର୍ଟର୍ସ କବାଟ ଭାଙ୍ଗି ଉଦ୍ଧାର କରାଗଲା ମୃତଦେହ**


ଧ୍ରୁବ କୁମାର ସିଂ(ଫାଇଲ ଫଟୋ)

କନ୍ଧମାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ଏପିଡି) ଧ୍ରୁବ କୁମାର ସିଂ(୩୭)ଙ୍କ ମୃତଦେହ ଶୁକ୍ରବାର ତାଙ୍କ କ୍ୱାର୍ଟର୍ସରୁ ଉଦ୍ଧାର କରାଯାଇଛି । ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଧ୍ରୁବଙ୍କ ମୃତ୍ୟୁ ଘଟିଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଧ୍ରୁବଙ୍କ ଘର ବରଗଡ ଜିଲା ଅତାବିରା ଅଞ୍ଚଳରେ। ଶୁକ୍ରବାର ଅପରାହ୍ନ ସାଢେ ଗୋଟାଏରେ ପିଡି ଡିଆରଡିଏଙ୍କ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସିଂ ଥିଲା। ଧ୍ରୁବ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ସେଠାରେ ନ ପହଞ୍ଚିବାରୁ କେତେଜଣ କର୍ମଚାରୀ ତାଙ୍କୁ ଡାକିବାକୁ କ୍ୱାର୍ଟର୍ସକୁ ଯାଇଥିଲେ। ସେତେବେଳେ ଭିତରୁ କବାଟ ବନ୍ଦ ଥିଲା । ତାଙ୍କ ଘରକୁ ଯାଇଥିବା କର୍ମଚାରୀମାନେ ଧ୍ରୁବଙ୍କୁ ଡାକିଥିଲେ, ମାତ୍ର ଘର ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ବହୁ ସମୟ ଅପେକ୍ଷା କରିବା ପରେ କୌଣସି ଦୁର୍ଘଟଣା ଆଶଙ୍କା କରି କର୍ମଚାରୀମାନେ ତାଙ୍କ କ୍ୱାର୍ଟର୍ସର କବାଟ ଭାଙ୍ଗିଥିଲେ । ଏହା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିଥିଲା । ଧ୍ରୁବ ଘର ଭିତରେ ପଡିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ। ହେଲେ ଡାକ୍ତର ଧ୍ରୁବଙ୍କୁ ମୃତ ଘୋଷଣା କରିଥିଲେ। ଶେଷରେ ପୋଲିସକୁ ଏ ସଂକ୍ରାନ୍ତରେ ଖବର ଦିଆଯାଇଥିଲା । ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ଧ୍ରୁବ ଅବିବାହିତ ଥିବାରୁ ସେହି କ୍ୱାର୍ଟର୍ସରେ ଏକୁଟିଆ ରହୁଥିଲେ। ଖବର ପାଇ ତାଙ୍କ ପରିବାର ଲୋକମାନେ ଅତାବିରାରୁ ଆସି ରାତିରେ ଫୁଲବାଣୀରେ ପହଞ୍ଚିଛନ୍ତି।

## ଗୁଣିଗାରେଡ଼ି ସନ୍ଦେହରେ ଡବଲ ମର୍ଡର

**ଆମ୍ବାଦୋଳା,୨୧।୬(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ଆମ୍ବାଦୋଳା ଥାନା ଅନ୍ତର୍ଗତ ସୁକଲାଭଟା ଗ୍ରାମରେ ଗୁରୁବାର ଗୁଣି ଗାରେଡ଼ି ସନ୍ଦେହରେ ଦୁଇଜଣଙ୍କୁ ହତ୍ୟା କରାଯାଇଛି । ମୃତକ ଦ୍ୱୟ ହେଲେ ମକର ନାଏକ (୫୫) ଓ କରୁଣା ନାଏକ(୪୫) । ଏହି ଘଟଣାରେ ପୋଲିସ ନକୁଳ ନାଏକଙ୍କୁ ଗିରଫ କରିଛି । ପୋଲିସ ଦୁଇଟି ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପ୍ରକାଶ ଯେ, ସୁକଲାଭଟା ଗ୍ରାମର ମକର ନାଏକ(୫୫) ଜମିରେ ହଳ କରି ଘରକୁ ଫେରୁଥିଲେ । ଏହି ସମୟରେ ଗ୍ରାମ ନିକଟ ଜଙ୍ଗଲିଆ ରାସ୍ତାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଉକ୍ତ ଗାଁର କରୁଣା ନାଏକ ତାଙ୍କୁ ଏକ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। କରୁଣା ମୃତଦେହକୁ ଜଙ୍ଗଲରେ ପତ୍ରରେ ଘୋଡ଼ାଇ ଦେଇ ଚାଲିଯାଇଥିଲେ । ପରେ ଗାଁକୁ ଆସି ଠେଙ୍ଗା ବୁଲାଇ ହତ୍ୟା କରିଥିବା ନେଇ ଚିତ୍କାର କରିଥିଲେ । ଏହା ଶୁଣି ମକରଙ୍କ ଭାଇ ନକୁଳ ଆସି କରୁଣାଙ୍କୁ ଗୋଡ଼ାଇ ଗୋଡ଼ାଇ ହରିଜନସାହି ନିକଟରେ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଆମ୍ବାଦୋଳା ପୋଲିସ ୨ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଫେରିଲେ ୧୦ ନିର୍ଯାତିତ ଦାଦନ ଶ୍ରମିକ

**ବରଗଡ଼ ଅଫିସ,୨୧।୬**

■ ମାସେ ତଳେ ତାମିଲନାଡୁ ଯାଇଥିଲେ
■ ପାରିଶ୍ରମିକ ମାଗି ବନ୍ଧା ପଡ଼ିଥିଲେ
■ ଉଦ୍ଧାର କଲା ଶ୍ରମ ବିଭାଗ


ଉଦ୍ଧାର ହୋଇଥିବା ୧୦ଜଣ ଦାଦନ ଶ୍ରମିକ।

ତାମିଲନାଡୁରେ ନିର୍ଯାତିତ ୧୦ଜଣ ଶ୍ରମିକଙ୍କୁ ଶ୍ରମ ବିଭାଗ ଉଦ୍ଧାର କରିଛି । ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଖଲିଆପାଲି ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲି ଓ ଟେଣ୍ଡାପଥର ଗ୍ରାମରୁ ଦାଦନ ଖଟିବାକୁ ଏହି ଶ୍ରମିକମାନେ ଯାଇଥିଲେ। ଉଦ୍ଧାର ହୋଇଥିବା ଶ୍ରମିକମାନେ ହେଲେ, ଶଙ୍କର ପୋଡ଼(୨୧), ଉତ୍ତମ ଧରୁଆ(୨୦), କୁମୁଦ ତୁଡକା(୧୮), ସୁଦାମ ହାତୀ(୨୨), ନବକିଶୋର ବାଗ(୨୧), କିଶୋର ବାଗ(୨୬), ବେଣୁ ବାଗ(୪୮), ଗଜନ ପାଣ୍ଡେ(୨୫), ବେଦବ୍ୟାସ ଦଣ୍ଡସେନା(୧୯) ଏବଂ ରାଜୁ ମେହେର(୪୪) । ଗତ ୧୮ତାରିଖରେ ସେଠାରୁ ଉଦ୍ଧାର ହେବା ପରେ ସେମାନେ ଶୁକ୍ରବାର ନିଜ ଘରକୁ ଫେରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗତ ପ୍ରାୟ ମାସକ ତଳେ ଉପରୋକ୍ତ ଶ୍ରମିକମାନେ ଏକ ସୂତାମିଲରେ କାମ କରିବା ଲକ୍ଷ୍ୟ ନେଇ ତାମିଲନାଡୁ ଯାଇଥିଲେ । ସେଠାରେ ସେମାନେ ଏକ ବିହାରୀ ଭାଷା କହୁଥିବା ଜଣେ ଦଲାଲଙ୍କ ହାବୁଡ଼ରେ ପଡ଼ିଥିଲେ। ଦଲାଲ ଜଣକ ସେମାନଙ୍କୁ ଅଧିକ ପ୍ରଲୋଭନ ଦେଖାଇ ତିରୁଚେଙ୍ଗୋଡ଼ କୁମାରନ୍ ରକ୍‌ଡ୍ରିଲ ଘରୋଇ ସଂସ୍ଥାକୁ ନେଇ ଯାଇଥିଲେ। ସେଠାରେ ସମସ୍ତ ଶ୍ରମିକଙ୍କୁ ଏକ ବନ୍ଦ କୋଠରୀରେ ରଖିଥିଲେ ଏବଂ ଦଲାଲ ଜଣକ କୁମାରନ୍ ରକ୍‌ଡ୍ରିଲର ମାଲିକଙ୍କଠାରୁ ଶ୍ରମିକଙ୍କ ଅଗ୍ରୀମ ପ୍ରାପ୍ୟ ବାବଦକୁ ୮୦ହଜାର ଟଙ୍କା ନେଇ ପଳାଇଥିଲେ। ଶ୍ରମିକମାନେ ସେହି ଅଗ୍ରୀମ ଟଙ୍କା ସମ୍ପର୍କରେ କିଛି ଜାଣିପାରି ନ ଥିଲେ ଏବଂ କାମ କରିବା ପରେ ସଂସ୍ଥାର ମାଲିକଙ୍କୁ ପାରିଶ୍ରମିକ ମାଗିଥିଲେ । ମାତ୍ର ଦଲାଲ ଜଣକ ଅଗ୍ରୀମ ଟଙ୍କା ନେଇ ସାରିଥିବା ମାଲିକ କହି ଶ୍ରମିକଙ୍କୁ ଆଉ ପାରିଶ୍ରମିକ ଦେଇ ନ ଥିଲେ କିମ୍ବା ସେଠାରୁ ଘରକୁ ମଧ୍ୟ ଛାଡି ନ ଥିଲେ । ଏ ସମ୍ପର୍କରେ ଖବର ପାଇବା ପରେ ଶ୍ରମ ଅଧିକାରୀ ଶତ୍ରୁଜିତ୍ ସାହୁ ତାମିଲନାଡୁର ସହକାରୀ ଶ୍ରମ କମିଶନରଙ୍କ ସହିତ ଯୋଗାଯୋଗ କରିଥିଲେ। ଦିନକ ମଧ୍ୟରେ ସେହି ଶ୍ରମିକଙ୍କୁ ସେଠାକାର ଶ୍ରମ ଓ ପୋଲିସ ବିଭାଗର ଅଧିକାରୀମାନେ ଉଦ୍ଧାର କରିଥିଲେ। ଏହାପରେ ଉଦ୍ଧାର ହୋଇଥିବା ଶ୍ରମିକମାନେ ଯଶୱନ୍ତପୁର-ହାଟିଆ ଏକ୍ସପ୍ରେସରେ ଆସି ବଲାଙ୍ଗୀରରେ ଓହ୍ଲାଇ ଘରକୁ ଫେରିଥିବା ଶ୍ରମ ଅଧିକାରୀ ସାହୁ ପ୍ରକାଶ କରିଛନ୍ତି ।

## ରାସ୍ତା ଉପରେ ମୃତଶିଶୁକୁ ଝୁଣି ଖାଇଲା କୁକୁର

**ବଲାଙ୍ଗୀର ଅଫିସ,୨୧।୬**

ବଲାଙ୍ଗୀର ଜଗନ୍ନାଥପଡ଼ା ରାସ୍ତାରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ମୃତ ଶିଶୁକୁ ରାସ୍ତା ଉପରେ ରଖି ଏକ କୁକୁର ଖାଉଥିବା ଦୃଶ୍ୟ ଅନେକଙ୍କୁ ବିଚଳିତ କରିଥିଲା। ଲୋକେ କୁକୁରକୁ ଘଉଡାଇବାକୁ ଚେଷ୍ଟା କରିଥିଲେ ମଧ ସେ ମୃତଶିଶୁକୁ ଧରି ଦୌଡି ପଳାଇଥିଲା। ନିକଟସ୍ଥ ଭୀମଭୋଇ ମେଡ଼ିକାଲ କଲେଜ ହସ୍‌ପିଟାଲରୁ ମୃତ ଶିଶୁକୁ ଧରି କୁକୁରଟି ଆସିଥିବା ସ୍ଥାନୀୟ ଲୋକେ କହିଥିଲେ। ମୃତ ଶିଶୁର ସଂସ୍କାର ଠିକ୍ ସ୍ଥାନରେ କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଏଭଳି ଘଟଣା ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡ୍‌ୱର୍ଥ



## ସଂକ୍ଷେପରେ



### ଭେଡ଼େନ ଆଇଟିଆଇରେ ଟ୍ରାଫିକ ସଚେତନତା

ଭେଡ଼େନ, ୨୧।୬(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଦୁଇମୁହାଣି ସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ରେ ଶୁକ୍ରବାର ଅଧ୍ୟକ୍ଷ ବିଦ୍ୟୁତ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଡ଼ିଓ ମୁରଲୀଧର ନାୟକ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ନାରାୟଣ ଡ଼ନସନା ସମ୍ମାନିତ ଅତିଥି ଏବଂ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ ସଚେତନତାର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ । ଏହି ଅବସରରେ ହୋଇଥିବା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ କୃତୀ ଛାତ୍ରୀ ସଞ୍ଜିବନୀ ମଲ୍ଲିକ ଏବଂ ଛାତ୍ର ପ୍ରଣୟ ରଥଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଧାନ ପାଇଁ ରାଜରାସ୍ତାରେ ଚାଷୀ

## ବିଧାୟକଙ୍କ ତାଗିଦ ପରେ ଧାନ ଉଠିଲା

ବରଗଡ଼ ଅଫିସ୍,୨୧।୬

ବରଗଡ଼ ଜିଲାରେ ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ଦୁଇଦିନ ପରେ ଦେଢ଼ମାସ ବିତିବ । ମାତ୍ର ଧାନ କିଣାବିକାରେ ଆଶାନୁରୂପ ସୁଧାର ଆସିନାହିଁ । ମଣ୍ଡିକୁ ଆସୁଥିବା ଧାନ ଅନୁପାତରେ ତାହା ଉଠୁନାହିଁ। ଆର୍ଦ୍ରତା, ଧାନ ଗଜାହେବା ଭଳି ବିଭିନ୍ନ ଆଳ ଦେଖାଇ କେତେକ ମିଲର୍ସ କଟନୀଛଟନୀ କରିବା ସହିତ ମଣ୍ଡିରୁ ଧାନ ଉଠାଉ ନାହାନ୍ତି। ଏଭଳି ସ୍ଥଳେ ମଣ୍ଡି ଗୁଡ଼ିକର ଖୋଲା ଆକାଶ ତଳେ ଧାନ ପଡ଼ିଥିବାବେଳେ ଖରାବର୍ଷା ସହି ଚାଷୀ ତାକୁ ଜଗି ରହିଛି। ବରଗଡ଼ ଆରଏମସି ଅଧୀନ ଅଡ଼ଗାଁ ମଣ୍ଡିରେ ଏଭଳି ଧାନ ପଡ଼ି ରହିଥିଲା। ଫଳରେ ଚାଷୀମାନେ ଧାନ ଉଠାଣ ଦାବିରେ ଶୁକ୍ରବାର ଦିନ ପ୍ରାୟ ୧୧ଟାରେ ରାସ୍ତାକୁ ଓହ୍ଲାଇଥିଲେ । ଅଡ଼ଗାଁ ମଣ୍ଡି ସମ୍ମୁଖ ବରଗଡ଼-ଭେଡ଼େନ ରାସ୍ତା ଅବରୋଧ କରି ସେମାନେ ପ୍ରତିବାଦ କରିବା ପରେ ଦୀର୍ଘ ଏକଘଣ୍ଟା ଧରି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।

ଖବର ପାଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସେଠାକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିବା ସହିତ ମଣ୍ଡି ବୁଲି ଦେଖିଥିଲେ । ମଣ୍ଡିରେ ବହୁ ପରିମାଣରେ ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ଯୋଗୁ ସେ ଜିଲା ଯୋଗାଣ ଅଧିକାରୀ(ସିଏସଓ) ଶ୍ରୀକର ମାଝିଙ୍କୁ ଫୋନ କରିଥିଲେ । ବିଧାୟକଙ୍କ ଫୋନ କଲ୍ ପାଇ ସିଏସଓ ମାଝି ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ସେଠାକୁ ପହଞ୍ଚିଥିଲେ । ଆଲଟ୍‌ମେଣ୍ଟ ଆସି ନ ଥିବା ଯୋଗୁ ସେହି ମଣ୍ଡିରୁ ଧାନ ଉଠୁ ନ ଥିବା ଜଣାପଡ଼ିଥିଲା। ବିଧାୟକ ଆଚାର୍ଯ୍ୟ ଆଲଟ୍‌ମେଣ୍ଟ ଆଣି ତୁରନ୍ତ ଧାନ ଉଠାଇବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ଏହାପରେ ଉକ୍ତ ମଣ୍ଡି ପାଇଁ ଆଲଟ୍‌ମେଣ୍ଟ ଅଣାଯାଇଥିଲା ଏବଂ ସେଠାରେ ପଡ଼ି ରହିଥିବା ଧାନ ଉଠାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନିକଟସ୍ଥ ଶ୍ୟାମଜୀ ରାଇସ ଇଣ୍ଡଷ୍ଟ୍ରି ଓ ଶ୍ରୀକ୍ରୀଷ୍ଣା ଫୁଡ୍ସ ରାଇସ୍ ମିଲ ସେହି ଧାନକୁ ଉଠାଇଥିଲେ। କେବଳ ଅଡ଼ଗାଁ ନୁହେଁ, ଜିଲାର ଅନ୍ୟ ମଣ୍ଡି ଗୁଡ଼ିକରେ ମଧ୍ୟ ବିକ୍ରି ନ ହୋଇ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି । ଆଲଟମେଣ୍ଟ ଆସୁ ନ ଥିବା ଯୋଗୁ ସେହି ଧାନ ଉଠି ପାରୁ ନ ଥିବା ସୂଚନା ମିଳିଛି । ଅପରପକ୍ଷେ ପ୍ରାକ୍‌ମୌସୁମୀ ବର୍ଷା ଆରମ୍ଭ ହୋଇଥିବାରୁ ଧାନ ସୁରକ୍ଷିତ ରଖିବା ପାଇଁ ଚାଷୀ ଚିନ୍ତାରେ ପଡ଼ି ଯାଇଛି।



ଚାଷୀଙ୍କ ସହିତ ଆଲୋଚନା ପରେ ବରଗଡ଼ ବିଧାୟକ ମଣ୍ଡି ପରିଦର୍ଶନ କରୁଛନ୍ତି ।

## ଧାନ ଉଠାଇବାକୁ ମିଳିଲା ପ୍ରତିଶ୍ରୁତି

ବରପାଲି, ୨୧।୬ (ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ଡାଲୁଅ ଧାନ ବିକ୍ରି କରିବା ପାଇଁ ଚାଷୀକୁଳ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଆଗକୁ ବର୍ଷା ଆସୁଥିବା ବେଳେ ମଣ୍ଡିକୁ ବିକ୍ରି ପାଇଁ ଆସିଥିବା ଧାନ ବିକ୍ରି ହୋଇ ନ ପାରି ଗଦା ହୋଇ ରହିଛି । ମିଲର୍ସଙ୍କ ଅସହଯୋଗ କାରଣରୁ ମଣ୍ଡିରୁ ଧାନ ଉଠୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ବର୍ଷାରେ ଧାନ ଓଦା ହୋଇ ଗଜା ହେବାରେ ଲାଗିଛି । ଏଭଳି ପରିସ୍ଥିତିରେ ଚାଷୀମାନେ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉନାହିଁ । ଏହାର ପ୍ରତିବାଦରେ ଶୁକ୍ରବାର ସକାଳେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ପ୍ରତାପ ସିଂ, ମଧୁ ପଧାନଙ୍କ ନେତୃତ୍ୱରେ ଚାଷୀମାନେ ବଲାଙ୍ଗୀର ୨୬ ନମ୍ବର ରାଜପଥର ବରପାଲି-ଟିଙ୍ଗିପାଲି ଛକ କେନାଲ ନିକଟରେ ଧାନ ବୋଝେଇ ଗାଡି ରଖି ଦୁଇଘଣ୍ଟା ରାସ୍ତା ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା । ଖବର ପାଇ ତହସିଲଦାର ଯୁଧିଷ୍ଠିର ମେହେର, ଯୋଗାଣ ଅଧିକାରୀ ରଞ୍ଜନ ନାଏକ ଓ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଦୁଇ ଦିନ ମଧ୍ୟରେ ମଣ୍ଡିରୁ ସମସ୍ତ ଧାନ ଉଠାଇବାକୁ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା ।



ଚାଷୀମାନେ ରାସ୍ତାରେ ଧାନ ବୋଝେଇ ଗାଡି ରଖି ଅବରୋଧ କରିଛନ୍ତି ।

### ଗାଁ କଲ୍ୟାଣ ସମିତିର ବୈଠକ

ଭେଡ଼େନ, ୨୧।୬(ଡ଼ି.ଏନ.ଏ)

ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଗାଁ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତିଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭେଡ଼େନ ବିଡ଼ିଓ ମୁରଲୀଧର ନାୟକ, ସିଡ଼ିପିଓ ଝୁନୁକୁମାରୀ ପାତ୍ରଙ୍କ ସମେତ ସମସ୍ତ ସୁପରଭାଇଜର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଯୋଗଦେଇଥିଲେ । ଗ୍ରାମପଞ୍ଚାୟତ ସ୍ତରରେ ଏହି କଲ୍ୟାଣ ସମିତିକୁ ଅଧିକ ସକ୍ରିୟ କରିବା ତଥା ଆଗାମୀ ଦିନରେ ମ୍ୟାଲେରିଆ ଓ ଡ଼େଙ୍ଗୁ ସଚେତନତା ଦିଗରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

### ଗ୍ରାମ ସଡ଼କର ଶିଳାନ୍ୟାସ

ଭେଡ଼େନ, ୨୧।୬(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲିରୁ ରେଶମ ଦେଇ ଅଏଁଲାମୁଣ୍ଡା ପର୍ଯ୍ୟନ୍ତ ସଂଯୋଗ କରୁଥିବା ଗ୍ରାମ ସଡ଼କ ନିର୍ମାଣ ପାଇଁ ଶୁକ୍ରବାର ରେଶମରେ ଶିଳାନ୍ୟାସ କରାଯାଇଛି । ପ୍ରାୟ ୩ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ରାସ୍ତାକୁ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ । ଯୁବ ନେତା ଶୁଶାନ୍ତ ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟିକା ଛୁରିଆ ମୁଖ୍ୟଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ଦୀପ, ସରପଞ୍ଚ ସୁନୀଲ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ସୁଦାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଡାକ୍ତର ନିଯୁକ୍ତି ଦାବିରେ ଚାଲିଥିବା ଅନଶନ ପ୍ରତ୍ୟାହୃତ

- ୭ଦିନ ମଧରେ ଯୋଗଦେବେ ଦୁଇଜଣ ଡାକ୍ତର
- ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ ହେବ

ବିଜେପୁର, ୨୧।୬ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ଓ ସହଯୋଗୀଙ୍କ ନିଯୁକ୍ତି ଦାବିରେ ଚାଲିଥିବା ଆମରଣ ଅନଶନ ଶୁକ୍ରବାର ତୃତୀୟ ଦିବସରେ ପ୍ରତ୍ୟାହୃତ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏନ. କେ ପାଢ଼ୀ, ସ୍ଥାନୀୟ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଶାନ୍ତନୁ ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏହି ନିର୍ବାଚନ ମଣ୍ଡଳୀକୁ ୨୧ଜଣ ଡାକ୍ତର ନିଯୁକ୍ତି କରାଯାଇଥିବା ବେଳେ ବିଜେପୁର ବ୍ଲକକୁ ୭ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି । ଖୁବ ଶୀଘ୍ର ସେମାନେ ଯୋଗଦାନ କରିବେ । ତେଣୁ ଆନ୍ଦୋଳନରୁ ଓହରି ଯିବାକୁ ସେମାନେ ଅନୁରୋଧ କରିଥିଲେ। କିନ୍ତୁ ଡାକ୍ତର ଯୋଗଦାନ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ନ ହଟିବା ପାଇଁ ଆନ୍ଦୋଳନକାରୀ ଅଡି ବସିବାରୁ ଆଲୋଚନା ବିଫଳ ହୋଇଥିଲା । ସନ୍ଧ୍ୟାରେ ଏଡିଏମ ତପିରାମ ମାଝୀ, ଏପିଡି ଦୌଲତ ଚନ୍ଦ୍ରକାର, ସିଡିଏମଓ ଏନ. କେ ପାଢ଼ୀ, ତହସିଲଦାର ପଦ୍ମନାଭ ସାମନ୍ତରାୟ ପ୍ରମୁଖ ସେଠାକୁ ପହଞ୍ଚି ଆଲୋଚନା କରିଥିଲେ । ଆଗାମୀ ୭ଦିନ ମଧ୍ୟରେ ଏଠାରେ ଦୁଇଜଣ ଡାକ୍ତର ନିଯୁକ୍ତି କରିବାର ଦୃଢ଼ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଅପରପକ୍ଷେ ଏହାର ଖିଲାପ ହେଲେ ଦୁଇ ସପ୍ତାହ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ଜନାର୍ଦ୍ଦନ ଡନସନା, ସୁଶାନ୍ତ ଗଡତିୟା, ମାନସ ରଞ୍ଜନ ମେହେର, ଦୀନବନ୍ଧୁ ଦେହେରୀ, ସଂଗ୍ରାମ ନନ୍ଦ, ଜିତେନ୍ଦ୍ର ଅଦାବର, ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି । ଅପରପକ୍ଷେ ଅନ୍ତିମ ଦିବସରେ ଅପରାହ୍ନରେ ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ମାନସ ରଞ୍ଜନ ମେହେରଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।



ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ଫଳରସ ପିଆଇ ଅନଶନ ଭଙ୍ଗ କରାଉଛନ୍ତି।

# ବିକାଶର ଆଚିଭର୍ସ ମିଟ୍ ଉଦ୍‌ଯାପିତ

ବରଗଡ଼ ଅଫିସ୍,୨୧।୬

ବରଗଡ଼ସ୍ଥିତ ସୌଖିନ ରଙ୍ଗମଞ୍ଚରେ ବିକାଶ ଶିକ୍ଷାନୁଷ୍ଠାନ ସମୂହର ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ସମାରୋହ ଆଚିଭର୍ସ ମିଟ୍ ୨୦୧୯ ଅନୁଷ୍ଠିତ ହୋଇଯାଇଛି । ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ ସହିତ ଛାତ୍ରୀଛାତ୍ରଙ୍କ କୃତୀତ୍ୱକୁ ପ୍ରଶଂସା କରିଥିଲେ । ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ବିକାଶ ସେଣ୍ଟ୍ରାଲ ଏକାଡ଼େମୀ ଏବଂ ବିକାଶର ଇଣ୍ଟିଗ୍ରେଟେଡ୍ ଶିକ୍ଷାବ୍ୟବସ୍ଥା ଯୋଗୁ ପ୍ରବେଶିକା ପରୀକ୍ଷା ତଥା ବୋର୍ଡ଼ ପରୀକ୍ଷାରେ ଉଚ୍ଚମାନର ଫଳାଫଳ ସମ୍ଭବ ହୋଇପାରିଛି ବୋଲି କହିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସ୍କୁଲ ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନାମ ଘୋଷଣା କରିଥିଲେ। ବରିଷ୍ଠ ଆଡ଼ଭୋକେଟ୍ ଦେବଦତ୍ତ ମିଶ୍ର, ବାହାଦୂର ବେହେରା, ବୈଦ୍ୟନାଥ ଅଗ୍ରୱାଲ, ଜୟପ୍ରକାଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ବିକାଶ ଗ୍ରୁପର ଡାଇରେକ୍ଟର (ଏକାଡ଼େମିକ୍ସ) ଭି. ଶ୍ରୀନିବାସ, ଡିନ୍ (ଏକାଡ଼େମିକ୍ସ) ପିତାମ୍ବର ଦାସ, ବିକାଶ ସ୍କୁଲ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ମୁରାରୀ ପ୍ରସାଦ ସାହୁ, ଇଂ ଅଜୟ ମହାପାତ୍ର, ଋଃ କ୍ଷୀରୋଦ କୁମାର ପ୍ରଧାନ, ସନାତନ ମହାପାତ୍ର, ଜି. ରାମକ୍ରୀଷ୍ଣା, ପୁଷ୍ପିତା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।



ଜଣେ କୃତୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ବୁଣାକାରଙ୍କ ପାଇଁ ଯୋଗ ଶିବିର

ବରଗଡ଼ ଅଫିସ୍,୨୧।୬

ବରଗଡ଼ ଜିଲା ଅତାବିରା ଅଗ୍ରସେନ ଭବନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି । ଏହି ଶିବିରରେ ଅତାବିରା ତଥା ଆଖପାଖ ଅଞ୍ଚଳର ଶତାଧିକ ବୁଣାକାର ଯୋଗ ଦେଇଥିଲେ। ବୁଣାକାର ସେବାକେନ୍ଦ୍ର, ବସ୍ତ୍ର ମନ୍ତ୍ରଣାଳୟ ଭୁବନେଶ୍ୱର, ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବରଗଡ଼ ଏବଂ ଅତାବିରା ତନ୍ତୁବାୟ ସହଯୋଗ ସମିତିର ପ୍ରୟାସରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଯୋଗ ଶିକ୍ଷକ ଲମ୍ବୋଦର ବେହେରା ବୁଣାକାର ଓ ଅନ୍ୟ ଅତିଥିମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ । ବୁଣାକାର ସେବାକେନ୍ଦ୍ର ଭୁବନେଶ୍ୱରର ଉପନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାତ୍ର ଶିବିରକୁ ଉଦଘାଟନ କରିଥିଲେ । ବରଗଡ଼ର ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ହୃଷିକେଶ ମାହାଳି, ସମ୍ବଲପୁରୀ ବସ୍ତ୍ରାଳୟର ସମ୍ପାଦକ ହେମନ୍ତ କୁମାର ମିଶ୍ର, ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ତଥା ରାମକୃଷ୍ଣ ମେହେର, ରାଜେନ୍ଦ୍ର ମେହେର, ଚନ୍ଦ୍ରମଣି ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



ଅତାବିରା ଅଗ୍ରସେନ ଭବନରେ ବୁଣାକାରମାନେ ଯୋଗାଭ୍ୟାସ କରୁଛନ୍ତି ।

### ଭେଡ଼େନରେ ଯୋଗ ଶିବିର

ଭେଡ଼େନ,(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ତରଫରୁ ଯୋଗ ଦିବସ ପାଳିତ ହୋଇଛି । ଭେଡ଼େନ ସଙ୍କୁଳ ଅନ୍ତର୍ଗତ ଝିଲିମିଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଜଗବନ୍ଧୁ ବେହେରାଙ୍କ ପରିଚାଳନାରେ ହୋଇଥିବା ଏହି ଶିବିରରେ ଗୁରୁଜୀ ତାପସ ଭୋଇ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିରେ ୯୦ ଜଣ ଶିଶୁ ଏବଂ ଅଭିଭାବକ ଯୋଗ ଦେଇଥିଲେ ।

# ବାଣିଜ୍ୟ ପରୀକ୍ଷାରେ ବିକାଶର ସଫଳତା

## ତରୁଣ ଗୋଏଲ କଲେଜ ଟପ୍ପର

ବରଗଡ଼ ଅଫିସ୍,୨୧।୬

ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବାଣିଜ୍ୟ ପରୀକ୍ଷାରେ ବିକାଶ ଗ୍ରୁପ୍‌ର ଛାତ୍ରୀଛାତ୍ର ସଫଳତା ଆଣିଛନ୍ତି। ଅନୁଷ୍ଠାନର ୩ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ଏବଂ ୧୩ଜଣ ଛାତ୍ରୀଛାତ୍ର ୫୦୦ରୁ ଅଧିକ ମାର୍କ ରଖିଛନ୍ତି । ତରୁଣ ଗୋଏଲ ୫୫୧ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ହରିପ୍ରିୟା ବାଗ ୫୪୫, ଝଙ୍କାର ପଟେଲ ୫୪୩, ପୂଜା ଅଗ୍ରୱାଲ ୫୩୬, ସୋନମ କୁମାର ରଏ ୫୩୫, ଅର୍ପିତା ବିନ୍ଦଲ ୫୧୮, ଖୁସି ଅଗ୍ରୱାଲ ୫୧୬, ଧବେଶ କୁମାର ପଣ୍ଡା ୫୧୩, ରୌମ୍ୟରଞ୍ଜନ ମେହେର ୫୧୩, କମଳ ଅଗ୍ରୱାଲ ୫୧୨, ବନ୍ଦନା ଅଗ୍ରୱାଲ ୫୦୮, ପ୍ରିୟାଂଶୀ ଜୈନ ୫୦୪, ପ୍ରାଞ୍ଜଲ ଅଗ୍ରୱାଲ ୫୦୧ ମାର୍କ ରଖି ସଫଳତାର ଶୀର୍ଷରେ ରହିଛନ୍ତି। ଅନୁଷ୍ଠାନର ମୋଟ୍ ୨୪ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତାରେ ଅନୁଷ୍ଠାନର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ଆଡ଼ମିନିଷ୍ଟ୍ରେଟିଭ ଅଫିସର ଏସ. କାନ୍ତା ରାଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସମସ୍ତ ଅଭିଭାବକ, କୃତୀ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ତରୁଣ ଗୋଏଲ ।

- ଛତିଶଗଡ଼ରୁ ଆସୁଥିବା ଧାନ ଧରାପଡ଼ିଲା

# ୩ ଟ୍ରକ୍ ସହ ୬୩୩ ପ୍ୟାକେଟ ଧାନ ଜବତ

ସୋହେଲା,୨୧।୬(ଡି.ଏନ.ଏ)

ଛତିଶଗଡରୁ ବେଆଇନ ଭାବେ ଧାନ ବୋଝେଇ ହୋଇ ଓଡିଶାକୁ ଆସୁଥିବା ବେଳେ ଶୁକ୍ରବାର ସକାଳେ ଯୋଗାଣ ବିଭାଗ ପକ୍ଷରୁ ୩ଟି ଟ୍ରକକୁ ଜବତ କରାଯାଇଛି । ଜବତ ହୋଇଥିବା ଟ୍ରକ୍‌ରେ ୬୩୩ ପ୍ୟାକେଟ ଧାନ ଥିବା ଜଣାପଡିଛି ।

ଛତିଶଗଡ ରାଜ୍ୟରୁ ପଶ୍ଚିମ ଓଡିଶାର ବିଭିନ୍ନ ମିଲ୍‌ମାନଙ୍କୁ ଧାନ ଆସୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଜିଲା ଯୋଗାଣ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା । ଶୁକ୍ରବାର ଯୋଗାଣ ଅଧିକାରୀମାନେ ସୀମାନ୍ତ ଗ୍ରୀଞ୍ଜେଲ ନିକଟସ୍ଥ ବୁଡାମାଲ ଛକରେ ଜଗି ରହିଥିଲେ । ସକାଳ ୭ଟା ସମୟରେ ଟ୍ରକ୍ ନମ୍ବର (ସିଜି୧୩ଏଏଫ/୯୦୫୩)ରେ ୧୨୩ ପ୍ୟାକେଟ ଓ ଟ୍ରକ୍ ନମ୍ବର (ସିଜି୧୩ଏଏଫ/୨୭୮୫)ରେ ୧୬୦ପ୍ୟାକେଟ ଧାନ ବୋଝେଇ ହୋଇ ଆସୁଥିବାବେଳେ ଯୋଗାଣ ଅଧିକାରୀମାନେ ଗାଡି ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ । ସେହିପରି ସକାଳ ୯ଟା ସମୟରେ ଆଉ ଏକ ଟ୍ରକ୍ ନମ୍ବର (ସିଜି୧୩ଏଏଫ/୩୨୭୦)ରେ ୩୫୦ପ୍ୟାକେଟ ଧାନ ବୋଝେଇ ହୋଇ ଆସୁଥିବାବେଳେ ଅଧିକାରୀମାନେ ଉକ୍ତ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ । ଡ୍ରାଇଭରମାନେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଗାଡିଗୁଡିକ ସୋହେଲା ଲକ୍ଷ୍ମୀ ରାଇସ ମିଲକୁ ଅଣାଯାଇ ଓଜନ କରାଯାଇଥିଲା । ପରେ ୩ ଟ୍ରକ ସମେତ ଧାନକୁ ଜବତ କରାଯାଇଥିଲା । ଏ ନେଇ ଏକ ମାମଲା ରୁଜୁ ହୋଇଥିବା ସୋହେଲା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରସନ୍ନ କୁମାର ଦେହୁରୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ବରଗଡ ଜିଲାର ବିଭିନ୍ନ ମଣ୍ଡିରେ ଏବେ ହଜାର ହଜାର ବସ୍ତା ଧାନ ବିକ୍ରି ହୋଇ ନ ପାରି ଗଚ୍ଛିତ ହୋଇ ପଡି ରହିଛି । ଏଭଳି ପରିସ୍ଥିତିରେ ପଡୋଶୀ ରାଜ୍ୟ ଛତିଶଗଡରୁ ବେପାରୀମାନେ ଧାନ କ୍ରୟ କରି ପଶ୍ଚିମ ଓଡିଶାର ବିଭିନ୍ନ ମିଲ୍‌କୁ ଚାଲାଣ କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଚଢ଼ାଉରେ ଜିଲା ଏସିଏସଓ ଦୁର୍ଗାଚରଣ ଭେସ୍ରା ଓ ଶମ୍ଭୁ ପ୍ରସାଦ ହରିପାଲ, ଅମ୍ବାଭୋନା ବ୍ଲକ ଯୋଗାଣ ନିରୀକ୍ଷକ ଅଜୟ କେର୍କେଟା, ବରଗଡ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରମୋଦ କୁମାର ପଣ୍ଡା, ବିଜେପୁର ବ୍ଲକ ଯୋଗାଣ ନିରୀକ୍ଷକ ଶଙ୍କର୍ଷଣ ଭୁଏ ଓ ସୋହେଲା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରସନ୍ନ କୁମାର ଦେହୁରୀ ସାମିଲ ହୋଇଥିଲେ । ଜବତ ଧାନ ଓ ୩ ଟ୍ରକକୁ ଲକ୍ଷ୍ମୀ ରାଇସ ମିଲ ମାଲିକଙ୍କ ଜିମା ଦିଆଯାଇଥିବା ସୋହେଲା ବ୍ଲକ ଯୋଗାଣ ନିରୀକ୍ଷକ ଦେହୁରୀ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ଡୁଙ୍ଗୁରିପାଲି, ୨୧।୬ (ଡି.ଏନ.ଏ):** ଡୁଙ୍ଗୁରିପାଲି ପଞ୍ଚବଟି ବିଦ୍ୟାନିକେତନ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରସେବିକା ସମିତି ଜିଲା ସମ୍ପର୍କ ପ୍ରମୁଖ ସନ୍ତୋଷିନୀ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଉଦ୍‌ଘାଟନ କରିଥିଲେ। ପ୍ରକାଶ ପଧାନ, କଲ୍ୟାଣୀ ପୁଟା, ପ୍ରମୋଦା ହୋତା, କମଳା ଭୁଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହାଇୱା ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

**ଟିଟିଲାଗଡ଼, ୨୧।୬(ଡି.ଏନ.ଏ.):** ସ୍ଥାନୀୟ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ରାତି ପ୍ରାୟ ସାଢେ ୧୨ରେ ଏକ ହାଇୱା ଧକ୍କାରେ ୩ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସର୍ଗିଗୁଡ଼ାପଡାର ସୁଜନ ମହାକୁଡ, କରନ ରାୟ, ରିତେଶ ସାହୁ। ଆହତମାନଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଟିଟିଲାଗଡ଼ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଯୁବକଙ୍କୁ ହତ୍ୟା

**କଣ୍ଟାବାଞ୍ଜି/ଲାଠୋର, ୨୧।୬(ଡି.ଏନ୍.ଏ.):** ମହୁଲପାଟି- ତୁରେକେଲା ରେଲୱେ ଷ୍ଟେଶନ୍ ରାସ୍ତାରେ ଶୁକ୍ରବାର ଦିନଦ୍ୱିପହରେ ଦିଲୀପ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିବା ଜଣାପଡିଛି। ମହୁଲପାଟି ଗ୍ରାମର ଦିଲୀପ ସାହୁଙ୍କୁ ରାଜନୈତିକ କାରଣରୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଥିବା ବେଳେ ପୋଲିସ ଏନେଇ କିଛି ସୂଚନା ଦେଇନାହିଁ। ଅନ୍ୟପକ୍ଷେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଭଗବତ ପ୍ରସାଦ ରଥଙ୍କ ବିୟୋଗରେ ଶୋକସଭା

**ବଲାଙ୍ଗୀର ଅଫିସ, ୨୧।୬:** ବଲାଙ୍ଗୀର ପ୍ରେସ୍‌କ୍ଲବ୍‌ଠାରେ ଶୁକ୍ରବାର ସନ୍ଧ୍ୟାରେ ରାୟଗଡ଼ାର ପ୍ରସିଦ୍ଧ ଲେଖକ ଭଗବତ ପ୍ରସାଦ ରଥଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରେସକ୍ଲବ ସଭାପତି ଅରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଖିଳ ଚନ୍ଦ୍ର ହୋତା, ସତ୍ୟସୁନ୍ଦର ଭଞ୍ଜ, ରାଜେଶ ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁରୁଲାଲ ମଟାରୀ, ଯୁଜେଷ୍ଟି ମେହେର, ବୀରେନ୍ଦ୍ର କୁମାର ଝାଙ୍କର, ସୁଦୀପ ଗୁରୁ, ଅଶୋକ ନନ୍ଦ, ଦୀପକ ପୁରୋହିତ, ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ।

### ଯୁବ ସଂସଦ କାର୍ଯ୍ୟକ୍ରମ

**ଲୋଇସିଂହା, ୨୧।୬(ଡି.ଏନ.ଏ.):** ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ଏବଂ ବଲାଙ୍ଗୀର ନେହେରୁ ଯୁବ କେନ୍ଦ୍ର ସହାୟତାରେ ସରଗାଡ ଗ୍ରାମରେ ଯୋଗ ଶବିର ଏବଂ ପଡୋଶୀ ଯୁବସଂସଦ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜକିଶୋର ସେଠଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା।

ସୁବର୍ଣ୍ଣପୁରରେ ବିଶ୍ୱ ଯୋଗ ଦିବସ

# ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ରହିଛି

**ସୋନପୁର, ୨୧।୬(ନି.ପ୍ର.)**

ସୁବର୍ଣ୍ଣପୁର ରୟାଲ ପଡ଼ିଆ ଓ ଟାଉନହଲ୍‌ଠାରେ ବିଶ୍ୱ ଯୋଗ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ଯୋଗ ମହୋତ୍ସବ ସମିତି ଆନୁକୂଲ୍ୟରେ ଟାଉନହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନା ଅଧିକାରୀ ତଥା ଗୋପାଳଜୀ ଯୋଗାଳୟର ଉପଦେଷ୍ଟା ମଧୁସୂଦନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ଦ୍ୱାରା ଏକ ସୁସ୍ଥ ଓ ନୀରୋଗ ଶରୀର ଗଠନ ସମ୍ଭବ। ଯୋଗ ଭାରତୀୟ ସଂସ୍କୃତିର ପ୍ରାଚୀନ ପରମ୍ପରା ବୋଲି ପୂଜାରୀ କହିବା ସହିତ ଯୋଗର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଭାଗ ବୌଦ୍ଧିକ ପ୍ରମୁଖ ଦିଲୀପ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ତ୍ରିପାଠୀ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ ଯୋଗ ବ୍ୟାୟାମ, ଯୋଗାସନ ଓ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ଇନ୍‌ଟାକ ସୋନପୁର ଚାପ୍ଟରର ଆବାହକ ତଥା ଯୋଗ ମହୋତ୍ସବ ସମିତିର ଜିଲା ସଂଯୋଜକ ଶରତ ଶତପଥୀ ସଭାରେ ଅଧକ୍ଷତା କରିଥିଲେ। ସମିତିର ନଗର ସଂଯୋଜକ ସୁଦାମ ଚରଣ ବିଶ୍ରି ମଞ୍ଚ ପରିଚାଳନା କରିଥିଲେ। ଗୋପାଳଜୀ ଯୋଗାଳୟର ସମ୍ପାଦକ ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ବିଭିନ୍ନ ଆଧାତ୍ମିକ ଅନୁଷ୍ଠାନର ସଦସ୍ୟ, ସ୍ୱେଚ୍ଛାସେବୀ ଓ ବହୁ ଜନସାଧାରଣ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ।

ସେହିପରି ପତଞ୍ଜଳି ଯୋଗ ସମିତି ଓ ଆୟୁଷ ବିଭାଗ ପକ୍ଷରୁ ରୟାଲ ପଡିଆରେ ଯୋଗ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପତଞ୍ଜଳି ଯୋଗ ସମିତି ସଭାପତି ଅଧ୍ୟାପକ ଶମ୍ଭୁ ଭୂଷଣ ପଣ୍ଡା ସ୍ୱାଗତ ଭାଷଣ ଦେଇ ଯୋଗର ଉପକାର ସମ୍ପର୍କରେ ଆଲୋଚନା କରିଥିଲେ। ଭାରତ ସ୍ୱାଭିମାନ ଜିଲା ପ୍ରଭାରୀ ଗୋରେଖନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରି ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ରହିଛି। ଶରୀରକୁ ସୁସ୍ଥ ଓ କ୍ରିୟାଶୀଳ ରଖିବାକୁ ଯୋଗର ଆବଶ୍ୟକତା ସମ୍ପର୍କରେ ସେ ବକ୍ତବ୍ୟ ରଖିଥିଲେ। ସମିତିର ମହିଳା ପ୍ରଭାରୀ ଅଧ୍ୟାପିକା ମୀନା ମହାରଣା, ସହ ପ୍ରଭାରୀ ଭଗବତୀ ରାୟଗୁରୁ, ମହିଳା ସମରଶିକ୍ଷାର୍ଥୀ ବାହିନୀର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଚନ୍ଦ୍ରକାନ୍ତି ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଦେବାଶିଷ ସାହୁ, ଅନସୂୟା ମଲ୍ଲିକ ସହଯୋଗ କରିଥିଲେ। କିଷାନ ସେବା ସମିତି ପ୍ରଭାରୀ ପ୍ରତାପ କେଶରୀ ରାୟଗୁରୁ, ଯୁବ ପ୍ରଭାରୀ ମନୋଜ ପଣ୍ଡା, ସତ୍ୟବାନ ମିଶ୍ର, ବରିଷ୍ଠ ସଭ୍ୟ ଦିଲୀପ କୁମାର ରଥ, ସତ୍ୟନାରାୟଣ ବହିଆ, ଦଶରଥ ହୋତା, ପଞ୍ଚାନନ ପୃଷ୍ଟି, ନାରାୟଣ ସାହୁ, ରବୀନ୍ଦ୍ର କୁମାର ମେହେର, ଶମ୍ଭୁଭୂଷଣ ପଣ୍ଡା, ଇନ୍ଦୁମତୀ ପୁରୋହିତ, ସୁନୀତା ମିଶ୍ର, କମଳିନୀ ତ୍ରିପାଠୀ, ମନୀଷା ବାଘ, ମଞ୍ଜୁଲତା ଝାଙ୍କର, କଳ୍ପନା ମେହେର, ପୁଷ୍ପାଞ୍ଜଳି ମେହେର ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବ ପରେ କୁଷ୍ଠାଶ୍ରମ ଓ ଜିଲା ଭିନ୍ନକ୍ଷମ ବିଦ୍ୟାଳୟର ଅନ୍ତେବାସୀମାନଙ୍କୁ ପତଞ୍ଜଳି ବିସ୍କୁଟ୍ ବଣ୍ଟନ କରାଯାଇଥିଲା। କ୍ୟାପଟେନ୍ ଅନନ୍ତ ନାରାୟଣ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।



ସୋନପୁର ରୟାଲ ପଡିଆରେ ଜାତୀୟ ସମର ଶିକ୍ଷାର୍ଥୀ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ କରୁଛନ୍ତି।

### ଏସ୍‌ୟୁରେ ଏବିଭିପିର ସହାୟତା କେନ୍ଦ୍ର

**ସମ୍ବଲପୁର, ୨୧।୬(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସୟୁ) ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସହାୟତା କେନ୍ଦ୍ର ଖୋଲା ଯାଇଛି। ପ୍ରଥମ ଦିନ ପ୍ରବେଶିକା ପରୀକ୍ଷାରେ ନୃତତ୍ତ୍ୱ ବିଜ୍ଞାନ, ଗୃହ ବିଜ୍ଞାନ ଓ ଗଣିତ ପରୀକ୍ଷା ଥିଲା। ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏବିଭିପି କର୍ମକର୍ତ୍ତା କାର୍ଯ୍ୟ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ରେଢାଖୋଲ ୨୧।୬(ଡି.ଏନ.ଏ.)**

ରେଢାଖୋଲ ସହର ଉପକଣ୍ଠସ୍ଥ ଡିମିରିକୁଦା ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନ ୪ଟା ବେଳେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏହି ଯୁବକ ଜଣକ ହେଲେ ଗୋଗୁଆ ଗ୍ରାମର ଅଜିତ ସାହୁ (୪୦)। ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ନାବାଳିକାଙ୍କ ବିବାହ ବନ୍ଦ ହେଲା

**ନାକଟିଦେଉଳ, ୨୧।୬(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା କୁଞ୍ଜମୁରା ଗ୍ରାମରେ ଶୁକ୍ରବାର ଜଣେ ନାବାଳିକାଙ୍କ ବିବାହକୁ ବନ୍ଦ କରା ଯାଇଛି। ପିଠାଖାଇନଟି ସାହିର ଜଣେ ୧୬ବର୍ଷିୟା ନାବାଳିକାଙ୍କୁ ରେଢାଖୋଲ ଥାନା ଅନ୍ତର୍ଗତ ଡଇଁଚା ଗ୍ରାମର ରଞ୍ଜନ ନାଏକ ନାମକ ଜଣେ ଯୁବକ ବିବାହ କରିବାର ଥିଲା। ରେଢାଖୋଲ ଚାଇଲ୍ଡ ଲାଇନ ଏ ସମ୍ପର୍କରେ ସୂଚନା ପାଇ ନାକଟିଦେଉଳ ସିଡ଼ିପିଓ କ୍ଷୀରାବ୍ଧୀ ପାଣ୍ଡିଆଙ୍କୁ ଅବଗତ କରିଥିଲା। ଏହାପରେ ରେଢାଖୋଲ ଚାଇଲ୍ଡ ଲାଇନର ସଂଯୋଜକ ସଞ୍ଜୟ ସାଗର, ଟିମ୍ ମେମ୍ବର ସାଗର ନନ୍ଦିନୀ ପ୍ରଧାନ ଏବଂ ସିଡ଼ିପିଓ କ୍ଷୀରାବ୍ଧୀ ପାଣ୍ଡିଆ ପ୍ରମୁଖ ନାକଟିଦେଉଳ ଥାନାର ସହାୟତା ଲୋଡ଼ିଥିଲେ। ଆଇଆଇସି ଇସ୍ମାଇଲ ଏକ୍କା ସଦଳବଳେ ଉକ୍ତ ଅଧିକାରୀମାନଙ୍କ ସହିତ ଗାଁରେ ପହଞ୍ଚି ଏହି ବିବାହକୁ ବନ୍ଦ କରି କନ୍ୟା ଓ ବରପକ୍ଷ ଲୋକଙ୍କୁ ଥାନାକୁ ନେଇ ପଚରା ଉଚୁରା କରିଥିଲେ। ଶେଷରେ ଚାଇଲ୍ଡ ଲାଇନର ଅଧିକାରୀମାନେ ନାବାଳିକାଙ୍କୁ ଚାଇଲ୍ଡଲାଇନ ସେଣ୍ଟରକୁ ନେଇଯାଇଛନ୍ତି।

### ଟିଟିଲାଗଡ଼ ପୌର ପରିଷଦ ୨୯ରୁ ପଲିଥିନ ବନ୍ଦ ଉଦ୍ୟମ ଆରମ୍ଭ

**ଟିଟିଲାଗଡ଼, ୨୧।୬ (ଡି.ଏନ୍.ଏ.)**

ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ଆସନ୍ତା ୨୯ ତାରିଖରୁ ଅଞ୍ଚଳରେ ପଲିଥିନ ବନ୍ଦ କରିବା ନେଇ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଅନୁଷ୍ଠିତ ନାଗରିକ ସଭାରେ ପଲିଥିନ ବନ୍ଦ କରିବା ନେଇ ସଚେତନତା ଆରମ୍ଭ ହୋଇଛି। ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏନ୍.ଅଶୋକ ବାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପଲିଥିନ ଦ୍ୱାରା ଘଟୁଥିବା ସମାଜର ବିପର୍ଯ୍ୟୟ ଉପରେ ଅବଗତ କରାଇଥିଲେ। ଏନେଇ ପ୍ରତ୍ୟେକ ନାଗରିକ ସଚେତନ ହୋଇ ସମ୍ପୂର୍ଣ୍ଣ ପଲିଥିନ ବନ୍ଦ କରିବାକୁ ଆହ୍ୱାନ କରିଥିଲେ। ସଭାରେ ପୌର ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ଗୁଡଭେଲା ବିଡିଓ ରାମବିଲାସ ମଙ୍ଗରାଜ, ସହକାରୀ ପର୍ଯ୍ୟବେକ୍ଷକ ଲଳିତ ମହାପାତ୍ର, ପୌର ସେନିଟାରି ଏକ୍ସପାର୍ଟ ସ୍ୱରୂପ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କିରାଣି ନାଭ ବେହେରା, ବାବୁଲାଉ ମିସ୍ତ୍ରି, ଅଞ୍ଜଳି ବେହେରା, ବ୍ୟବସାୟୀ ସଂଘ ସଭାପତି ତ୍ରିନାଥ ସରାଫ, ରୋଟାରି କ୍ଲବ ସଭାପତି ଅମର ଜୈନ, ପ୍ରକାଶ ଅଗ୍ରୱାଲ, ଜନ୍ମେଜୟ ବେହେରା, ନୀତେଶ ଜୈନ, ମାରୱାଡି ଯୁବାମଞ୍ଚ ସଭାପତି ଅମନ ଜୈନ, କାଉନସିଲର ସରିତା ବେହେରା, ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବୀରମହାରାଜପୁର ଉପଖଣ୍ଡରେ ଯୋଗ ଦିବସ

**ଅମରପାଲି, ୨୧।୬ (ଡି.ଏନ.ଏ.)**

ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ମହୋତ୍ସବ ସମିତି ଓଡ଼ିଶା ଆନୁକୂଲ୍ୟରେ ବୀରମହାରାଜପୁର ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ସୁବ୍ରତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଯୋଗର ଉପକାରତା ସମ୍ପର୍କରେ ବୁଝାଇଥିଲେ। ସୁବର୍ଣ୍ଣପୁର ଜିଲା ଯୁବ ଭାରତ ପ୍ରଚାରପ୍ରସାର ପ୍ରମୁଖ ତଥା ବୀରମହାରାଜପୁର ପତଞ୍ଜଳି ଯୋଗ ସମିତି ବିସ୍ତାରକ ଦ୍ୱିତୀକୃଷ୍ଣ ପଣ୍ଡା ଉପସ୍ଥିତ ରହି ଯୋଗଶିକ୍ଷା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲ ପ୍ରଭାରୀ ଯୁଗଳ କିଶୋର ମିଶ୍ର, ଶିକ୍ଷାବିତ ସନ୍ୟାସୀ ଶତପଥୀ, ରାଜେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା ସଭା ପରିଚାଳନା କରିଥିଲେ। ସେହିପରି ମୁର୍ଷୁଣ୍ଡୀରେ ଆୟୋଜିତ ଶିବିରରେ ପତଞ୍ଜଳୀ ଯୋଗ ସମିତି ସମ୍ପାଦକ ଜୟରାମ ତ୍ରିପାଠୀ ଉପସ୍ଥିତ ରହି ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସତ୍ୟନାରାୟଣ ଚାନ୍ଦ ସହଯୋଗ କରିଥିଲେ। ମୁର୍ଷୁଣ୍ଡୀ ଚିକିତ୍ସାଳୟ ପରିସରରେ ଆୟୋଜିତ ଶିବିରରେ ସମସ୍ତ ଡାକ୍ତର, ଷ୍ଟାଫନର୍ସ, ଆଶାକର୍ମୀ ଓ ଗ୍ରାମବାସୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ବୀରମହାରାଜପୁର ଶିଶୁମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାହାରୀ ସଭା ପରିଚାଳନା କରିଥିବା ବେଳେ ଉପଜିଲାପାଳ ସୁବ୍ରତ ବେହେରା ମୁଖ୍ୟଅତିଥି ଏବଂ ପ୍ରତ୍ୟୁଷ ପଣ୍ଡା, ଯୋଗାଚାର୍ଯ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା, ପୂର୍ବତନ ସଭାପତି ଭଗବାନ ମିଶ୍ର, ଜୟରାମ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ। ଗୁରୁମା ଜଗଦ୍ଧାତ୍ରୀ ଶତପଥୀ ସଭା ସଂଯୋଜନା କରିଥିଲେ। ରଥପୁରଠାରେ ନାରାୟଣୀ କ୍ଲବ ଆନୁକୂଲ୍ୟରେ ଅଚ୍ୟୁତ ପଧାନ ଓ ମୁକୁନ୍ଦ ପ୍ରମୁଖ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଏଥିରେ ଗ୍ରାମବାସୀ ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବୀରମହାରାଜପୁର ମହାବିଦ୍ୟାଳୟରେ ଯୋଗାଭ୍ୟାସ କରାଯାଉଛି।

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

## ଜିଲା ଓକିଲ ସଂଘ ପକ୍ଷରୁ ରାସ୍ତା ଅବରୋଧ

**ବଲାଙ୍ଗୀର ଅଫିସ, ୨୧।୬**

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଥିଲା। ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଶତାଧିକ ଓକିଲ ଓ ଅନ୍ୟ ଅନୁଷ୍ଠାନର ସଭ୍ୟମାନେ କଚେରୀ ଛକଠାରେ ପ୍ରତୀକାତ୍ମକ ଭାବେ ରାସ୍ତା ଅବରୋଧ କରିଥିଲେ। ଫଳରେ କିଛି ସମୟ ଧରି ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଯଶବନ୍ତ ସିଂ କମିଶନ ଆଧାରରେ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରା ନ ଗଲେ ଆଗକୁ ଆନ୍ଦୋଳନ ଭୟାବହ ହେବ। ଏନେଇ ସରକାର ଦାୟି ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆନ୍ଦୋଳନରେ ଆଇନଜୀବୀ ଜଗନ୍ନାଥ ଆଚାର୍ଯ୍ୟ, ଗୋପାଳ ପାଣିଗ୍ରାହୀ, ସତ୍ୟପ୍ରସନ୍ନ ଛୁରିଆ, ଶଶୀଭୂଷଣ ପୁରୋହିତ, ନନ୍ଦକୁମାର ଚାନ୍ଦ, ରବିନାରାୟଣ ବହିଦାର, ରତନ ମହାରଣା, ଅମରୀଶ ତ୍ରିପାଠୀ, ଭବାନୀ ଶଙ୍କର ଶତପଥୀ, ଶଙ୍କର ପ୍ରସାଦ ମିଶ୍ର, ଉମାଶଙ୍କର ସାହୁ, ସରୋଜ ଗୁପ୍ତା, ରଞ୍ଜିତ ପାଢ଼ୀ, ସତ୍ୟନାରାୟଣ ସେଠ, ବାସୁଦେବ ରଥ, ଜଗଦୀଶ ପ୍ରଧାନ, ପ୍ରଭାସ ମିଶ୍ର, ସ୍ୱର୍ଣ୍ଣଭୂଷଣ ସାହୁ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଓକିଲ ସଂଘର ଏହି ଆନ୍ଦୋଳନ ଚାଲିବ।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ଚିପିଲିମା, ୨୧।୬(ଡି.ଏନ.ଏ)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ କୁଦଗୁଣ୍ଡେରପୁର ପଞ୍ଚାୟତ ତବଡା ଗ୍ରାମରେ ଗୁରୁବାର ରାତିରେ ବଜ୍ରପାତ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବୁର୍ଲା ଥାନା ଚିପିଲିମା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ତଥ୍ୟ ମୁତାବକ ମୃତ ଯୁବକ ଜଣକ ହେଲେ ବରଗଡ ଜିଲା ଅତାବିରା ଥାନା ଗୁର୍ଖାପାଲି ଗ୍ରାମର ଉର୍କୁଳୀ ଦରଦିଆଙ୍କ ପୁଅ ସାମନ୍ତ ଦରଦିଆ (୨୭)। ଗୁରୁବାର ସାମନ୍ତ କୁଦତବଡା ଗ୍ରାମରେ ଥିବା ଭଉଣୀ ଘରକୁ ସେ ଯାଇଥିଲେ। ସନ୍ଧ୍ୟାରେ ବାହାରକୁ ଶୌଚପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ସେହି ସମୟରେ ଘଡଘଡି ସହ ଦୀର୍ଘ ସମୟ ଧରି ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଛାଡିବା ପରେ ସାମନ୍ତ ଘରକୁ ନ ଫେରିବାରୁ ସମ୍ପର୍କିୟ ଲୋକେ ଖୋଜାଖୋଜି କରିଥିଲେ। ଏକ ଗଛ ମୂଳରେ ସେ ପଡିଥିବା ଦେଖିଥିଲେ। ଏ ନେଇ ଚିପିଲିମା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମ ଶୁକ୍ରବାର ଘଟଣା ସ୍ଥଳକୁ ଯାଇଥିଲେ। ସାମନ୍ତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମ୍‌ସାରକୁ ପଠାଇଥିଲେ। ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ଦିଗଶିରାରେ ଅନୁଷ୍ଠିତ ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

ନାବାର୍ଡ ପକ୍ଷରୁ ତୃଣମୂଳସ୍ତରୀୟ ତାଲିମ

## ମହିଳା ଏସ୍ଏଚ୍‌ଜିଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ

**ସୋନପୁର, ୨୧।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ପଞ୍ଚାୟତ କାର୍ଯ୍ୟାଳୟରେ ନାବାର୍ଡ ପକ୍ଷରୁ ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଏକ ଦିବସୀୟ ତାଲିମ ଶିବିରରେ ସ୍ଥାନୀୟ ଅଞ୍ଚଳର ୩୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚଜି)ର ସଭାନେତ୍ରୀ ଓ ସମ୍ପାଦିକା ଯୋଗ ଦେଇଥିଲେ। ନାବାର୍ଡର ଏଜିଏମ୍ ତାପସ ଶଙ୍କର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଷ୍ଠୀ ଗଠନର ମୂଳ ଉଦ୍ଦେଶ୍ୟ, ସାମାଜିକ ଓ ଆର୍ଥିକ ସ୍ଥିତିର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ସ୍ୱାବଲମ୍ବୀ ହେବା ପାଇଁ ମହିଳା କର୍ମକର୍ତ୍ତା ଓ ସଭ୍ୟାଙ୍କ ଦକ୍ଷତା ବିକାଶ ଉପରେ ରାଉତ ଗୁରୁତ୍ୱ ଦେଇଥିଲେ। ଜିଲା ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର(ଏଲ୍‌ଡିଏମ୍) ସରୋଜ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋଷ୍ଠୀର ଶୃଙ୍ଖଳା, ଋଣ କାରବାର, ଧନ୍ଦାମୂଳକ ବ୍ୟବସାୟ ଉପରେ ବୁଝାଇଥିଲେ। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ବ୍ଲକ ଅଧିକାରୀ ଭବାନୀ ଶଙ୍କର ମେହେର ଓ ସନ୍ତୋଷିନୀ ବେହେରା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ନିଉ ଲାଇଫ ଫାଉଣ୍ଡେସନର ମାଷ୍ଟର ଟ୍ରେନର ସାଗରୀକା ଦେହୁରୀ, ଧନୀରାମ ନାଗ ତାଲିମ ପ୍ରଦାନ କରିଥିଲେ। ଶିବିରକୁ ନିଉ ଲାଇଫ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ କଳାକାହ୍ନୁ ଦୀପ ପରିଚାଳନା କରିଥିଲେ।

ରିଜର୍ଭ ପ୍ରିମିୟର ଲିଗ୍

## ଫାଇନାଲରେ ଖୁସି ଫାଇଟର

**ସୋନପୁର, ୨୧।୬(ନି.ପ୍ର.)**

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡ଼ିଆରେ ରିଜର୍ଭ ପ୍ରିମିୟର ଲିଗ୍(ଆର୍‌ପିଏଲ-୪)ରେ ଶୁକ୍ରବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପବନ ହିରୋଜ୍ ଓ ଖୁସି ଫାଇଟର ଦଳ ବିଜୟୀ ହୋଇଛି। ଏହି ବିଜୟ ଫଳରେ ପ୍ରଥମ ଦଳ ଭାବେ ଖୁସି ଫାଇଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍ ପବନ ହିରୋଜ୍ ଓ ମାନ୍‌ଭି ବ୍ଲାଷ୍ଟର ମଧ୍ୟରେ ହୋଇଥିଲା। ପବନ ହିରୋଜ୍ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ୍ ହରାଇ ୧୦୫ ରନ୍ ସଂଗ୍ରହ କରିଥିଲା। ନିକୁ ଜୁଏଲ ୨୦ ବଲ୍‌ରୁ ସର୍ବାଧିକ ୨୮ ରନ୍ ସଂଗ୍ରହ କରିଥିଲେ। ମାନ୍‌ଭି ବ୍ଲାଷ୍ଟର ଦଳର ଅଭିରାମ ମେହେର ୮ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ୧୦୬ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ମାନ୍‌ଭି ବ୍ଲାଷ୍ଟର ୫୫ ରନ୍‌ରେ ପରାଜିତ ହୋଇଥିଲା। ପବନ ହିରୋଜ୍ ଦଳର ସୁନ ନାୟକ ୨ ଉଇକେଟ୍ ଅକ୍ତିଆର କରିଥିଲେ। ନିକୁ ଜୁଏଲଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ଖୁସି ଫାଇଟର ଏବଂ ଆଦ୍ୟାଶ୍ରୀ ଷ୍ଟ୍ରାଇକର ମଧ୍ୟରେ ହୋଇଥିଲା। ଆଦ୍ୟାଶ୍ରୀ ଷ୍ଟ୍ରାଇକର ଟସ୍ ଜିତି ଫିଲ୍ଡିଂ କରିଥିଲା। ଖୁସି ଫାଇଟର ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ୍ ବିନିମୟରେ ୮୫ ରନ୍ ସଂଗ୍ରହ କରିଥିଲା। ଖୁସି ଫାଇଟରର ବଣ୍ଟି ଭୋଇ ୨୧ ବଲରୁ ଦ୍ରୁତ ୫୭ ରନ୍ ସଂଗ୍ରହ କରିଥିଲେ। ଆଦ୍ୟାଶ୍ରୀ ଷ୍ଟ୍ରାଇକର ଦଳର ରିଆଜୁଲ ଇସ୍‌ଲାମ ୮ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆଦ୍ୟାଶ୍ରୀ ଷ୍ଟ୍ରାଇକର ଦଳ ୭୨ ରନ୍‌ରେ ପରାଜିତ ହୋଇଥିଲା। ଖୁସି ଫାଇଟରର ଇଲୁ ବିଶି ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ବଣ୍ଟି ଭୋଇଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ କୁନା ନାୟକ ଓ ସୁଶାନ୍ତ ମିଶ୍ର ପରିଚାଳନା କରିଥିଲେ। ରାଜେଶ କୁମାର ପାଣ୍ଡେ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଅଜୁ ମେଣ୍ଡଲି ଓ ଟୁନା ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶା ହାବିଲଦାର-କନେଷ୍ଟବଳ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ସଭାପତି କୁମୁଦ ରଞ୍ଜନ ମେହେର, ସମ୍ପାଦକ ଦୀନେଶ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ଯ୍ୟୋଧନ କଳାୟତ, ଦାଶରଥି ସିନ୍ଧିରିଆ, କ୍ଷିରୋଦ ନାୟକ, ମଧୁସୂଦନ ସାହୁ, ନିମାଇଁ ଖଣ୍ଡଗିରି, ସୁମିତ୍ ରଥ, ଉତ୍ତମ ମହାଲିଙ୍ଗ ଓ ଜୟଦେବ ପାଢୀ ସହଯୋଗ କରିଥିଲେ।




ଖୁସି ଫାଇଟରର ବଣ୍ଟି ଭୋଇଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଜୁନ୍, ୨୦୧୯



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ହାଇୱା ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

**ଟିଁଟିଲାଗଡ଼,୨୧।୬(ଡି.ଏନ.ଏ.):** ସ୍ଥାନୀୟ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ରାତି ପ୍ରାୟ ସାଢ଼େ ୧୨ରେ ଏକ ହାଇୱା ଧକ୍କାରେ ୩ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସର୍ଗିଗୁଡ଼ାପଡାର ସୁଜନ ମହାକୁଡ, କରନ ରାୟ, ରିତେଶ ସାହୁ। ଆହତମାନଙ୍କୁ ଟିଁଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଟିଁଟିଲାଗଡ଼ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଯୁବକଙ୍କୁ ହତ୍ୟା

**କଣ୍ଟାବାଞ୍ଜି/ଲାଠୋର,୨୧।୬(ଡି.ଏନ୍.ଏ.):** ମହୁଲପାଟି- ତୁରେକେଲା ରେଲୱେ ଷ୍ଟେଶନ୍ ରାସ୍ତାରେ ଶୁକ୍ରବାର ଦିନଦ୍ୱିପହରେ ଦିଲୀପ ସାହୁ ନାକମ ଜଣେ ବ୍ୟକ୍ତିଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିବା ଜଣାପଡିଛି। ମହୁଲପାଟି ଗ୍ରାମର ଦିଲୀପ ସାହୁଙ୍କୁ ରାଜନୈତିକ କାରଣରୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଥିବା ବେଳେ ପୋଲିସ ଏନେଇ କିଛି ସୂଚନା ଦେଇନାହିଁ। ଅନ୍ୟପକ୍ଷେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଭଗବତ ପ୍ରସାଦ ରଥଙ୍କ ବିୟୋଗରେ ଶୋକସଭା

**ବଲାଙ୍ଗୀର ଅଫିସ, ୨୧।୬:** ବଲାଙ୍ଗୀର ପ୍ରେସ୍କ୍ଲବ୍ଠାରେ ଶୁକ୍ରବାର ସନ୍ଧ୍ୟାରେ ରାୟଗଡ଼ାର ପ୍ରସିଦ୍ଧ ଲେଖକ ଭଗବତ ପ୍ରସାଦ ରଥଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରେସକ୍ଲବ ସଭାପତି ଅରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଖିଳ ଚନ୍ଦ୍ର ହୋତା, ସତ୍ୟସୁନ୍ଦର ଭଞ୍ଜ, ରାଜେଶ ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁରୁଲାଲ ମଟାରୀ, ଯୁଜେଷ୍ଟି ମେହେର, ବୀରେନ୍ଦ୍ର କୁମାର ଝାଙ୍କର, ସୁଦୀପ ଗୁରୁ, ଅଶୋକ ନନ୍ଦ, ଦୀପକ ପୁରୋହିତ, ଜୟପ୍ରକାଶ ମଟାରୀ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ।

### ଯୁବ ସଂସଦ କାର୍ଯ୍ୟକ୍ରମ

**ଲୋଇସିଂହା,୨୧।୬(ଡି.ଏନ.ଏ.):** ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ଏବଂ ବଲାଙ୍ଗୀର ନେହେରୁ ଯୁବ କେନ୍ଦ୍ର ସହାୟତାରେ ସରଗାଡ ଗ୍ରାମରେ ଯୋଗ ଶବିର ଏବଂ ପଡୋଶୀ ଯୁବସଂସଦ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜକିଶୋର ସେଠଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ଷାଣ୍ଡ, ଗଣ୍ଡାରାମ ସାଏ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ଗୁରୁ ଯୁଧିଷ୍ଠିର ଭୋଇଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ସ୍ୱେଚ୍ଛାସେବୀ ସୁଶୀଲ ସା, ଅନୁଷ୍ଠାନର ରମେଶଚନ୍ଦ୍ର ଷାଣ୍ଡ, ନାରାୟଣ ବାରିକ, ଧର୍ମେନ୍ଦ୍ର ପଧାନ, ଗୋପାଳ ବାରିକ, ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗ ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ସମ୍ଭବ

**ବଲାଙ୍ଗୀର ଅଫିସ, ୨୧।୬**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବଲାଙ୍ଗୀର ହାଟପଦାପଡ଼ା ମେଟାକିନୀ ମନ୍ଦିର କମିଟି ପକ୍ଷରୁ ଶିଶୁ ଉଦ୍ୟାନରେ ଶୁକ୍ରବାର ସକାଳେ ଯୋଗ ଶିବିର ଆୟୋଜନ କରାଯାଇଥିଲା। କମିଟି ସଭାପତି ଲୋଟସ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଯୋଗଗୁରୁ ପ୍ରଦୀପ ବାବୁ ଉପସ୍ଥିତ ସଦସ୍ୟମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଯୋଗାଭ୍ୟାସ କିଭଳି ଉତ୍ତମ ସ୍ୱାସ୍ଥ୍ୟ ଗଠନ ଏବଂ ମାନସିକ ସ୍ଥିରତାରେ ସାହାଯ୍ୟ କରିଥାଏ ସେନେଇ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ଶାନ୍ତନୁ ମିଶ୍ର, ହରିଶଙ୍କର ମିଶ୍ର, ଅଙ୍ଗୀରା ସାହୁ, ଖଗେଶ୍ୱର ଷଡଙ୍ଗ, ଦୁର୍ଗା ପ୍ରସାଦ ଜେନା, ସୁଧାଂଶୁ ବେହେରା, ଗିରିଧାରୀ ପତି, ନିରଜକାନ୍ତ ମହାପାତ୍ର, ମୁରାରୀ ମିଶ୍ର, ପବିତ୍ର ଖୁଣ୍ଟିଆଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ଶେଷରେ ସଭାପତି ଷଡଙ୍ଗୀ କମିଟି ବରିଷ୍ଠ ସଦସ୍ୟ ଶାନ୍ତନୁ ମିଶ୍ର, ହରିଶଙ୍କର ମିଶ୍ର ଏବଂ ଗିରିଧାରି ପତିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। କମିଟି ତରଫରୁ ସମସ୍ତ ଶିକ୍ଷା ଅନୁଷ୍ଠାନରେ ଯୋଗ ପାଇଁ ପ୍ରାବଧାନ ରଖିବା ପାଇଁ ଦାବି କରାଯାଇଥିଲା।

**ଆୟୁର୍ବେଦିକ କଲେଜ:** ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ଏବଂ ଚିକିତ୍ସାଳୟ ପରିସରରେ ଅନ୍ତର୍ଜାତୀୟ କ ଯୋଗ ଦିବସ ପାଳନ କରାଯାଇଥିଲା। ଭାରପ୍ରାପ୍ତ ଅଧକ୍ଷ ପ୍ରଦୀପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୬୦ଜଣ ଡାକ୍ତରୀ ଛାତ୍ରୀଛାତ୍ର, ହାଉସ ସର୍ଜନ, ଶିକ୍ଷକ, କର୍ମଚାରୀ ଯୋଗାଭ୍ୟାସ କରିଥିଲେ। ଯୋଗ ପ୍ରଶିକ୍ଷକ ଡା ଅନୁପ ସିଂ ଯୋଗ ଶିକ୍ଷା ଦେଇଥିଲେ। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ଡାବର ଇଣ୍ଡିଆ ପକ୍ଷରୁ ସମସ୍ତଙ୍କ ରକ୍ତ ଶର୍କରା ପରୀକ୍ଷା କରାଯାଇ ଫଳ ବଣ୍ଟନ କରାଯାଇଥିଲା। ମୁଖ୍ୟବକ୍ତା ପ୍ରାଧ୍ୟାପକ ଡା. ସୁବାସ ଚନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଗୋପାଳକୃଷ୍ଣ ମିଶ୍ର, ଡା.ସୀମାଦ୍ରୀ ଭୂଷଣ ନାଏକ, ଡା. ପ୍ରସନ୍ନ କୁମାର ମିଶ୍ର ଯୋଗର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଅଲେଖ ଚନ୍ଦ୍ର ମହାନ୍ତି ସଂଯୋଜନା କରିଥିଲେ।



ବଲାଙ୍ଗୀର ହାଟପଦାପଡ଼ା ମେଟାକିନୀ ମନ୍ଦିର କମିଟି ପକ୍ଷରୁ ଶିଶୁ ଉଦ୍ୟାନରେ ଶୁକ୍ରବାର ଯୋଗାଭ୍ୟାସ କରାଯାଉଛି।



ବଲାଙ୍ଗୀର ଆୟୁର୍ବେଦିକ କଲେଜରେ ଯୋଗାଭ୍ୟାସ କରାଯାଉଛି।

**ଅନ୍ତର୍ଜାତୀୟ ଯୋଗ ଦିବସ**

**ବିଲେଇସର୍ଦା:** ପୁଇଁନ୍ତଲା ବ୍ଲକ ଅଧୀନ ବିଲେଇସର୍ଦା ରାଧାଶ୍ୟାମ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷ ରାମଶରଣ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରସନ୍ନ କୁମାର ପଣ୍ଡା, ପ୍ରଦୀପ କୁମାର ବାରିକ, ହରେକୃଷ୍ଣ ସେଠ, ନାରାୟଣ ମହାକୁର, ବିଲେଇସର୍ଦା ହାଇସ୍କୁଲ୨ର ଜୁନିୟର ରେଡକ୍ରସ ପରାମର୍ଶଦାତା ରଞ୍ଜିତ ମିଶ୍ର, ଦାମୋଦର ପ୍ରଧାନ, ଚିତ୍ତରଞ୍ଜନ ରଣା, ପ୍ରମୋଦ କୁମାର ପ୍ରଧାନ, ସଞ୍ଜୀବ ପ୍ରଧାନ, ଦୂରାନ୍ତକ ସାହୁ, ଆକାଶ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ରାଧାକାନ୍ତ ଗଡତ୍ୟା ଯୋଗଭ୍ୟାସ ଉପରେ କହିଥିଲେ। ବିଲେଇସର୍ଦା ଜୁନିୟର ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ମିତ୍ରଭାନୁ ବିଶ୍ୱାଳ ଛାତ୍ରୀଛାତ୍ରମାନଙ୍କୁ ଯୋଗାଭ୍ୟାସ କରାଇଥିଲେ।

**ଲୁହାସିଂହା:** ଖପ୍ରାଖୋଲ ବ୍ଲକର ଲୁହାସିଂହା ସର୍ବୋଦୟ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଶିବପ୍ରସାଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଅଶ୍ୱିନୀ ଷଡଙ୍ଗୀ, ଉମେଶ ଚନ୍ଦ୍ର ଦାଶ, ରାଜେନ୍ଦ୍ର ତରିଆ, ଈଶ୍ୱର ପ୍ରଧାନ, ପୂର୍ଣ୍ଣ ମାଝି, ଶିକ୍ଷୟିତ୍ରୀ ରୀତା ତ୍ରିପାଠୀ, ମୋହିନୀ ସାହୁ, ନୀୟତି ସାହୁ, ପୁଷ୍ପାଞ୍ଜଳି ପୁରୋହିତ, ଭାରତୀ ମହାନନ୍ଦ, ନବକୃଷ୍ଣ ଦେବତା, କିଶୋର ପାତ୍ର ଯୋଗଦେଇ ଛାତ୍ରୀଛାତ୍ରୀଙ୍କୁ ଯୋଗର ଭୂମିକା ଓ ଉପାଦେୟତା ଉପରେ କହିଥିଲେ। ସଭା ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରୀମାନେ ଗ୍ରାମ ପରିକ୍ରମା କରି ଯୋଗର ଉପକାରିତା ବିଷୟରେ ସଚେତନ କରାଇଥିଲେ।

**ଯୋଗ ମହୋତ୍ସବ ସମିତି:** ବଲାଙ୍ଗୀର ଯୋଗ ମହୋତ୍ସବ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ ପଟେଲ ଅତିଥି ଭାବେ ଯୋଗଦେଇ ଯୋଗ ଶିକ୍ଷା ଉପରେ କହିଥିଲେ। କାର୍ଯ୍ୟକ୍ରମର ଅଧକ୍ଷ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହଜିଲା ସଂଘ ଚାଳକ ସଜିକାନ୍ତ କାଲସାଏ, ସଂଚାଳକ ଦତ୍ତାନନ୍ଦ ପଣ୍ଡା ଶିବିର ପରଚାଳନା କରିଥିଲେ।

## ଟିଁଟିଲାଗଡ଼ ପୌର ପରିଷଦ ୨୯ରୁ ପଲିଥିନ ବନ୍ଦ ଉଦ୍ୟମ ଆରମ୍ଭ

**ଟିଁଟିଲାଗଡ଼, ୨୧।୬ (ଡି.ଏନ୍.ଏ.)**

ଟିଁଟିଲାଗଡ଼ ପୌର ପରିଷଦ ପକ୍ଷରୁ ଆସନ୍ତା ୨୯ ତାରିଖରୁ ଅଞ୍ଚଳରେ ପଲିଥିନ ବନ୍ଦ କରିବା ନେଇ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଅନୁଷ୍ଠିତ ନାଗରିକ ସଭାରେ ପଲିଥିନ ବନ୍ଦ କରିବା ନେଇ ସଚେତନତା ଆରମ୍ଭ ହୋଇଛି। ପୌରାଧକ୍ଷ ଗୋବର୍ଦ୍ଧନ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଁଟିଲାଗଡ଼ ଏବଂ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏନ୍.ଅଶୋକ ବାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପଲିଥିନ ଦ୍ୱାରା ଘଟୁଥିବା ସମାଜର ବିପର୍ଯ୍ୟୟ ଉପରେ ଅବଗତ କରାଇଥିଲେ। ଏନେଇ ପ୍ରତ୍ୟେକ ନାଗରିକ ସଚେତନ ହୋଇ ସମ୍ପୂର୍ଣ୍ଣ ପଲିଥିନ ବନ୍ଦ କରିବାକୁ ଆହ୍ୱାନ କରିଥିଲେ। ସଭାରେ ପୌର ଉପାଧକ୍ଷା ଅଞ୍ଜନା ବର୍ମା, ଗୁଡଭେଲା ବିଡିଓ ରାମବିଲାସ ମଙ୍ଗରାଜ, ସହକାରୀ ପର୍ଯ୍ୟବେକ୍ଷକ ଲଳିତ ମହାପାତ୍ର, ପୌର ସେନିଟାରି ଏକ୍ସପାର୍ଟ ସ୍ୱରୂପ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କିରାଣି ନାଭ ବେହେରା, ବାବୁଲାଡ ମିସ୍ତ୍ରି, ଅଞ୍ଜଳି ବେହେରା, ବ୍ୟବସାୟୀ ସଂଘ ସଭାପତି ତ୍ରିନାଥ ସରାଫ, ରୋଟାରି କ୍ଲବ ସଭାପତି ଅମର ଜୈନ, ପ୍ରକାଶ ଅଗ୍ରୱାଲ, ଜନ୍ମେଜୟ ବେହେରା, ନୀତେଶ ଜୈନ, ମାରୱାଡି ଯୁବାମଞ୍ଚ ସଭାପତି ଅମନ ଜୈନ, କାଉନସିଲର ସରିତା ବେହେରା, ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ସହରରେ ପୌର ପରିଷଦ ପକ୍ଷରୁ ଆସନ୍ତା ୨୯ ତାରିଖ ଠାରୁ ପୋଲିସ ତଥା ମାଜିଷ୍ଟ୍ରେଟଙ୍କ ସହାୟତା ନିଆଯାଇ ପଲିଥିନ ବନ୍ଦ କରିବାକୁ ସଭାରେ ସୂଚନା ଦିଆଯାଇଥିଲା।

# ଉଦ୍ଧବଙ୍କୁ ସାହାଯ୍ୟର ହାତ ବଢ଼ାଲା ପରଶାସନ

**ଲାଠୋର, ୨୧।୬ (ଡି.ଏନ୍.ଏ)**

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଁଚେତ୍ ଅଧୀନ କନ୍ହେଇଛାପର ଖଇରାପଡ଼ାର ପକ୍ଷାଘାତ ରୁଗୀ ଉଦ୍ଧବ ଭୋଇ(୫୨)କୁଁ ବ୍ଲକ ପରଶାସନ ସାହାଯ୍ୟର ହାତ ବଢ଼େଇଥିବାର ଜନାପଡ଼ିଛେ।

ସୂଚନା ଅନ୍ସାରେ ଉଦ୍ଧବ ଗଲା ୬ ବଛର ତଲେ ପକ୍ଷାଘାତ ରୋଗ୍ରେ ଆକ୍ରାଁତ ହେଇଥିଲେ। ସେ ପେଟ କାଟି ଯାହା ସଁଚିଥିଲେ ସବୁ ଚିକିସ୍ୱାରେ ଖରଚ୍କରି ସରବ୍ସୁଆଁତ ହେଇଯାଇଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ଉଷୋକଷା ତ ଦୂରର କଥା ପରିବାର ଲୋକ୍ ତାହାକୁ ଭଲସେ ମୁଠେ ଖାଏବାକେ ନାଇଁ ଦେଇପାରୁଥାଇ। ଏନ୍ତାଥି ପରିବାର ଲୋକ ଉପେ ଶୂଇନ୍ ହେଇ ଥାନୀୟ ଧରିତ୍ରୀ ପରତିନିଧିଙ୍କୁ ନିଜର ଦୁଖ୍ ବଖାନିଥିଲେ। ଇ ବାବ୍ଦେ ଗଲା ମଙ୍ଗଳବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ସାହାଯ୍ ଆଶ୍ରେ ପକ୍ଷାଘାତ ରୁଗୀ' ଶୀରଷକ୍ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ବରଗଡ଼ ଜିଲା ଯୋଖୀପାଲିର ୟୁଥଏଗେଁଷ୍ଟ କରପ୍ସନ ସଂଗଠନ ସିଏମ୍ଓ ଓଡ଼ିଶା, ଏଚ୍ଏଫଡବ୍ଲ୍ୟୁ ଓଡ଼ିଶା, ସିଡିଏମଓ ବଲାଙ୍ଗୀରକୁଁ ଟ୍ୱିଟ୍ କରି ଉଦ୍ଧବଙ୍କୁ ସରକାରୀ ସାହାଯ୍ ଯୁଗେଇ ଦେବାକେ ଅନୁରୋଧ କରିଥିଲେ। ଇତାକେ ଆଧାର କରି ଗଲା ଗୁରୁବାର ଖପ୍ରାଖୋଲ ବିଡିଓ ତରଣୀ ସୁନା, ଡା. ପ୍ରହଲ୍ଲାଦ ମେହେରକଁର ସଂଗେ ଗୁଟେ ଡାକ୍ତରି ଦଲ ଉଦ୍ଧବକଁର ଘରେ ପୁହୁଁଚିଥିଲା। ସେଠାନେ ରୁଗୀକୁଁ ରେଡକ୍ରସ ତରଫୁ ୫ ହଜାର ଟଁକା ସାହାଯ୍ ଦେବାର ସଂଗେ ଡାକ୍ତରି ଦଲ ଉଦ୍ଧବକଁର ପରୀକ୍ଷା ନିରୀକ୍ଷା କରିଥିଲେ। ରିପୋର୍ଟ ଆଏଲା ଉତାରୁ ଉଚ ଅଧିକାରୀକଁର ସଂଗେ କଥା ହେଇ ରୁଗୀକଁର ଉଚତର ଚିକିତ୍ସା ଦିଗେ ପଦକ୍ଷେପ ନିଆଯିବା ବଲି ବିଡିଓ କହିଛନ୍। ବିଡିଓକଁର ଇ ପଦକ୍ଷେପକେ ପଡ଼ାବାସୀ ବଡ଼ଭାରି ପରଶଁସା କରବାର ସଂଗେ ଧଏନ୍ବାଦ ଜନେଇଛନ୍।



ପକ୍ଷାଘାତ ରୁଗୀକୁଁ ଖପ୍ରାଖୋଲ ବିଡିଓ ସାହାଯ୍ ଟଁକା ଦେଉଛନ୍।

## ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି
## ଜିଲା ଓକିଲ ସଂଘ ପକ୍ଷରୁ ରାସ୍ତା ଅବରୋଧ

**ବଲାଙ୍ଗୀର ଅଫିସ, ୨୧।୬**

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଥିଲା। ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଶତାଧିକ ଓକିଲ ଓ ଅନ୍ୟ ଅନୁଷ୍ଠାନର ସଭ୍ୟମାନେ କଚେରୀ ଛକଠାରେ ପ୍ରତୀକାତ୍ମକ ଭାବେ ରାସ୍ତା ଅବରୋଧ କରିଥିଲେ। ଫଳରେ କିଛି ସମୟ ଧରି ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଯଶବନ୍ତ ସିଂ କମିଶନ ଆଧାରରେ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରା ନ ଗଲେ ଆଗକୁ ଆନ୍ଦୋଳନ ଭୟାବହ ହେବ। ଏନେଇ ସରକାର ଦାୟି ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆନ୍ଦୋଳନରେ ଆଇନଜୀବୀ ଜଗନ୍ନାଥ ଆଚାର୍ଯ୍ୟ, ଗୋପାଳ ପାଣିଗ୍ରାହୀ, ସତ୍ୟପ୍ରସନ୍ନ ଛୁରିଆ, ଶଶୀଭୂଷଣ ପୁରୋହିତ, ନନ୍ଦକୁମାର ଚାନ୍ଦ, ରବିନାରାୟଣ ବହିଦାର, ରତନ ମହାରଣା, ଅମରୀଶ ତ୍ରିପାଠୀ, ଭବାନୀ ଶଙ୍କର ଶତପଥୀ, ଶଙ୍କର ପ୍ରସାଦ ମିଶ୍ର, ଉମାଶଙ୍କର ସାହୁ, ସରୋଜ ଗୁପ୍ତା, ରଞ୍ଜିତ ପାଢ଼ୀ, ସତ୍ୟନାରାୟଣ ସେଠ, ବାସୁଦେବ ରଥ, ଜଗଦୀଶ ପ୍ରଧାନ, ପ୍ରଭାସ ମିଶ୍ର, ସ୍ୱର୍ଣ୍ଣଭୂଷଣ ସାହୁ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଓକିଲ ସଂଘର ଏହି ଆନ୍ଦୋଳନ ଚାଲିବ।

## ବାଟବନା ବସୁନ୍ଧରା ଯୋଜନା
# ଗୋଚର ଜମି ପାଲଟିଛେ ଗରିବଙ୍କର ସାହାଭରସା

**ଲାଠୋର, ୨୧।୬ (ଡି.ଏନ୍.ଏ)**

ସରକାର ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ୪ ଡେସିମିଲ ଲେଖେଁ ଘରଡିହ ଯୁଗେଇ ଦେଉଛନ୍। ହେଲେ ଅନେକ ଭୂମିହୀନ ଗରିବ୍ ଦୁଖି ଘରଡିହ ଲାଗି ଆବେଦନ କରି ନିରାଶ ହେଉଛନ୍। ସେନ୍ତା ଅନେକ ଘରଡିହ ପାଇଥିଲେ ବି ସେଟା କେନ୍ଠାନେ ଅଛେ ଜାନି ନାଇଁପାରୁଥିବାର ଅଭିଯୋଗ ହେଉଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ମାଲପଡ଼ା ପଁଚେତ କନ୍ହେଇଛାପର ଖଇରାପଡ଼ାରେ।

ସୂଚନା ଅନ୍ସାରେ ଗଲା ୫୦ ବଛରୁ ଅଧିକା ହେବା ୨୮ ଆଦିବାସୀ ପରିବାର କନ୍ହେଇଛାପର ଖଇରାପଡ଼ାରେ ବାସ କରୁଛନ୍। ଇ ପରିବାରମାନେ ନିହାତି ଗରିବ ହେଇଥିଲାବେଲେ କୁଲିମଜୁରି, ଦାଦନ ଖଟି, ଜଂଗଲରୁ ଶୁଖା କାଠ୍, ସରଗୀ ପତର, କାଠି ଆନି ବିକାଭଂଗା କରି ଚଲୁଛନ୍। ପଡ଼ାର ସଭେ ଭୂମିହୀନ ହେଇଥିଲାବେଲେ ଗୋଚର, ପତରା ଜାଗାରେ ମାଏଟ୍ କୁରିଆଟେ ଲେଖେଁ କରି ମୁଡ଼ ଗୁଁଜିଛନ୍। ସେନ୍ତା ଯେନ୍ମାନକର ଜାଗାଠାନ୍ ଟିକେ ଅଛେ ସେମାନେ ଆବାସ ଯୋଜନାରେ ଘରଖଁଡ଼େ ଲେଖେଁ କରି ଆରାମରେ ରହୁଛନ୍। ପଡ଼ାର ଭୂମିହୀନ ପରିବାରମାନେ ବଛରେରୁ ଅଧିକା ହେଲା ବସୁନ୍ଧରା ଯୋଜନାରେ ୪ ଡେସିମିଲ ଘରଡିହ ପାଏବାର ଲାଗି ଲାଠୋର ରାଜସ୍ୱ ନିରୀକ୍ଷକକଁର ଅଫିସରେ ଦରକାରୀ କାଗଜପତର ଦାଖଲ କରିଛନ୍। ହେଲେ ଆଏଜ୍ତକ ରାଜସ୍ୱ ବିଭାଗ ଇ ଭୂମିହୀନ ପରିବାରମାନକୁ ଘରଡିହ ଯୁଗେଇ ଦେବାରେ ବିଫଲ ହେଇଛେ। ଯେନ୍ଥିରଲାଗି ଇ ନୀରିହ ଗରିବମାନେ ଆବାସ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଇ ବାବ୍ଦେ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକକୁଁ ପଚରାଲାରୁ ବହୁତ ଦିନ୍ ହେଲା କାଗଜପତର କେନ୍ଠାନେ ଥିବା କେଜାନେ, ସେମାନେ ଆରଥରେ ଆବେଦନ କଲେ ୪ ଡେସିମିଲ ଘରଡିହ ଯୁଗେଇ ଦେବାର ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ। ହେଲେ ଇ ଗରିବ୍ ପରିବାରମାନେ କେନ୍ଥେଇ ସୁବିଧାରେ ୪ ଡେସିମିଲ ଘରଡିହ ପାଇପାରବେ ସେ ଦିଗେ ରାଜସ୍ୱ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକେ ସାଧାରନରେ ଦାବି ହେଉଛେ।

# ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ

**ଟିଁଟିଲାଗଡ଼,୨୧।୬(ଡି.ଏନ.ଏ.)**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର ସକାଳେ ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ପତଞ୍ଜଳି ଯୋଗ ସମିତି ଟିଁଟିଲାଗଡ ପକ୍ଷରୁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ମହିଳା, ପୁରୁଷ, ଛାତ୍ରୀଛାତ୍ର ଯୋଗଦେଇ ଯୋଗଭ୍ୟାସ କରିଥିଲେ। ପତଞ୍ଜଳି ଯୋଗ ପ୍ରଶିକ୍ଷକ ସୁନୀଲ ପଣ୍ଡା, ହିମାନ ଚନ୍ଦ୍ର ପୁଟେଲ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନରେ ଦଶରଥ ବଂଶଲ ମହାପ୍ରତାପ ସିଂ, ଅଶୋକ ସମାଜିକ କର୍ମୀ ଆରତି ସାହୁ ମୁଖ୍ୟଅତିଥି, ଆନନ୍ଦ ସାମନ୍ତରାୟ ମୁଖ୍ୟବକ୍ତା, ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ସଙ୍ଗିତା ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ଡିଏଭି କଲେଜ ଅଧକ୍ଷ ଡ. ଛାୟକାନ୍ତ ଷଡଙ୍ଗୀ, ଡ. ଗୋବର୍ଦ୍ଧନ ସାହୁ, ଜଗନ୍ନାଥ ପଣ୍ଡା, ଶିବ ବେହେରା, ଲାୟନ୍ସ କ୍ଲବ ସଭାପତି ଶ୍ରୀକାନ୍ତ ଅଗ୍ରୱାଲ, ଉପସଭାପତି ବିନ୍ଦୁ ସାହୁ, ଆରସି ରାଧାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

**ଟିକ୍ରାପଡ଼ା (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ା ସ୍ଥିତ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଯୋଗ ମହୋତ୍ସବ ସମିତି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରାୟଣ ପଣ୍ଡା, ରମାକାନ୍ତ ରାଜପଲିଆ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅରବିନ୍ଦ ସୁପକାର, ଜୟଶଙ୍କର ଶତପଥୀ ଯୋଗ ଓ ଯୋଗ ଦିବସର ମହତ୍ତ୍ୱ ସମ୍ବନ୍ଧରେ କହିଥିଲେ। ପିଙ୍କୁ ତାଣ୍ଡି, ମାନଓ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଝରବାହାଲିଠାରେ ଅନୁଷ୍ଠିତ ଯୋଗ ଦିବସରେ ବିଶ୍ୱନାଥ ସୁଆର, ଗୌରଚନ୍ଦ୍ର ଖଣ୍ଡଗିରି ସଂଯୋଜନା କରିଥିଲେ। କେନ୍ଦୁଡାରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କରୁଣାକର ବୁଡେକ, ଗଦିଦାର ଖମାରୀ ସଂଯୋଜନା କରିଥିଲେ। କରମତଲା ପଞ୍ଚାୟତ ଅଧୀନ ରେଙ୍ଗାଲି, ଛନଛଡା ଓ କୁମ୍ଭାରୀ ପଞ୍ଚାୟତ ଅଧୀନ କୁମ୍ଭାରୀଠାରେ ଧରଣୀଧର ରଣାଙ୍କ ପ୍ରଶିକ୍ଷଣରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।।

**ଲୋଇସିଂହା (ଡି.ଏନ.ଏ.)**

ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୋଗଭ୍ୟାସ ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ଓ ବୁଦ୍ଧି ଠିକ ରହିଥାଏମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶବିର ଅନୁଷ୍ଠିତ ହୋଇଥିଲା। ପତଞ୍ଜଳି ଯୋଗ ସମିତି ସଭାପତି ବିମଳ ଚରଣ ହୋତା ମୁଖ୍ୟଅତିଥି, ହରେକୃଷ୍ଣ ମହତାବ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମେହେର ବାନୋ, ଶିକ୍ଷକ ରାଜ କୁମାର ଭୋଇ, ଭକ୍ତବନ୍ଧୁ ନାଏକ, ଲୋଇସିଂହା କଲେଜ କ୍ରୀଡ଼ା ଶିକ୍ଷକ ପ୍ରଦୀପ ବଗର୍ତ୍ତି, ଅବସରପ୍ରାପ୍ତ ଅଧ୍ୟାପକ କାହ୍ନୁଚରଣ ଦର୍ଜି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୋଗ ଦ୍ୱାରା ଜଟିଳ ରୋଗର ସମାଧାନ ହୋଇପାରୁଛି। ଏ ନେଇ ସମାଜର ସବୁବର୍ଗର ଲୋକେ ଯୋଗ ପ୍ରତି ଆକୃଷ୍ଟ ହେବାକୁ ଅତିଥିମାନେ କହିଥିଲେ। ଗୁରୁମା ରିଙ୍କି ସାହୁ, ଗୁରୁଜୀ ପ୍ରେମାନନ୍ଦ ମିଶ୍ର ଶବିର ପରିଚାଳନା କରିଥିଲେ। ସେହିପରି ବାଦମୁଣ୍ଡାସ୍ଥିତ ଶିଶୁ ସୈନିକ ସ୍କୁଲର ନିର୍ଦ୍ଦେଶକ କୈଳାସ ସାହୁଙ୍କ ଅଧକ୍ଷତାରେ ଯୋଗ ଦିବସ ପାଳନ କରାଯାଇଥିଲା।

**ଖପ୍ରାଖୋଲ,୨୧।୬(ଡି.ଏନ୍.ଏ.)**

ସ୍ଥାନୀୟ ସିଆର୍ପିଏଫ୍ କ୍ୟାମ୍ପ ପରିସରରେ ୧୮୯ବି ବ୍ୟାଟାଲିୟନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଶିବିରରେ ଯୋଗ ଗୁରୁ ମୁରଳୀ ମେହେର ଯୋଗ ଦେଇ ଯୋଗଭ୍ୟାସ କରି ନିରୋଗ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ବିଭିନ୍ନ ଯୋଗ ଶିଖାଇଥିଲେ। ଶିବିରରେ ୧୮୯ ବି ବ୍ୟାଟାଲିୟନ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ସନ୍ତୋଷ ସିଂଙ୍କ ସହ ସିଆର୍ପିଏଫ୍ ଯବାନ ଯୋଗଦେଇଥିଲେ। ସେହିପରି ହରିଶଙ୍କର ସିଆରପିଏଫ୍ କ୍ୟାମ୍ପ ପରିସରରେ ଆଶିଷ୍ଟାଣ୍ଡ କମାଣ୍ଡେଣ୍ଟ ଅଜୟ କୁମାରଙ୍କ ନେତୃତ୍ୱରେ ଯୋଗ ଶିବିର ଆୟୋଜିତ ହୋଇଥିଲା। ଯୋଗ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ବିଭାଗ ଏବଂ ବିଭିନ୍ନ ବିଦ୍ୟାଳୟରେ ମଧ୍ୟ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା।





ଟିକ୍ରାପଡ଼ା ହାଇସ୍କୁଲ ପରିସରରେ ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ ଯୋଗ ଭ୍ୟାସ କରାଯାଉଛି (ବାମ)। ଖପ୍ରାଖୋଲ ସିଆର୍ପିଏଫ୍ କ୍ୟାମ୍ପ ପରିସରରେ ଯୋଗଭ୍ୟାସ କରାଯାଉଛି।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ଗଛରେ ପିଟି ହେଲା ବୋଲେରୋ : ଜଣେ ମୃତ, ୪ ଗୁରୁତର

**ଧର୍ମଗଡ଼,୨୧।୬ (ଡି.ଏନ୍.ଏ.)-** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖଲିଆକାନିଠାରେ ଗୁରୁବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଏକ ବୋଲେରୋ ଗଛରେ ପଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଭାଗ୍ୟବାନ ପଟେଲ। ଗୁରୁତରଙ୍କ ମଧ୍ୟରୁ ୩ ଜଣ ପୀତାମ୍ବର ଶବର, ବିକାଶ ଶବର ଓ ଚୁଲ ଶବରଙ୍କୁ ଧର୍ମଗଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଜଣେ ଭୁବନ ଶବରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ଗୋଲାମୁଣ୍ଡାର ଗୋଟିଏ ପରିବାରର ନିଜ ବୋଲେରୋ ଯୋଗେ ଧର୍ମଗଡକୁ କୌଣସି କାମରେ ଆସିଥିଲେ। କାମ ସାରି ସେମାନେ ବିଳମ୍ବିତ ରାତିରେ ଧର୍ମଗଡରୁ ଗୋଲାମୁଣ୍ଡାକୁ ଫେରୁଥିବା ବେଳେ ଖଲିଆକାନିଠାରେ ବୋଲେରୋ ଭାରସାମ୍ୟ ହରାଇ ଗଛରେ ପଟି ହୋଇଥିଲା। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରିଥିଲେ।

### ଅଙ୍ଗନୱାଡି କେନ୍ଦ୍ରରେ ସ୍କୁଲ୍ ପିଲାଙ୍କ ପାଠପଢ଼ା

# ତାଲା ପକାଇଲେ ମହିଳା ଗୋଷ୍ଠୀ

**କେସିଙ୍ଗା,୨୧।୬ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଫଟକାମାଲ ଗ୍ରାମପଞ୍ଚାୟତ ଅଧୀନ ଲଟକାବାହାଲି ସରକାରୀ ଅଙ୍ଗନୱାଡି କେନ୍ଦ୍ରରେ ସ୍କୁଲ ପିଲାଙ୍କୁ ପାଠପଢ଼ା ଯାଉଥିବା ବେଳେ ଏହାକୁ ବିରୋଧ କରି ଗ୍ରାମର ମହିଳା ଗୋଷ୍ଠୀ ଶୁକ୍ରବାର ତାଲା ପକାଇଛନ୍ତି। ଏଥିଯୋଗୁ ପିଲାଙ୍କ ପାଠପଢ଼ା ବନ୍ଦ ହେବାରୁ ସ୍କୁଲ ସଭାପତି ଯଜାତୀ କେଶରୀ ସୁନାଙ୍କ ନେତୃତ୍ୱରେ ଗ୍ରାମବାସୀ କେସିଙ୍ଗା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ଲଟକାବାହାଲି ସରକାରୀ ୟୁପି ସ୍କୁଲ ଘର ଗତ ୨୦୧୬ଠାରୁ ଡେମେଜ ହୋଇଯାଇଛି। ଶିକ୍ଷା ବିଭାଗ ଡିଇଓ, ବିଇଓ ଉକ୍ତ ସ୍କୁଲ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ୪ ବର୍ଷ ହେଲା ଅକାମୀ ବୋଲି ଘୋଷଣା କରିଛନ୍ତି। ଫଳରେ ଲଟକାବାହାଲି ଗ୍ରାମରେ ଥିବା ୧ରୁ ୫ମ ଶ୍ରେଣୀର ୧୬୮ ଜଣ ଛାତ୍ରୀଛାତ୍ରଙ୍କୁ ଅସ୍ଥାୟୀ ଗୃହରେ ୪ ବର୍ଷ ହେଲା ପାଠପଢ଼ି ଆସୁଛନ୍ତି। ସ୍କୁଲ ଗୃହ ନ ଥିବାରୁ ଗତ ୨୦୧୭-୧୮ରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଇନ୍ଦିରା ଆବାସ ଗୃହରେ ଶିକ୍ଷାଦାନ ଦିଆଯାଉଥିଲା। ୨୦୧୮-୧୯ ଶିକ୍ଷା ବର୍ଷରେ ଉକ୍ତ ଗ୍ରାମରେ ଥିବା ଆମ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷାଦାନ ଦିଆଯାଇଥିଲା । ଏହି ସବୁ ସମସ୍ୟା ନେଇ ଗ୍ରାମ ଶିକ୍ଷା କମିଟି ଓ ଅଭିଭାବକ ବୃନ୍ଦ କେସିଙ୍ଗା ବିଡିଓ, ବିଇଓ ଏବଂ ଡିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ । ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ୩ ମାସ ପାଇଁ ଅସ୍ଥାୟୀ ଭାବେ ଛାତ୍ରୀଛାତ୍ରଙ୍କୁ ଅଙ୍ଗନୱାଡିରେ ପାଠ ପଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୧ ବର୍ଷ ପରେ ମଧ ସ୍କୁଲ ଗୃହ ନିର୍ମାଣ ହୋଇନାହିଁ। ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନ କରୁଥିବା ୪୦ଜଣ କୋମଳମତି ପିଲାଙ୍କ ସମେତ, ଗର୍ଭବତୀ, ପ୍ରସୂତୀମାନଙ୍କୁ ଟୀକା ପ୍ରଦାନ, ପ୍ରାକ ଶିକ୍ଷାଦାନରେ ବ୍ୟାଘାତ ହେବାରୁ ଶୁକ୍ରବାର ଉକ୍ତ ଗ୍ରାମର ମହିଳା ଗୋଷ୍ଠୀ ସରକାରୀ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ଜାଗାଦେବୁ ନାହିଁ ବୋଲି ଅଙ୍ଗନୱାଡି କେନ୍ଦ୍ରରେ ସକାଳ ୧୦ଟାରେ ତାଲା ପକାଇଥିଲେ। ଫଳରେ ଅଙ୍ଗନୱାଡି କେନ୍ଦ୍ରର ଛାତ୍ରୀଛାତ୍ର ତଥା ସ୍କୁଲର ୧୬୮ ଛାତ୍ରୀଛାତ୍ରମାନଙ୍କ ଅଧ୍ୟୟନରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଏ ନେଇ ସରକାରୀ ସ୍କୁଲ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କୁ ପଚାରିବାରୁ ୪ ବର୍ଷ ହେଲା ସ୍କୁଲ ଘର ନ ଥିବାରୁ ଅସ୍ଥାୟୀ ଭାବରେ ବାରଦ୍ୱାର ହେବାକୁ ପଡୁଛି। ଏହାର ଶିକ୍ଷାଦାନରେ ଘୋର ଅସୁବିଧା ହେଉଛି ବୋଲି କହିଥିଲେ । ଏ ସଂକ୍ରାନ୍ତରେ ଲଟକାବାହାଲି ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି ଉର୍ମିଳା ପାଢ଼ୀଙ୍କୁ ପଚାରିବାରୁ ତାଲା କିଏ ଦେଲା ବୋଲି ପଚାରିବାରୁ ଗ୍ରାମର ମହିଳା ସ୍ୱୟଂ ସେବା ଗୋଷ୍ଠୀର ମହିଳାମାନେ ଦେଲେ ବୋଲି ପ୍ରକାଶ କରିଥିଲେ । ମୁଁ ଘରେ ଥିଲି ସେ ସବୁ ଜାଣେ ନାହିଁ ବୋଲି ପ୍ରକାଶ କରିଥିଲେ। ଏ ବାବଦରେ ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ନୂତନ ଗୃହ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଆବଶ୍ୟକତା ହେଉଛି । ବ୍ଲକ ପକ୍ଷରୁ ୧୦ ଲକ୍ଷ ଅନୁଦାନ ଦେଇହେବ, ବାକି ଟଙ୍କା କିଏ ଦେବ ଯେ ଗୃହ ହେବ ବୋଲି ପ୍ରକାଶ କରିଥିଲେ ।





ଲିଟକାବାହଲି ଅଙ୍ଗନୱାଡି କେନ୍ଦ୍ର ତାଲା ପଡ଼ିଥିବାରୁ ବାରଣ୍ଡାରେ ଛାତ୍ରୀଛାତ୍ରମାନେ ବସିଛନ୍ତି ।

# ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ବୈଠକ

**କୋକସରା,୨୧।୬ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ସଭା ଗୃହଠାରେ ଶୁକ୍ରବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୧୦ଟି ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। କଲେକ୍ଟିଭ୍ ଆକ୍ସନ ଫର୍ ନିୟୁଟ୍ରେସନ ପ୍ରକଳ୍ପ ଜିଲା ସଂଯୋଜକ ଦିବାକର ଚୌଧୁରୀ, କୋସରା ବ୍ଲକ୍ ସଂଯୋଜକ ଥବିର ସାହୁ, ଦିବ୍ୟ ରଞ୍ଜନ ଯୋଷୀ ଏହି ବୈଠକକୁ ପରିଚାଳନା କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ, ଶିଶୁ ବିକାଶ ସେବା ଓ ମମତା ଯୋଜନାର ୧୦ଟି ଗ୍ରାମପଞ୍ଚାୟତରେ ହୋଇଥିବା ଫଳାଫଳକୁ ନେଇ ଏହି ସବୁ ଯୋଜନାରେ ଗ୍ରାମସ୍ତରରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱକୁ ଠିକ ରୂପେ କାର୍ଯ୍ୟକାରୀ କରିବାକୁ ଆଲୋଚନା କରାଯାଇଥିଲା। ଉପସ୍ଥିତ ଜନପ୍ରତିନିଧିମାନେ ନିଜ ପଞ୍ଚାୟତରେ ଥିବା ସମସ୍ୟା ବିଷୟରେ ମତ ରଖିଥିଲେ। ବୈଠକରେ ଗୋତୋମୁଣ୍ଡା ସରପଞ୍ଚ ଜବହାର ଗୋପାଲ, ଡ଼ାଲଗୁମା ସରପଞ୍ଚ ଯଦୁମଣି ହଂସ, ସମିତି ସଭ୍ୟ ଭୁବନେଶ୍ୱର ମାଝି, ଆମପାଣି ସରପଞ୍ଚ ଚିକିଚନ୍ଦ୍ର ଧଙ୍ଗଡ଼ାମାଝି, ପୋଡ଼ାଗୁଡ଼ା ସରପଞ୍ଚ ସନମତି ପୂଝାରୀ, ମହେନ୍ଦ୍ର କୁମାର ହଂସ, ମଧୁସୁଧନ ପାତ୍ର, ସୁଶାନ୍ତ ଦଳପତି, ବୈଶାଳି ଠାକୁର, ମାନିନି କେତକି ଏବଂ ସମୀକ୍ଷା ସାଥି ଡ଼ୋଲେଶ୍ୱର ମହାନନ୍ଦ, ମଧୁସୁଧନ କଟା, ସୁବାସ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ ।



ସାମାଜିକ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ବୃନ୍ଦ ।

# ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

**ଭବାନୀପାଟଣା,୨୧।୬ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ, ୫-ଖାରାବେଳ ନଗର, ଭୁବନେଶ୍ୱର କଳାହାଣ୍ଡି ଶାଖା ତରଫରୁ ଜିଲାର ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଘ ଜିଲା ସଭାପତି ଜନାର୍ଦ୍ଦନ ମାଝି ଓ ସାଧାରଣ ସମ୍ପାଦକ ସୁଧିର କୁମାର ରଥଙ୍କ ନେତୃତ୍ୱରେ ଏକ ଶିକ୍ଷକ ମଣ୍ଡଳୀ ଜିଲା ଶିକ୍ଷା ଅଧିକାରୀଙ୍କୁ ଶାକ୍ଷାତ କରି ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଥୁଆମୂଳ ରାମପୁର ଓ ଲାଞ୍ଜିଗଡ ବ୍ଲକ ଅଞ୍ଚଳର ହଷ୍ଟେଲ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱ ଶିକ୍ଷୟତ୍ରୀଙ୍କୁ ଦେବା, ସିଆରସିସି ନିଯୁକ୍ତି ଓ ତାଙ୍କର ଜବ୍ ଚାର୍ଟ ପାଳନ କରିବା, ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବଦଳି କମ୍ ପରିମାଣରେ କରିବା, ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ ଆଦି ଉପରେ ୫ ଦଫା ଦାବି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଚକ୍ରଧର ମିଶ୍ର, ଗଙ୍ଗାଧର ପ୍ରଧାନ, ସୁବାସ ପଣ୍ଡା, ଅଶୋକ ବାବୁ, ଦିଗାମ୍ବର ପରିଡା, ସୁଦର୍ଶନ ମହାନ୍ତି, ଶରତ ଦ୍ୱିବେଦୀ, ଜାମିନ୍ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ସରକାରୀ ସାହାଯ୍ୟରୁ ବଁଚିତ୍ ଦିବ୍ୟାଙ୍ଗ ଭାଇବହେନ୍

**କୋକସରା, ୨୧।୬ (ଡି.ଏନ୍.ଏ)**

କେନ୍ଦ୍ର ଆର ରାଏଜ୍ ସରକାର ଦିବ୍ୟାଙ୍ଗମାନକର ସୁବିଧା ଆର ତାହାକୁ ସମାଜର ମୁଖିଆ ଧାରରେ ସାମିଲ କରବାର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ ଜାଗାରେ ସରକାରୀ ଅଧିକାରୀ, କରମଚାରୀକର ଅବହେଲାର ଲାଗି ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ଗାଁରେ। ସୂଚନା ଅନ୍‌ସାରେ କାଉଡ଼ୋଲା ଗାଁର ନିଳାମ୍ବର ରାଉତଙ୍କର ପୁଓ ମକରନ୍ଦ ରାଉତ(୧୯) ଆର ଝିଁ ଭୂମିସୂତା ରାଉତ(୧୭)। ଉଭଏ ଭାଇ ବହେନ୍ ଜନ୍‌ମୁ ଦିବ୍ୟାଙ୍ଗ। ହେଲେ ମକରନ୍ଦକୁଁ ଦିବ୍ୟାଙ୍ଗ ଭତା ମିଲୁଥିଲାବେଲେ ଭୂମିସୂତା ଭତାରୁ ବଁଚିତ୍ ହେଇ ରହିଛନ୍। ସେନ୍ତା ଅନେକ ଦିନୁ ଭୂମିସୂତାକଁର ଭିନ୍ନକ୍ଷମ ପରମାନପତର ଲାଗି ଆବେଦନ କରି ନିରାଶ ହେଇଛନ୍। ଇଆଡ଼େ ଘରର ପରିସ୍ଥିତି ଏତେ ଭଲ ନୁହେ, ଝନେ ମୁନୁଷର କମାନିରେ ପରିବାରଟା ଆଶ୍ରେ କରି ଚାଲୁଛେ। ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ମିଲୁଥିବାର ଚାଉକେ ଛାଡ଼ିଦେଲେ ପରିବାରଟା ବାକି କେହେନ୍‌ସି ପରକାର ସରକାରୀ ସୁବିଧା ନାଇଁ ପାଏବାର। ମକରନ୍ଦ ଆର ଭୂମିସୂତା ଦିନୁଦିନ୍‌କେ ଯେତେ ବଡ଼ ହେଉଛନ୍ ତାକର ଶରୀର ଆହୁରି ଦୁରବଲ ହେତେଲ ଯାଉଛେ। ଏନ୍ତାଥି ପରିବାରର ଲୁକ୍‌କର ବି ଚିନ୍ତା ବଢ଼ି ବଢ଼ି ଯାଉଛେ। ଇଆଡ଼େ ଫିଦିନ ସଖାଲ ପାଏଲେ ବାହା ଜାଂଗଲ ମାଜଲେ ଯାଇ ଘରର ଚୁଲି ଜଳୁଥିଲାବେଲେ ଉଭଏକଁର ଚିକିସ୍ସା ଲାଗି ଟଁକା କାହିଁ ବଲି କହିଛନ୍ ନିଲାମ୍ବର। ଭୂମିସୂତାକୁଁ ଦିବ୍ୟାଙ୍ଗ ଭତା, ଉଭଏକଁର ଚିକିସ୍ସା ଲାଗି ସରକାରୀ ସାହାଯ୍ ଯୁଗେଇ ଦେବାକେ ପରିବାର ଲୋକ୍ ଆର ଗାଁବାସୀ ଗଣମାଧମ ଜରିଆରେ ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ କୋକସରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାକୁଁ ପଚରାଲାରୁ ଦିବ୍ୟାଙ୍ଗ ମକରନ୍ଦ ଭତା ପାଉଛନ୍ ଆର ଭୂମିସୂତା ଭିନ୍ନକ୍ଷମ ପରମାନପତର ଅଭାବୁ ଯୋଜନାରୁ ବାଦ୍ ପଡ଼ିଛନ୍। ହେଲେ ଆଏବାର ଦିନେ ତାହାକୁ ବି ଯୋଜନାରେ ସାମିଲ କରବାର ଚେଷ୍ଟା କରାଯିବା ବଲି ସେ କହିଥିଲେ।



ଦିବ୍ୟାଙ୍ଗ ଭାଇବହେନ୍ ମକରନ୍ଦ ଆର ଭୂମିସୂତା।



ସ୍ୱାଗତ ଉତ୍ସବରେ ବିଧାୟକଙ୍କ ସହ ଯାଦବ ସମାଜ କର୍ମକର୍ତ୍ତା ବୃନ୍ଦ।

# କେସିଙ୍ଗା ବ୍ଲକ ଯାଦବ ସମିତି ପକ୍ଷରୁ ଧର୍ମଗଡ଼ ବିଧାୟକଙ୍କୁ ସମ୍ବର୍ଦ୍ଧନା

**କେସିଙ୍ଗା,୨୧।୬ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଯାଦବ ସମିତି ପକ୍ଷରୁ ଧର୍ମଗଡ ବିଧାୟକ ମୌଷଧି ବାଗଙ୍କୁ ଏନଏସିର କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲା ଯୁବ ଯାଦବ ସମାଜ ସଭାପତି ପାନାଲାଲ ବେମାଲଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ବ୍ଲକ ଯାଦବ ସମିତି ପକ୍ଷରୁ ଧର୍ମଗଡ ବିଧାୟକଙ୍କୁ ଉପଢ଼ୌକନ ଓ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

ସଭାରେ ଧର୍ମଗଡ ବିଧାୟକ ମୌଷଧି ବାଗ ଯାଦବ ସମାଜର କୌଳିକ ବୃତ୍ତି ଗୋପାଳନକୁ ଗୁରୁତ୍ୱ ଦେଇ ବିଧାନସଭାରେ ଆଗତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥି ସହିତ ଧର୍ମଗଡଠାରୁ ନବରଙ୍ଗପୁର ପର୍ଯ୍ୟନ୍ତ ନୂତନ ରେଳ ପ୍ରକଳ୍ପ ସ୍ଥାପନ କରିବା ସହିତ ସମାଜର ମଙ୍ଗଳ କାମ ଓ ଧର୍ମଗଡ ଅଞ୍ଚଳର ବିଭିନ୍ନ ଗ୍ରାମରେ ରାସ୍ତା ନିର୍ମାଣ, ବ୍ରିଜ, ଗରିବଙ୍କ ସୁବିଧା ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ଶିକ୍ଷା ଓ କୃଷିକୁ ଗୁରୁତ୍ୱ ଦେବା ପାଇଁ ଆଲୋକପାତ କରିଥିଲେ। ଏଥିରେ ଯାଦବ ସମାଜର ଜିଲା ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡା ମାଝି, କଲମପୁର ବ୍ଲକର ଯାଦବ ସମାଜ ସଭାପତି କୃଷ୍ଣ ଲହଜଲା, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ, କାଣ୍ଡେଲ ସରପଞ୍ଚ ପଙ୍କଜ ଗଉଡ, ପୂର୍ବତନ ଜିଲା ଯୁବ ଯାଦବ ସଭାପତି ଗୋବିନ୍ଦ ବନଛୋର, ଜିଲା ଯାଦବ ଉପସଭାପତି ନୃପରାଜ ଯାଦବ, ପୂର୍ବତନ ଉତ୍କଳ ଯାଦବ ସମାଜ ଉପସଭାପତି ମହେନ୍ଦ୍ର ନାଏକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କେସିଙ୍ଗା ବ୍ଲକ ଯାଦବ ସମିତି ସାଧାରଣ ସମ୍ପାଦକ ଘନଶ୍ୟାମ ଗହୀର ମଞ୍ଚ ପରିଚାଳନା କରିଥିଲେ ।

### ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# ଯୋଗ ଦ୍ୱାରା ବୌଦ୍ଧିକ ବିକାଶ ସମ୍ଭବ

**ଭବାନୀପାଟଣା,୨୧।୬ (ଡି.ଏନ୍.ଏ.)**

ଭବାନୀପାଟଣାସ୍ଥିତ ୪ ଓଡିଶା ନାଭାଲ ୟୁନିଟ୍ ଏନ୍‌ସିସି ପକ୍ଷରୁ ପଞ୍ଚମ ଅନ୍ତର୍ଜାତୀୟ ଯୋଗ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ନାଭାଲ ୟୁନିଟ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ୩ ଶହରୁ ଉର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟ୍ ଯୋଗଦେଇଥିଲେ। ଏହି ୟୁନିଟ୍ ଅନ୍ତର୍ଗତ ପଶ୍ଚିମ ଓଡିଶାର ୮ଟି ମହାବିଦ୍ୟାଳୟ ସମେତ ୨୬ଟି ସ୍କୁଲ ଯୋଗ ଦିବସ ପାଳନ କରିଛନ୍ତି । ଯୋଗ ଦିବସରେ ଏନ୍‌ସିସି କ୍ୟାଡଟମାନଙ୍କୁ ଯୋଗାସନ ସମେତ ଧ୍ୟାନ, ପ୍ରାଣାୟମ୍ ବିଷୟରେ ଶିକ୍ଷା ଦିଆଯାଇଥିଲା। ପତଞ୍ଜଳି ମୁଖ୍ୟ ଯୋଗ ଶିକ୍ଷକ ରୋଶନ ଅଗ୍ରୱାଲ ଓ ଯୋଗ ଶିକ୍ଷକ ଦିଲୀପ ଚୌଧୁରୀ ନାଭାଲ ଏନସିସି କ୍ୟାଡେଟ୍‌ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମ ୪ ଓଡିଶା ନାଭାଲ ୟୁନିଟ୍ ଏନସିସିର କମାଣ୍ଡିଂ ଅଫିସର ଲେଫଟ୍ନେଣ୍ଟ କମାଣ୍ଡାର ଭି. ରବି ଜକ୍କୁଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ସ୍ଥାନୀୟ ସ୍କୁଲ ଓ କଲେଜର ଏଏନ୍‌ଓ ଓ ସିଟିଓ ସହଯୋଗ କରିଥିଲେ । ସେହିପରି ୪ ଓଡିଶା ନାଭାଲ ୟୁନିଟ୍ ଏନସିସି କାର୍ଯ୍ୟାଳୟ ଅନ୍ତର୍ଗତ ଅନ୍ୟ ସମସ୍ତ କଲେଜ ଓ ସ୍କୁଲଗୁଡିକରେ ମଧ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି ।

ସେହିପରି ଭବାନୀପାଟଣା ପତଞ୍ଜଳୀ ଯୋଗ ସମିତି ଶାଖା ତରଫରୁ ଯୋଗ ଦିବସ ସ୍ଥାନୀୟ ବ୍ୟାୟାମ ଶାଳଠାରେ ପାଳିତ ହୋଇଯାଇଛି। ଏଥିରେ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ ମୁଖ୍ୟ ଅତିଥି ଏବଂ ହେମନ୍ତ କୁମାର ମୁଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ଗଜେନ୍ଦ୍ର ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରତିଭା ଅନୁଷ୍ଠାନ ଅଧକ୍ଷ ଧାନାନନ୍ଦ ପଣ୍ଡା ଧନ୍ୟବାଦ୍ ଦେଇଥିଲେ। ଅଶୋକ କୁମାର ମୁଣ୍ଡ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ସ୍ଥାନୀୟ ବିକାଶ କଲେଜରେ ଅନ୍ତର୍ଜାତୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୋଗ ଶିବିରକୁ ଜିଲା ଫିଜିକାଲ ଏଜୁକେସନ୍ ଇନ୍ସପେଟର ମହେନ୍ଦ୍ର ପଣ୍ଡା ଓ ସଞ୍ଜୟ କୁମାର ଯୋଗଦେଇ ଯୋଗ ଶିକ୍ଷା ଦେଇଥିଲେ। ସେହିପରି ପ୍ରଗତୀ ବିଜ୍ଞାନ କଲେଜ, ଶାସ୍ତ୍ରୀ ମହିଳା ନିକେତନ୍, ମ୍ୟୁନସିପାଲଟି ହାଇସ୍କୁଲ, ଭବାନୀପାଟଣା ଜିଲା କାରାଗାର ଭଳି ବିଭିନ୍ନ ସ୍ଥାନରେ ଯୋଗ ଶିବିର ଆୟୋଜନ କରାଯାଇଥିଲା।

**କେସିଙ୍ଗା,(ଡି.ଏନ୍.ଏ.):** କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଗ୍ରାମସ୍ଥିତ ହାଇସ୍କୁଲ ଖେଳ ପଡିଆଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ କାଣ୍ଡେଲ ଗ୍ରାମପଞ୍ଚାୟତ ଆଖପାଖ ଅଞ୍ଚଳ ଲୋକେ ଯୋଗଦେଇଥିଲେ। କାଣ୍ଡେଲ ଯୋଗ କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାଣ୍ଡେଲ ଗ୍ରାମପଞ୍ଚାୟତ ସରପଞ୍ଚ ପଙ୍କଜ ଗଉଡ, ମୁଖ୍ୟବକ୍ତା ଭାବେ କାଣ୍ଡେଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହା, ପୂର୍ବତନ ପୋଲିସ ଅଫିସର ନାରାୟଣ ମୁଣ୍ଡ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଯୋଗ ଦ୍ୱାରା ମଣିଷର ଶାରିରୀକ ଓ ମାନସିକ, ବୌଦ୍ଧିକ ବିକାଶ ହେବ ବୋଲି ଯୋଗପ୍ରେମୀମାନଙ୍କୁ ଉଦବୋଧନ ଦେଇଥିଲେ ।

**କୋକସରା,(ଡି.ଏନ୍.ଏ.):** କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଲଦୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ ତତ୍ତ୍ୱଦର୍ଶୀ ଦାସ ଯୋଗ ଶିବିରକୁ ଉଦ୍‌ଘାଟ କରିଥିଲେ। ଯୋଗ ଗୁରୁ ଦେବି ପ୍ରସାଦ ସାହୁ ଯୋଗର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ବିଭିନ୍ନ ଯୋଗ ଉପରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦାସ ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀର ସୁସ୍ଥ ରହିବା ସହ ମାନସିକ ଶାନ୍ତି ଓ ବୌଦ୍ଧିକ ବିକାଶ ହେବ ବୋଲି କହିଥିଲେ। ଲଦୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ ସୁଶାନ୍ତ ଭୋସାଗର ବୌଦ୍ଧିକ ପରୀକ୍ଷା କରାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା ଶିବିରକୁ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ପରିଚାଳନା କରିଥିବାବେଳେ ସ୍ଥାନୀୟ ଆଶା କର୍ମୀ, ଯୁବତୀଯୁବକ ଓ ଗ୍ରାମବାସୀ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ କେତନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଏନସିସି ପକ୍ଷରୁ ଆୟୋଜିତ ଯୋଗ ଶିବିର।



କେସିଙ୍ଗା ବ୍ଲକ କାଣ୍ଡେଲସ୍ଥିତ ହାଇସ୍କୁଲ ଖେଳ ପଡିଆଠାରେ ଆୟୋଜିତ ଯୋଗ ଶିବିର।



"ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।"
- ସିସେରୋ

## ସଂକ୍ଷେପରେ



### ଟଙ୍କା ଉଠାଇବାକୁ ଯାଇ ନାବାଳକ ନିଖୋଜ

**ରାଜଗାଙ୍ଗପୁର, ୨୧।୬ (ଡି.ଏନ.ଏ.)-** ରାଜଗାଙ୍ଗପୁର ଥାନା କୁମ୍ଭାରପଡ଼ା ଗ୍ରାମର ସୁମିତ ଯାଦବ ନାମକ ଜଣେ ନାବାଳକ (୧୭) ଏଟିଏମ୍‌କୁ ଟଙ୍କା ଉଠାଇବା ପାଇଁ ଯାଇ ନିଖୋଜ ହୋଇଯାଇଛନ୍ତି। ତାଙ୍କ ବାପାଙ୍କ ନାମ ରମେଶ ଯାଦବ। ସୁମିତ ୧୮ ତାରିଖରୁ ନିଖୋଜ ହୋଇଯାଇଛନ୍ତି ବୋଲି ତାଙ୍କ ମାଆ ଶୋଭା ଯାଦବ ଗୁରୁବାର ସନ୍ଧ୍ୟାରେ ରାଜଗାଙ୍ଗପୁର ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ଦର୍ଲିପାଲିରେ ବିଶ୍ୱ ଯୋଗ ଦିବସ ପାଳିତ

**ସୁନ୍ଦରଗଡ, ୨୧।୬ (ଡି.ଏନ.ଏ)-** ଦର୍ଲିପାଲି ଗ୍ରାମର ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହାକୁ ବିଶ୍ୱ ମାନବାଧିକାର ଏବଂ ସୁରକ୍ଷା ସଂଘ ସୁନ୍ଦରଗଡ ପକ୍ଷରୁ ଆୟେଜନ କରାଯାଇଥିଲା । ଏଥିରେ ଯୋଗ ଗୁରୁ ଜୟପ୍ରକାଶ ସାହୁ ଯୋଗଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ ଯୋଗଭ୍ୟାସ କରାଇଥିଲେ। ମୁଖ୍ୟବକ୍ତା ସୁନ୍ଦରମଣୀ ପଟେଲ ଉପସ୍ଥିତ ଜନସାଧାରଣଙ୍କୁ ଯୋଗର ଉପାଦେୟତା ଓ ଉପକାରିତା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ସୁନ୍ଦରଗଡ ଓ ଝାରସୁଗୁଡା ଜିଲା ବିଶ୍ୱ ମାନବାଧିକାର ଏବଂ ସୁରକ୍ଷା ସଂଘର ସଭାପତି ସୁନୀଲ କୁମାର ପଟେଲ ପରିଚାଳନା କରିଥିଲେ। ଏହି ଅବସରରେ ଗ୍ରାମର ବହୁ ମହିଳା ଉତ୍ସାହର ସହିତ ଯୋଗଦେଇ ଯୋଗ କରୁଥିବାର ଦେଖାଯାଇଥିଲା। କାର୍ଯ୍ୟକ୍ରମରେ ଦୋଳମଣୀ ମେହେର, ଜଗନ୍ନାଥ ଦାସ, ସରୋଜ କୁମାର ପଟେଲ ପ୍ରମୁଖ ସହଯୋଗ କରିଥିଲେ।

### ଶ୍ୱଶୁରଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲେ ଜ୍ୱାଇଁ

**ବଡ଼ଗାଁ, ୨୧।୬ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ସିଆଁମାଲ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଶୋଇଥିବା ଅବସ୍ଥାରେ ଶ୍ୱଶୁରଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ଜ୍ୱାଇଁ। ଝାରସୁଗୁଡା ନିକଟ କିରମିରା ଗ୍ରାମର ବିଦ୍ୟାଧର ବାଗ ତାଙ୍କ ଶ୍ୱଶୁର ସିଆଁମାଲ ଗ୍ରାମର ରଞ୍ଜିତ ସାଲମା (୪୬)ଙ୍କ ଘରକୁ ଆସିଥିଲେ । ରଞ୍ଜିତ ରାତିରେ ଘର ବାରଣ୍ଡାରେ ଖଟ ପକାଇ ଶୋଇଥିଲେ । ବିଳମ୍ବିତ ରାତିରେ ଜ୍ୱାଇଁ ବିଦ୍ୟାଧର ଟାଙ୍ଗିଆରେ ଶରୀରର ବିଭିନ୍ନ ସ୍ଥାନରେ ୭ ଚୋଟ ହାଣି ଶ୍ୱଶୁରଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ଶୁକ୍ରବାର ପୋଲିସ ତଦନ୍ତ କଲାବେଳେ ଜ୍ୱାଇଁ ବିଦ୍ୟାଧର ଗୁରୁବାର ରାତି ସିଆଁମାଲ ଗ୍ରାମର ଏକ କୁଚିଆ ମଦ ଭାଟିରେ ମଦ ପିଇ ଅଣ୍ଡା ଖାଇଥିବା ଓ ତାଙ୍କ ହାତରେ ଟାଙ୍ଗିଆ ଥିବା ସୂତ୍ରରୁ ସୂଚନା ପାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । କିରମିରା ଗ୍ରାମର ଏକ ମୁଢ଼ି ମିଲରୁ ଅଭିଯୁକ୍ତ ବିଦ୍ୟାଧର ବାଗଙ୍କୁ ଗିରଫ କରିଛି। ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କଠାରୁ ପ୍ରକାଶ ଯେ, ବିଦ୍ୟାଧରଙ୍କ ସ୍ତ୍ରୀ ସରୋଜିନୀ ଝାରସୁଗୁଡା ବ୍ରଜରାଜନଗରରେ ରହି ଶ୍ରମିକ କାମ କରନ୍ତି । ମଦ୍ୟପାନ କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଭିଷଣ ଝଗଡା ହେଉଥିଲା । ସ୍ତ୍ରୀ ସ୍ୱାମୀଙ୍କ ହାତରେ ଟଙ୍କା ବାପାଙ୍କ ପାଖକୁ ପଠାଉଥିଲେ। ଏହି ଟଙ୍କା ଶ୍ୱଶୁରଙ୍କୁ ନ ଦେବା କିମ୍ବା ଶ୍ୱଶୁର ଝିଅକୁ ସପକ୍ଷ କରୁଥିବାରୁ ଜ୍ୱାଇଁ ବିଦ୍ୟାଧର ହତ୍ୟା କରିଥିବା ସନ୍ଦେହ କରାଯାଉଛି । ପୋଲିସ ଘଟଣାର ଅଧିକ ତଦନ୍ତ କଲାପରେ ସମ୍ପୂର୍ଣ୍ଣ ଘଟଣା ସ୍ପଷ୍ଟ ହେବ ।

# ୧୦ ମିନିଟ ବିଳମ୍ବରେ ପ୍ରଶ୍ନପତ୍ର ପ୍ରଦାନ

- ବଣାଇଗଡ଼ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ସେମିଷ୍ଟର ପରୀକ୍ଷା ଆରମ୍ଭ
- ଅଧ୍ୟକ୍ଷଙ୍କ ଅବହେଳା ଦାବିକରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ

**ବଣାଇ, ୨୧।୬ (ସ୍ୱ.ପ୍ର.)**

ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଯୁକ୍ତ ୩ ପ୍ରଥମ ସେମିଷ୍ଟାର ପରୀକ୍ଷା। ବଣାଇଗଡ଼ ମହାବିଦ୍ୟାଳୟରେ ଆରମ୍ଭରୁ ଦେଖାଦେଇଛି ପରିଚାଳନାଗତ ବିଭ୍ରାଟ। ଅସନ୍ତୁଷ୍ଟ ଛାତ୍ରୀଛାତ୍ର ବିଳମ୍ବରେ ପ୍ରଶ୍ନପତ୍ର ପାଇବା ନେଇ ସିଧାସଳଖ ଦାୟୀ କରିଛନ୍ତି ଅଧ୍ୟକ୍ଷଙ୍କୁ। ଘଟଣାରୁ ଜଣାପଡିଛି ଯେ, ସକାଳ ୮ଟାରୁ ଏହି ପରୀକ୍ଷା ଆରମ୍ଭ ହେବାକୁ ଥିବା ନେଇ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଠିକ ସମୟରେ ଉପସ୍ଥିତ ହୋଇଥିଲେ। ପରୀକ୍ଷା ହଲରେ ବସିବାର ୧୦ମିନଟ ବିତିଯାଇଥିଲେ ମଧ ପ୍ରଶ୍ନପତ୍ର ଦିଆ ନ ଯିବା ନେଇ ହଲରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା।

ଘଟଣା ବୁଝିଲା ବେଳକୁ ଜଣାପଡିଲା ଯେ, ପ୍ରଶ୍ନପତ୍ର ଦାୟିତ୍ୱରେ ଖୋଦ ଅଧ୍ୟକ୍ଷ ତଥା ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ପରେଶ ଚନ୍ଦ୍ର ଗିରି ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ରହି ପରୀକ୍ଷା ଭଳି ସମ୍ବେଦନଶିଳ ବିଷୟ ବସ୍ତୁକୁ ଭୁଲି ଯାଇଥିଲେ। ପରେ ତାଙ୍କୁ ମନେ ପକାଇବା ଫଳରେ ବିଳମ୍ବରେ ଆସି ଅଫିସ ଖୋଲିବା ସହ ଲକରରୁ ପ୍ରଶ୍ନପତ୍ର ବାହାର କରି ବଣ୍ଟନ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଉଚ୍ଚ କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ମଧ୍ୟ ଛାତ୍ରୀଛାତ୍ର ଦାବି କରୁଥିବା ଦେଖାଯାଇଥିଲା।

## ଫଟୋରେ ଖବର




ମିଳିଥିବା ଜଙ୍ଗଲ ଜମିରୁ ଉଚ୍ଛେଦ ପ୍ରତିବାଦରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ ସମ୍ମୁଖରେ ଶୁକ୍ରବାର ତଫସିଲଭୁକ୍ତ ଜନଜାତିର ଲୋକେ ବିକ୍ଷୋଭ କରୁଛନ୍ତି।

# ୩୦ ସଫଳ ଚାଷୀଙ୍କୁ ମାନପତ୍ର ପ୍ରଦାନ

**ଲେଫ୍ରିପଡ଼ା, ୨୧।୬ (ଡି.ଏନ.ଏ.)**



ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ତଳସରା ବିଧାୟକଙ୍କ ସହ ଚାଷୀ ଓ ଅତିଥି।

ସୁନ୍ଦରଗଡ଼ ଜିଲାର ବିଭିନ୍ନ ଗ୍ରାମରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ତାଲିମ କାର୍ଯ୍ୟକ୍ରମ ସେବକ ଅନୁଷ୍ଠାନ ଦ୍ୱାରା ପର୍ଯ୍ୟାୟ କ୍ରମେ ହେଉଛି। ଏହି ପରିପ୍ରେକ୍ଷୀରେ ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଧାଙ୍ଗେରଗୁଡ଼ି ଗ୍ରାମର ୪୬ଜଣ ତାଲିମ ନେଇଥିଲେ। ତନ୍ମଧ୍ୟରେ ୩୦ଜଣ ସଫଳ ପାଇଛନ୍ତି। ଉକ୍ତ ସଫଳ ଚାଷୀଙ୍କୁ ଗୁରୁବାର ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ବ୍ୟାଚ, ମାନପତ୍ର ପ୍ରଦାନ କରିଛନ୍ତି। ଏହି ଗ୍ରାମକୁ ଛତୁ ଚାଷ ଗ୍ରାମ ଭାବରେ ପ୍ରତିଷ୍ଠିତ କରିବା ପାଇଁ ଚାଷୀଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତ ସରକାରଙ୍କ ଯୋଜନାରେ ଥିବା ମୁଦ୍ରା ଲୋନରୁ ଫାଇଦା ପାଇବା ପାଇଁ ପରାମର୍ଶ ଦେଇଛନ୍ତି। ବିଶେଷକରି ଏହି ବ୍ୟବସାୟର ବଜାରୀ କରଣ ପାଇଁ ସେବକର ସହାୟତା ତଥା ସ୍ଥାନୀୟ କୃଷି ଉତ୍ପାଦକ କମ୍ପାନୀ ସହାୟତା ଅନୁରୋଧ କରିଥିଲେ। ଏତଦ୍‌ବ୍ୟତୀତ ସ୍ଥାନୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ଲୋକଙ୍କ ସହିତ ଅଛନ୍ତି ବୋଲି ବିଧାୟକ ଭୋଇ କହିଥିଲେ।

କାର୍ଯ୍ୟକ୍ରମକୁ ସେବକ ତରଫରୁ ବେଦବ୍ୟାସ ଧୁଆ ପରିଚାଳନା କରିଥିଲେ। ସେବକ ଅଧ୍ୟକ୍ଷ ଅମୀୟକାନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜଙ୍ଗଲ ଅଧିକାର କମିଟି, ବନାଞ୍ଚଳ ଅଧିକାରୀ ଲାଲୁ ସଗର, ଲେଫ୍ରିପଡ଼ା ବ୍ଲକ ଅଧ୍ୟକ୍ଷ ଅମୀରା ନାଏକ ଓ ସେହି ଅଞ୍ଚଳର ସଭ୍ୟାସଭ୍ୟ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ଦଫା ମାନପତ୍ର ବଣ୍ଟନ ୧୬ ତାରିଖରେ ଟାଙ୍ଗରପାଲି ବ୍ଲକର ନିଆଳିପାଲି ଗ୍ରାମରେ ହୋଇଥିଲା। ସଦର ବିଧାୟିକା କୁସୁମ ଟେଟେଙ୍କ ଦ୍ୱାରା ୧୦୦ଜଣ ସଫଳ ତାଲିମାର୍ଥୀଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଜିଲାର ଅନ୍ୟାନ ଅଞ୍ଚଳରେ ଛତୁ ଚାଷ, ଜୈବିକ ଚାଷ, ଉଦ୍ୟାନ କୃଷି ଉପରେ ସଘନ ତାଲିମ କାର୍ଯ୍ୟକ୍ରମ ଭୁବନେଶ୍ୱର ଗ୍ରାମ ତରଙ୍ଗ ଓ ସେଞ୍ଚୁରିଆନ ୟୁନିଭରସିଟି ମିଳିତ ଉଦ୍ୟୋଗରେ କରାଯିବାର ଯୋଜନା ରହିଛି।

# ସାହାଜବାହାଲ ଲ୍ୟାମ୍ପ୍ସ ଏମ୍‌ଡି ଚାକିରିରୁ ବହିଷ୍କୃତ

**ବଡ଼ଗାଁ, ୨୧।୬ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମ ସ୍ଥିତ ସମବାୟ ସମିତି (ଲ୍ୟାମ୍ପ୍ସ)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସୋନା ନାଏକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେ ଏମ୍‌ଡି ପଦବୀରେ ନିୟମାନୁଯାଇ ଗୋଟିଏ ବର୍ଷ ପରୀକ୍ଷାମୂଳକ ଭାବେ ନିଯୁକ୍ତି ପାଇଥିଲେ। କିନ୍ତୁ ଲ୍ୟାମ୍ପ୍ସ ଅଧିନ ଗ୍ରାମର ବାସିନ୍ଦାପତ୍ର ଦେଇ ନ ପାରିବାରୁ ତାଙ୍କୁ ବହିଷ୍କୃତ କରାଯାଇଛି। ଲ୍ୟାମ୍ପ୍ସ ପରିଚାଳନା କମିଟି ସଭାପତି ତଥା ନିଯୁକ୍ତି ଚୟନ କମିଟି ମୁଖ୍ୟ ଏମ୍‌ଡି ନାଏକଙ୍କୁ ଦେଇଥିବା ଟର୍ମିନେଟ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ନିଯୁକ୍ତିପତ୍ରରେ ଥିବା ସର୍ତ୍ତ ନଂ. ୩ର ଖିଲାପ କରିଥିବାରୁ ୨୦ ତାରିଖରୁ ଟର୍ମିନେଟ କରାଗଲା।

ଲ୍ୟାମ୍ପ୍ସର ପରିଚାଳନା କମିଟି ସଭାପତି ମିତ୍ର କିଷାନଙ୍କ ସହିତ କମିଟି କର୍ମକର୍ତ୍ତା ନାଥନିୟଲ ହାସଦା, ତାରସିଲା କେର୍କେଟା, ସବିତା ବାରିକ, ହୃଦାନନ୍ଦ ଲାଜରୁସ କୁଜୁର, ଲୁଇସ କାଣ୍ଡୁଲାନାଙ୍କ ଦସ୍ତଖତ ଥିବା ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବାରମ୍ବାର ସମୟ ଦେବା ସତ୍ତ୍ୱେ ବାସିନ୍ଦା ପ୍ରମାଣପତ୍ର ନିଯୁକ୍ତିର ୯ମାସ ଅତିବାହିତ ହେଲା ପରେ ମଧ ଦାଖଲ କରିନାହାନ୍ତି । ଏହା ନିଯୁକ୍ତି ନିୟମ ତଥା ସର୍ତ୍ତର ବିରୁଦ୍ଧାଚରଣ କରୁଛି । ସୂଚନାଯୋଗ୍ୟ ଯେ, ସାହାଜବାହାଲ ଗ୍ରାମର ସୋନା ନାଏକ ବିବାହ କଲାପରେ ଅନ୍ୟତ୍ର ରହୁଥିଲେ। ବଡଗାଁରେ ଘର ଥିବାରୁ ପାଠପଢ଼ା ପାଇଁ ଏଠାକାର ବାସିନ୍ଦା ପତ୍ର କରିଥିଲେ । ବଡଗାଁ, ସାହାଜବାହାଲ ଲ୍ୟାମ୍ପ୍ସ ଅଧୀନ ଗ୍ରାମ ହୋଇ ନ ଥିବାରୁ ଏହି ବାସିନ୍ଦାପତ୍ର କାଏମ ହୋଇ ନ ଥିଲା।

## ସାପ କାମୁଡ଼ାରେ ମହିଳା ମୃତ

**ଲହୁଣୀପଡା, ୨୧।୬ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁଳିପୋଷ ପଞ୍ଚାୟତ ବିଜାଘାଟ ଗ୍ରାମରେ ଗୁରୁବାର ରାତି ସାପ କାମୁଡାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ବିଜାଘାଟ ଗ୍ରାମର ପୁଷ୍ପ ମୁଣ୍ଡା (୨୮) ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସକାଳ ପର୍ଯ୍ୟନ୍ତ ପୁଷ୍ପା ନଉଠିବାରୁ ତାଙ୍କ ସ୍ୱାମୀ କବାଟ ଖୋଲି ଦେଖିଲା ବେଳକୁ ପୁଷ୍ପା ମରି ପଡିଛନ୍ତି। ଏ ସମ୍ପର୍କରେ ଶ୍ୱଶୁର ଘର ଗଣିଘଷାକୁ ଖବର ଦେବାରୁ ପୁଷ୍ପାଙ୍କ ବାପା ଘର ଲୋକ ଆସିଲା ପରେ ମୃତଦେହ ଲହୁଣୀପଡା ଡାକ୍ତରଖାନା ନେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସୁସ୍ଥ ଜୀବନ ଲାଗି ଯୋଗାଭ୍ୟାସ ଅତ୍ୟନ୍ତ ଜରୁରୀ

**ସୁନ୍ଦରଗଡ, ୨୧।୬ (ଡି.ଏନ୍.ଏ)**

ସୁନ୍ଦରଗଡ କ୍ଲବ ଓ ପତଞ୍ଜଳି ଯୋଗସମିତି ଆନୁକୂଲ୍ୟରେ ସ୍ଥାନୀୟ ଭବାନୀ ଭବନ ଜିମ୍ନାସିୟମ ହଲ ଠାରେ ଯୋଗ ଦିବସ ପାଳିତ ହୋଇଯାଇଛି। ସଦର ଉପଜିଲାପାଳ ଡୋଳାମଣି ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଯୋଗ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆଗାମୀ ଦିନରେ ସହରର ବିଭିନ୍ନ ସ୍ଥାନରେ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ ବୋଲି ଆୟୋଜକ କ୍ଲବ ପକ୍ଷରୁ ଘୋଷଣା କରାଯାଇଥିଲା । ବନମାଳୀ ନାଏକ ମଞ୍ଚ ପରିଚାଳନା କରିଥିଲେ। ଯୋଗ ଶିକ୍ଷକ ଶଙ୍କର ଅଗ୍ରୱାଲ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅରୁଣ ଅଗ୍ରୱାଲ ଓ ପୂଜା ପଟେଲ ପ୍ରଶିକ୍ଷଣ ପ୍ରଦାନରେ ସହଯୋଗ କରିଥିଲେ। କ୍ଲବର ଉପଦେଷ୍ଟା ବିଭୂତେନ୍ଦ୍ର ଠାକୁର, ସମ୍ପାଦକ ଅମୀୟ ପଟ୍ଟନାୟକ, ସଭ୍ୟା ସଭ୍ୟ ଅମନ ଅଗ୍ରୱାଲ, ଧୀରଜ ଅଗ୍ରୱାଲ, ଅନୀଲ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ପୂଜାରାଣୀ ପଟେଲ, ସନ୍ଧ୍ୟାରାଣୀ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଓ ଜିଲା ଯୋଗ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସୁସ୍ଥ ଶରୀର ଲାଗି ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶଙ୍କରାସ୍ଥିତ ମାହେଶ୍ୱରୀ ଯୁକ୍ତ ୨ମହାବିଦ୍ୟାଳୟର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ଏହି ଯୋଗ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ସେବତୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଗୁରୁ ସୀତାରାମ ମେହେର ଯୋଗଦେଇଥିଲେ। ସୁନ୍ଦରଗଡ ପବ୍ଲିକ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଯୋଗାସନର ଆବଶ୍ୟକତା ସମ୍ପର୍କରେ ଧାରଣା ଦେବା ସହ ଏନେଇ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଧ୍ୟକ୍ଷା ଡ. ହରପ୍ରିୟା ପଟେଲ କୃତୀ ଛାତ୍ରୀ ଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଯୋଗ ଦିବସ

**ରାଜଗାଙ୍ଗପୁର/କୁତ୍ରା, ୨୧।୬ (ଡି.ଏନ.ଏ.)**

ରାଜଗାଙ୍ଗପୁର ବ୍ଲକ ଓ ପୌରାଞ୍ଚଳ ତଥା କୁତ୍ରା ବ୍ଲକରେ ବିଭିନ୍ନ ଗ୍ରାମରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜଗାଙ୍ଗପୁର ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ବ୍ୟାପକ ଆୟୋଜନ କରାଯାଇଥିଲା । ରାଜଗାଙ୍ଗପୁର ସହରରେ ଥିବା ସ୍କାନଷ୍ଟିଲ, ଓସିଏଲ ଓ ଆଇସିଇ ଭଳି ବିଭିନ୍ନ ଶିଳ୍ପ ଅନୁଷ୍ଠାନରେ ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯାଇଥିଲା। କୁତ୍ରା ବ୍ଲକର ଏକ ଛୋଟଗାଁ ବିରିଙ୍ଗାଟୋଲିଠାରେ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଯୋଗ ଦିବସ ପାଳନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବସନ୍ତ ଦାନୀ,ସମ୍ମାନିତ ଅତିଥି ଭାବେ ସୁବ୍ରତ କୁମାର ମିଶ୍ର ଯୋଗଦେଇ ଯୋଗର ଉପାଦେୟତା ବିଷୟରେ ବୁଝାଇଥିଲେ। ଏହି ଶିବିରରେ ଯୋଗ ଗୁରୁ ଡିକେଶ୍ୱର ନାଏକ ଓ ରମେଶ ସିଂ ଯୋଗଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ ଯୋଗ ଶିଖାଇବା ସାଙ୍ଗକୁ ଯୋଗ, ପ୍ରାଣାୟାମର ବିଭିନ୍ନ ଶୈଳୀ ବିଷୟରେ ବୁଝାଇ ଯୋଗକୁ ସବୁଦିନ ପାଇଁ ଜୀବନର ଅଂଶ କରିବା ପାଇଁ କହିଥିଲେ।



କୁତ୍ରାରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମ।



ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଯୋଗ କାର୍ଯ୍ୟକ୍ରମ।

### ଡାଲମିଆ ସିମେଣ୍ଟ

**ରାଜଗାଙ୍ଗପୁର, (ଡି.ଏନ.ଏ):** ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ତରଫରୁ ଡାଲମିଆ ସିମେଣ୍ଟ ଅଡିଟୋରିୟମରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡାଲମିଆ ସିମେଣ୍ଟର ପ୍ରାୟ ୨୦୦ କର୍ମଚାରୀ, ଅଧିକାରୀ ଓ ତାଙ୍କର ପରିବାର ବର୍ଗ ଭାଗ ନେଇଥିଲେ। ଏହି ଉପଲକ୍ଷେ ଏକ ପଦଯାତ୍ରା ମଧ ଆୟୋଜିତ ହୋଇଥିଲା। ଡାଲମିଆ ସିମେଣ୍ଟର ପ୍ରାକୃତିକ ଚିକିତ୍ସା ବିଶେଷଜ୍ଞ ଡ. ରାଧେଶ୍ୟାମ ଶର୍ମା ଏହି ଅବସରରେ ଯୋଗ ଶିକ୍ଷା ଦେବା ସହିତ ଯୋଗ ଦ୍ୱାରା ହେଉଥିବା ଉପକାର ସମ୍ପର୍କରେ ଆଲୋକପାତ କରିଥିଲେ । ଡାଲମିଆ ସିମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ କୁମାର ଗୁପ୍ତା ଯୋଗଶିକ୍ଷା ସହିତ ଯୋଗ ଦ୍ୱାରା ସୁସ୍ଥ ଶରୀର ଗଠନ ନେଇ ମତ ପ୍ରକାଶ କରିଥିଲେ।

### ନେହେରୁ ଯୁବକେନ୍ଦ୍ର

**ବଡ଼ଗାଁ, (ଡି.ଏନ.ଏ):** ବଡଗାଁ ବ୍ଲକ ଅନ୍ତର୍ଗତ ଶଙ୍କରାପୋଷ ଗ୍ରାମରେ ଗୁରୁବାର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ବିଶ୍ୱ ଯୋଗଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ୱାର୍ଡ ମେମ୍ବର ରମେଶ ଚନ୍ଦ୍ର ନାଏକ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ସ୍ୱେଚ୍ଛାସେବୀ ନରହରୀ ପୃଷେଟଙ୍କ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ଶଙ୍କରାପୋଷ ଗ୍ରାମର ଜୟ ଜଗନ୍ନାଥ ୟୁଥ କ୍ଲବର ସମ୍ପାଦକ ଜଗଦିଶ ନାଏକଙ୍କ ସହିତ ସଭ୍ୟାସଭ୍ୟ ସହଯୋଗ କରିଥିଲେ। ଯୋଗ ଶିକ୍ଷକ ନରେନ୍ଦ୍ର ଗହିର ଯୋଗଭ୍ୟାସର ମହତ୍ତ୍ୱ, ପ୍ରତିଦିନ ଅଭ୍ୟାସ ଦ୍ୱାରା ରୋଗମୁକ୍ତ ହେବା ସହ ଶାରିରୀକ, ମାନସିକ ଓ ବୈଦ୍ଧିକ ବିକାଶ ହୋଇଥାଏ ବୋଲି ବୁଝାଇଥିଲେ । କ୍ଲବର ସମସ୍ତ ସଦସ୍ୟଙ୍କ ସହିତ ଶିବାନନ୍ଦ ପୁରୋହିତ, ନବୀନ ପ୍ରଧାନ, ପିଙ୍କି ନାଏକ, ପ୍ରକାଶ ମାଝି ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ୬୦ଜଣଙ୍କୁ ଯୋଗ ଶିକ୍ଷକ ଗହିର ଯୋଗାଭ୍ୟାସ କରାଇଥିଲେ।

### ଲହୁଣୀପଡ଼ା ଶିଶୁ ମନ୍ଦିରରେ

**ଲହୁଣୀପଡା, (ଡି.ଏନ.ଏ.):** ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସବୁ ବର୍ଗର ମୋଟ ୨୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଭାରତୀୟ ଜୀବନ ଦର୍ଶନ ଅନୁସାରେ ବାଳିକା ବାଳକଙ୍କର ସର୍ବାଙ୍ଗିନ ବିକାଶ ପାଇଁ ଯୋଗ ଭ୍ୟାସ ନିହାତି ଆବଶ୍ୟକ ହୋଇଥିବାରୁ ବିଦ୍ୟା ଭାରତୀ ଯୋଗକୁ ଏକ ପାଠ୍ୟ ବିଷୟ ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି । ଯୋଗର ମହତ୍ତ୍ୱକୁ ସାରା ବିଶ୍ୱ ସ୍ୱୀକାର କରି ସାରିଛି ବୋଲି ସୂଚନା ଦେଇଥିଲେ । ବିଦ୍ୟାମନ୍ଦିର ଯୋଗ ପ୍ରଶିକ୍ଷକ ଯୋଗେନ୍ଦ୍ର ମାହାନ୍ତ ଓ ପୁଷ୍ପାଞ୍ଜଳି ମାହାନ୍ତ ବିଭିନ୍ନ ମୁଦ୍ରାରେ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ପ୍ରଧାନ ଗୁରୁଜୀ ନିରୋଦ ଚନ୍ଦ୍ର ଦିକ୍ଷିତ, ବରୁଣ ମାହାନ୍ତ, ବିଜୟଲକ୍ଷ୍ମୀ ପଣ୍ଡା, ଯସ୍ମିତା ମାହାନ୍ତ, ରୁବିବାଳା ମାହାନ୍ତ, ଯମୁନା ମାହାନ୍ତ, ସୁମନ୍ତ ସାହୁ, ଯଶୋବନ୍ତ ମାହାନ୍ତ ସମେତ ସମସ୍ତ ଗୁରୁମା, ଗୁରୁଜୀମାନେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଜୁନ୍, ୨୦୧୯



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡ୍‌ୱର୍ଥ



## ସଂକ୍ଷେପରେ

### ଆର୍‌ଏସ୍‌ପି ଅକ୍ସିଜେନ ପ୍ଲାଣ୍ଟରେ ମିଡିୟମ ପ୍ରେସର ନାଇଟ୍ରୋଜେନ କମ୍ପ୍ରେସର ଉଦ୍‌ଘାଟିତ

ରାଉରକେଲା ଅଫିସ, ୨୧।୬

ଆରଏସପି ପକ୍ଷରୁ ମିଡିୟମ ପ୍ରେସର ନାଇଟ୍ରୋଜେନ କମ୍ପ୍ରେସର ଉଦଘାଟିତ ହୋଇଯାଇଛି। ଅକ୍ସିଜେନ ପ୍ଲାଣ୍ଟରେ ଗତ ୧୮ରେ ଆୟୋଜିତ ଏକ ଉତ୍ସବରେ ସିଇଓ ଦୀପକ ଚଟ୍ଟରାଜ ୨ଟି ମିଡିୟମ ପ୍ରେସର ନଇଟ୍ରୋଜେନ କମ୍ପ୍ରେସର ଉଦଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ, ପ୍ରକଳ୍ପ ବିଭାଗ ନିର୍ଦ୍ଦେଶକ ଅତନୁ ଭୌମିକ, ସର୍ଭିସେସ ବିଭାଗ ଭାରପ୍ରାପ୍ତ ମହାପ୍ରବନ୍ଧକ ସିଆର ମହାପାତ୍ର, ଇଲେକ୍ଟ୍ରିକାଲ ବିଭାଗ ମହା ପ୍ରବନ୍ଧକ ଏସ ଚକ୍ରବର୍ତ୍ତୀ, ଏସଏମଏସ ୨ ମହାପ୍ରବନ୍ଧକ ଏସ ଚକ୍ରବର୍ତ୍ତୀ, ଅକ୍ସିଜେନ ପ୍ଲାଣ୍ଟ ବିଭାଗ ଭାରପ୍ରାପ୍ତ ଉପ ମହାପ୍ରବନ୍ଧକ ବି ମଲ୍ଲିକଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

### ନିର୍ବାଚନ ସରିଲା: ପ୍ରଶାସନର ଟାଳଟୁଲ ନୀତି

# ଛାତ୍ରୀଛାତ୍ର ପଢ଼ିବେ ଖୋଲା ଆକାଶ ତଳେ

ବଣାଇ, ୨୧।୬(ସ୍ୱ.ପ୍ର.)

ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବଣାଇ ନିର୍ବାଚନ ମଣ୍ଡଳୀ ନିମନ୍ତେ ଷ୍ଟ୍ରଙ୍ଗରୁମ୍ କରାଯାଇଥିବା ରାଜା ଧରଣୀଧର ଉଚ୍ଚବିଦ୍ୟାଳୟ ଅଦ୍ୟାବଧି ରହିଛି ପ୍ରଶାସନର କବଜାରେ। ୨୪ଘଣ୍ଟା ବାଲିବସ୍ତା ରଖି ଏବେ ମଧ୍ୟ ପ୍ରହରା ଦେଉଛନ୍ତି ସୁରକ୍ଷା କର୍ମୀ। କେବଳ ସେତିକି ନୁହେଁ, ଷ୍ଟ୍ରଙ୍ଗରୁମ୍ ପାଇଁ ଆବଶ୍ୟକୀୟ କୋଠରୀ ଗୁଡ଼ିକରେ ଇଭିଏମ ଥିବାନେଇ ସିଲ୍ କରି ରଖିଛି ପ୍ରଶାସନ। ଶୁକ୍ରବାରଠାରୁ ବିଦ୍ୟାଳୟ ଖୋଲି ସାରିଥିବାବେଳେ ଏହି ବିଦ୍ୟାଳୟରେ ପଢୁଥିବା ୧୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢିବେ କେଉଁଠି ସେଥିନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସଏଙ୍କୁ ଯୋଗାଯୋଗ କରିବା ପରେ ସେ ସିଧାସଳଖ ଦାୟୀ କରିଛନ୍ତି ପ୍ରଶାସନକୁ। ତାଙ୍କ କହିବା ମୁତାବକ ନିର୍ବାଚନ ପରେ ଖୋଦ ବଣାଇ ଉପଜିଲାପାଳ ବିଦ୍ୟାଳୟର ଭଙ୍ଗା ଯାଇଥିବା କାନ୍ଥ ଯୋଡିବା ଏବଂ ବିଦ୍ୟାଳୟ ଖୋଲିବା ପୂର୍ବରୁ ସମ୍ପୂର୍ଣ୍ଣ ପ୍ରାଙ୍ଗଣକୁ ଖାଲି କରିଦେବା ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିନା କାରଣରେ ଦଖଲ କରି ରଖିଥିବା ଅଭିଯୋଗ କରିଛନ୍ତି। ଏତେ ପିଲା କେଉଁଠାରେ ବସାଇବେ ସେଥିନେଇ ସେ ନିଜେ ବାରମ୍ବାର ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ କୌଣସି ସୁଫଳ ପାଇ ନ ଥିବା ପ୍ରକାଶ କରିଛନ୍ତି। ଅପରପକ୍ଷରେ ନିର୍ବାଚନ ସରିବା ପରେ ଏଠାରୁ ଅଧିକାଂଶ ଇଭିଏମ ଅନ୍ୟତ୍ର ଯାଇସାରିଥିଲେ ମଧ କିଛି ଇଭିଏମ ଯାହାକି ବଣାଇରେ ରହିବା କଥା ତାକୁ ନ ନେବା ଫଳରେ ଏଭଳି ପରିସ୍ଥିତି ଉପୁଜିଥିବା ଜଣାପଡିଛି। ପିଲାମାନେ ଖୋଲା ଆକାଶ ତଳେ ପଢିବେ କି ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ସୁନ୍ଦରଗଡ଼ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ଛାତ୍ରୀଛାତ୍ରଙ୍କ ପାଠପଢିବା ପାଇଁ ସୃଷ୍ଟି ହୋଇଥିବା ପ୍ରଶାସନିକ ଅବରୋଧ ଦୂର କରିବା ସହ ଆବଶ୍ୟକୀୟ ପଦକ୍ଷେପ ନେବା ନିମନ୍ତେ ଅଭିଭାବକମାନେ ଦାବି ଜଣାଇଛନ୍ତି।




ରାଜା ଧରଣୀଧର ଉଚ୍ଚବିଦ୍ୟାଳୟରେ ବାଲିବସ୍ତା ରଖାଯାଇଛି।

### ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ବୈଠକ

କୋକସରା,୨୧।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ସଭା ଗୃହଠାରେ ଶୁକ୍ରବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୧୦ଟି ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। କଲେକ୍ଟିଭ୍ ଆକ୍ସନ ଫର୍ ନିୟୁଟ୍ରେସନ ପ୍ରକଳ୍ପ ଜିଲା ସଂଯୋଜକ ଦିବାକର ଚୌଧୁରୀ, କୋସରା ବ୍ଲକ୍ ସଂଯୋଜକ ଥବିର ସାହୁ, ଦିବ୍ୟ ରଞ୍ଜନ ଯୋଷୀ ଏହି ବୈଠକକୁ ପରିଚାଳନା କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ, ଶିଶୁ ବିକାଶ ସେବା ଓ ମମତା ଯୋଜନାର ୧୦ଟି ଗ୍ରାମପଞ୍ଚାୟତରେ ହୋଇଥିବା ଫଳାଫଳକୁ ନେଇ ଏହି ସବୁ ଯୋଜନାରେ ଗ୍ରାମସ୍ତରରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱକୁ ଠିକ ରୂପେ କାର୍ଯ୍ୟକାରୀ କରିବାକୁ ଆଲୋଚନା କରାଯାଇଥିଲ।

### ରାଜ୍ୟ ଅର୍ଥ କମିଶନଙ୍କ ସୁନ୍ଦରଗଡ଼ ଗସ୍ତ

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



ସମୀକ୍ଷା ବୈଠକରେ ରାଜ୍ୟ ଅର୍ଥ କମିଶନ ଓ ଅନ୍ୟ ଅଧିକାରୀ ମଞ୍ଚାସୀନ।

ସୁନ୍ଦରଗଡ଼, ୨୧।୬ (ଡି.ଏନ୍.ଏ)

ରାଜ୍ୟ ଅର୍ଥ କମିଶନ ଆରଏନ ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ୬ଜଣିଆଁ ଟିମ୍ ଶୁକ୍ରବାର ସୁନ୍ଦରଗଡ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମଧ୍ୟାହ୍ନରେ ସ୍ଥାନୀୟ ପ୍ରଗତି ମଣ୍ଡପ ଠାରେ ଏକ ସମୀକ୍ଷା ବୈଠକରେ କମିଶନ ଜିଲାରେ କାର୍ଯ୍ୟକାରୀ ହେଉଥିବା ସିଏଫ୍‌ସି ଓ ଏସଏଫସି ଯୋଜନା ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ମଧ୍ୟରେ ଲୋକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ବିଭିନ୍ନ ଯୋଜନାର ପ୍ରସ୍ତୁତି ଓ ସଫଳ ରୂପାୟନ ଦିଗରେ ପରସ୍ପର ମଧ୍ୟରେ ସମନ୍ୱୟ ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ପଲ୍ଲୀସଭା ଓ ଗ୍ରାମସଭାର ମତାମତକୁ ଗୁରୁତ୍ୱ ଦେଇ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ କମିସନ ପରାମର୍ଶ ଦେଇଥିଲେ। ପଞ୍ଚାୟତସ୍ତରରେ ଆକାଉଣ୍ଟସର ନିର୍ଭୁଲ ପରିଚାଳନା ସମ୍ପର୍କରେ କମିଶନର ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଜିଲା ପରିଷଦ ଅଧକ୍ଷା ଏମା ଏକ୍କା, ଉପାଧକ୍ଷ କାଶୀନାଥ ରାଉତ, ଜିଲାପାଳ ରଶ୍ମିତା ପଣ୍ଡା, ପିଡ଼ି ଡ଼ିଆରଡ଼ିଏ ଭୂମେଶଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ସାଢେ ୩ଟା ବେଳେ ଅର୍ଥ କମିଶନ ଜିଲାର ସୁନ୍ଦରଗଡ, ରାଜଗାଙ୍ଗପୁର, ବୀରମିତ୍ରପୁର ଓ ରାଉରକେଲା ମହାନଗର ନିଗମର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ପୌରପାଳିକାର ନିଜସ୍ୱ ଆୟ ପାଣ୍ଠି ପାଇଁ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ପରେ କମିଶନ ସଦର ବ୍ଲକର କିରେଇ, କିଂଜିର୍ମା ଓ ଦେଉଳି ପ୍ରଭୃତି ବିଭିନ୍ନ ଅଞ୍ଚଳର ସମୀକ୍ଷା କରିଥିଲେ।

## କର୍ମ ନିୟୋଜନ ସଂସ୍ଥା ପକ୍ଷରୁ କୌଶଳ ବିକାଶ

ରାଉରକେଲା ଅଫିସ, ୨୧।୬

ଷ୍ଟିଲସିଟି ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଶିକ୍ଷିତ ବେକାରଙ୍କ ନିମନ୍ତେ ରାଉରକେଲା କର୍ମ ନିୟୋଜନ ସଂସ୍ଥା ପକ୍ଷରୁ ନିଯୁକ୍ତି ଭିତ୍ତିକ କୌଶଳ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୯ଟାରୁ ଆରମ୍ଭ କରାଯାଇଥିବା ଏହି ଶିବିରରେ ବହୁ ସଂଖ୍ୟାରେ ଚାକିରି ଆଶାୟୀ ଯୋଗ ଦେଇଥିଲେ। ଏଥିରେ ଉପସ୍ଥିତ ନିଯୁକ୍ତିଦାତା କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଚାକିରି ଆଶାୟୀଙ୍କ ସାକ୍ଷାତକାର ନେଇଥିଲେ। ଚିହ୍ନଟ ଯୁବତୀ ଯୁବକଙ୍କୁ ପରବର୍ତ୍ତୀ ସମୟରେ ସମ୍ପୃକ୍ତ କମ୍ପାନୀ ଯୋଗ୍ୟ ବିବେଚିତ ମନେକଲେ ନିଯୁକ୍ତି ଓ ତାଲିମ ବ୍ୟବସ୍ଥା କରିବେ ବୋଲି ଏଥିରେ କୁହାଯାଇଥିଲା। ଦିନକୁ ଦିନ ନିଯୁକ୍ତି କ୍ଷେତ୍ରରେ ସଂକୁଚିତ ଅବସ୍ଥା ସୃଷ୍ଟି ହେବାରେ ଲାଗିଥିବା ବେଳେ ଏଭଳି ସୁଯୋଗକୁ ହାତ ଛଡା କରିବାକୁ ଚାହିଁନଥିଲେ ଚାକିରି ଆଶାୟୀ ବେକାର। କୌଶଳ ବିକାଶ ଯୋଜନା ମାଧମରେ ଜିଲାର କିଛି ଯୁବକ ନିଯୁକ୍ତି ପାଇବେ ବୋଲି ଆଶା ପୋଷଣ କରିଛନ୍ତି।

## ଆର୍‌ଏସ୍‌ପି ଆନୁକୂଲ୍ୟରେ ଯୋଗ ଦିବସ

ରାଉରକେଲା ଅଫିସ, ୨୧।୬

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୧୭ ଶହରୁ ଉର୍ଦ୍ଧ ଆଗ୍ରହୀ ଯୋଗ ଦେଇଥିଲେ। ଏନେଇ ସେକ୍ଟର-୬ ଓ ସେକ୍ଟର- ୨୨ ମିନି ଷ୍ଟାଡିୟମ ଠାରେ ଯୋଗ ଅଧିବେଶନ ନେଇ ବ୍ୟବସ୍ଥା କରାଯାଇଥିଲା। ସେକ୍ଟର ୬ ଠାରେ ଆରଏସପି କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ ମହାପାତ୍ର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏଥିରେ ଅର୍ଥ ବିଭାଗ ମହାପ୍ରବନ୍ଧକ ପି ନିଗମ, ସି ଏଣ୍ଡ ଆଇଟି ବିଭାଗ ମହାପ୍ରବନ୍ଧକ ରାମନାରାୟଣ ନାୟକ, ସହର ପ୍ରଶାସନ ଓ ସିଏସଆର ବିଭାଗ ମହାପ୍ରବନ୍ଧକ ଅଜୟ ନାୟକଙ୍କ ସମେତ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଆରଏସପି କମ୍ୟୁନିଟି ସେଂଟରମାନଙ୍କରେ ସ୍ୱତନ୍ତ୍ର ଭାବେ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇ ଥିଲା। ଏଥିରେ ୧୫ ଶହରୁ ଉର୍ଦ୍ଧ୍ୱ ଆଗ୍ରହୀ ଯୋଗ ଦେଇଥିଲେ। ଅଙ୍କୁର ମାର୍ଥାଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ଯୋଗ ଶିବିର ପରିଚାଳନା କରାଯାଇ ଥିଲା।




ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଯୋଗ ଦିବସ ଶୁଭାରମ୍ଭ କରାଯାଉଛି।

## କୁଆଁରମୁଣ୍ଡା, ବୀରମିତ୍ରପୁରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

କୁଆଁରମୁଣ୍ଡା,୨୧।୬(ଡି.ଏନ.ଏ.)

କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସାମୂହିକ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଆଁରମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ଯୋଗ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଗାୟତ୍ରୀ ପରିବାର, ଜୟଗୁରୁ ସଂଗଠନ ଇତ୍ୟାଦିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସେହିପରି ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମହିଳା/ପୁରୁଷ ମଧ୍ୟ ଅଂଶଗ୍ରହଣ କରି ଯୋଗ କରିଥିଲେ। ଏହି ଯୋଗ କାର୍ଯ୍ୟକ୍ରମକୁ ରାଉରକେଲା ଯୋଗ ସମିତିର ଆଚାର୍ଯ୍ୟ ଜଗବନ୍ଧୁ ବେହେରାଙ୍କ ସମେତ ଯୋଗ ନିଦ୍ରା ପ୍ରଶିକ୍ଷକ ସଞ୍ଜୟ ପଣ୍ଡା, କୁଆଁରମୁଣ୍ଡା ଯୋଗ ସମିତିର ପ୍ରଶିକ୍ଷକ ସଚ୍ଚିନ ଅଗ୍ରୱାଲ, ସନ୍ତୋଷ ଠାକୁର, ରୁଦ୍ର ତିୱାରୀ ପ୍ରମୁଖ ଉପସ୍ଥିତ ରହି ଯୋଗାସନର ମାର୍ଗ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ଯୋଗ ମହୋତ୍ସବ ସମିତିର ଆବାହକ ଶୈଳେଶ ତିୱାରୀ (ରାଜୁ ଭାଇ)ଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ବାଲକ୍ରିଷ୍ଣ ଅଗ୍ରୱାଲ, ଶ୍ୟାମସୁନ୍ଦର ହାଲଦାର, ଘନଶ୍ୟାମ ଦେବତା, ଦିଲ୍ଲୀପ ପଟେଲ, ମହେନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ସାହୁ, ଗୌରାଙ୍ଗ ସାହୁ, କୁଆଁରମୁଣ୍ଡା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ସୁଆର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ ।ଏହି ଯୋଗ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଦବ୍ୟାସ ଗୁରୁକୂଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ଉମାକାନ୍ତ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ରୁ ଉର୍ଦ୍ଧ୍ୱ ମହିଳା/ପୁରୁଷ ଅଂଶଗ୍ରହଣ କରିଥିଲେ। ସେହିପରି ବୀରମିତ୍ରପୁରସ୍ଥିତ ବିଆରଆଇ କ୍ଲବ ପରିସରରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶିକ୍ଷିକାଭାବେ ବିନ୍ଦୁ ରାଏ ଉପସ୍ଥିତ ରହି ଯୋଗ ପ୍ରଦର୍ଶନ କରିଥିଲେ। ବୀରମିତ୍ରପୁର ଯୋଗ ମହୋତ୍ସବ ସମିତିର ସଦସ୍ୟ ଶ୍ରୀଚରଣ ଗୋପ, ଯୋଗେନ୍ଦ୍ର ମହାପାତ୍ରଙ୍କ ସହ ଭାଜପା ଟାଉନ ସଭାପତି ବଲ୍ଲୁ ତିୱାରୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ଟ୍ରେନ୍‌ରେ କଟି ଗୋଡ଼ ହରାଇଲେ ବୃଦ୍ଧ

ରାଉରକେଲା ଅଫିସ,୨୧।୬

ଟ୍ରେନରେ କଟି ବନ୍ଧମୁଣ୍ଡା ରେଳ ଷ୍ଟେଶନ ଅନ୍ତର୍ଗତ ଡୁମେର୍ତା ଅଞ୍ଚଳରେ ଜଣେ ବ୍ୟକ୍ତି ଶୁକ୍ରବାର ଦୁଇ ଗୋଡ ହରାଇଛନ୍ତି। ତାଙ୍କ ନାଁ ଦୁର୍ଗା ମହାତୋ(୬୨) ବୋଲି ଜଣା ଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଅପରାହ୍ନରେ ମହାତୋ ଟାଟା ପାସେଞ୍ଜର ଟ୍ରେନ ଚଢିବାକୁ ଉଦ୍ୟମ କରୁଥିବା ବେଳେ ତଳକୁ ଖସିପଡି ଗୁରୁତର ହୋଇଥିଲେ।

## ଯୁବକଙ୍କୁ ହତ୍ୟା: ପୋଲିସର ତଦନ୍ତ

କଣ୍ଟାବାଞ୍ଜି/ଲାଠୋର,୨୧।୬(ଡି.ଏନ୍.ଏ.):

ମହୁଲପାଟି- ତୁରେକେଲା ରେଲୱେ ଷ୍ଟେଶନ୍ ରାସ୍ତାରେ ଶୁକ୍ରବାର ଦିନଦ୍ୱିପହରେ ଦିଲୀପ ସାହୁ ନାକମ ଜଣେ ବ୍ୟକ୍ତିଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିବା ଜଣାପଡିଛି। ମହୁଲପାଟି ଗ୍ରାମର ଦିଲୀପ ସାହୁଙ୍କୁ ରାଜନୈତିକ କାରଣରୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଥିବା ବେଳେ ପୋଲିସ ଏନେଇ କିଛି ସୂଚନା ଦେଇନାହିଁ। ଅନ୍ୟପକ୍ଷେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଭାରତୀୟ ଶିଶୁ ଗ୍ରାମରେ ଯୋଗ

ରାଉରକେଲା ଅଫିସ, ୨୧।୬

ଭାରତୀୟ ଶିଶୁ ଗ୍ରାମ(ଏସଓଏସ) ଭିଲେଜ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବର୍ଣ୍ଣାଢ୍ୟ ଯୋଗ ଶିବିର ଆୟୋଜନ କରାଯାଇ ଥିଲା। କୋୟଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲ ପଞ୍ଚାୟତର ଶିଶୁ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏଥିରେ ବିଜୟଲକ୍ଷ୍ମୀ ତ୍ରିପାଠୀ, ତନୁଶ୍ରୀ ବେହେରା, ଏସକେ ଓଝା, ସୁଦର୍ଶନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଯୋଗ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରାଇ ଥିଲେ।



ଭାରତୀୟ ଶିଶୁ ଗ୍ରାମ ପକ୍ଷରୁ ଯୋଗ କାର୍ଯ୍ୟକ୍ରମ।

### ଯୋଗମୟ ଷ୍ଟିଲ ସିଟି

# ପ୍ରଚେଷ୍ଟା ଜାରି ରହିଲେ ନୀରୋଗ ଭାରତ ସ୍ୱପ୍ନ ସାକାର ହେବ

ରାଉରକେଲା ଅଫିସ,୨୧।୬

ଗାୟତ୍ରୀ ପରିବାର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଶିବିର ଅବସରରେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଯୋଗ ଶିବିର ଆୟୋଜନ କରାଯାଇ ଥିଲା। ଏହି ଅବସରରେ ସେକ୍ଟର ୨ ଗାୟତ୍ରୀ ଶକ୍ତି ପୀଠରେ ଆୟୋଜିତ ଯୋଗ ଶିବିରରେ ୪୦ ଜଣ ଆଗ୍ରହୀ ଭାଗ ନେଇଥିଲେ। ଯୋଗ ଶିକ୍ଷକ ଶିବ ସାହୁ ଏନେଇ ଶିକ୍ଷା ପ୍ରଦାନ କରିଥିଲେ। ଟିମ୍ବର କଲୋନୀ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମକୁ ଜଗନ୍ନାଥ ମନ୍ଦିର ମୁଖ୍ୟ ପୁରୋହିତ ଅଶୋକ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏଥିରେ ୩୫ ଜଣ ଯୋଗ ଶିକ୍ଷା ଲାଭ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଶିକ୍ଷକ ବିଜୟ କର ଓ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମିନତୀ ଧଳ, ଗୋପିନାଥ ବେହେରା ଓ ତୁଳସୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗୋପବନ୍ଧୁ ପାଲ୍ଲୀ ଠାରେ ଥିବା ଆନନ୍ଦ ଧାମରେ ସ୍ଥନୀୟ ବାସିନ୍ଦାଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ଶତାଧିକ ମହିଳା, ବାଳକ ଓ ବାଳିକା ଉପସ୍ଥିତ ଥିଲେ। ଏହାକୁ ମଂଜୁ ବେହେରା, ମାଣିକ ମଲ୍ଲିକ, ନମିତା ନାୟକ ଓ ବବିତା ଦେବୀ ପ୍ରମୁଖ ପରିଚାଳନା କରିଥିଲେ।

### ବିବେକାନନ୍ଦ ଶିକ୍ଷା ସଦନ

ବିବେକାନନ୍ଦ ଶିକ୍ଷା ସଦନ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ୮୦ ଜଣ ଅଗ୍ରହୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା।

### ସେକ୍ଟର- ୨୨- ଫର୍ଟିଲାଇଜର ଟାଉନଶିପ

ସେକ୍ଟର- ୨୨ ଠାରେ ଯୋଗ ଶିକ୍ଷଣ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଥିଲା। ଆରଏସପି ଆନୁକୂଲ୍ୟରେ ସକାଳ ସ୍ଥାନୀୟ ସମାଜମଙ୍ଗଳ କେନ୍ଦ୍ର ପକ୍ଷରୁ ସକାଳ ୬ଟାରୁ ନେଇ ୭ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ରୂପେ ପି. ମୁରଲୀ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ କରାଯାଇ ଏହାକୁ ଉଦଘାଟନ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୨ଶହ ଆଗ୍ରହୀ ଭାଗ ନେଇଥିଲେ। ଏହି ଅବସରରେ ମୁରଲୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ନିରୋଗ ରହିବାକୁ ହେଲେ ଆମକୁ ଶାରିରୀକ ବ୍ୟାୟାମ କରିବାକୁ ହେବ। ଦିନକୁ ଦିନ ଏନେଇ ଯୁବ ପିଢିଙ୍କ ମଧ୍ୟରେ ସ୍ପୃହା କମିବା ଚିନ୍ତା ଜନକ ବିଷୟ ହେଲାଣି। ଏନେଇ ଆମକୁ ସଚେତନ ହେବାକୁ ପଡିବ ବୋଲି ମୁରଲୀ ମତ ପ୍ରକାଶ କରିଥିଲେ।

### ଏନଆଇଟିରେ ଯୋଗ ଜାଗରଣ ଶିବିର

ଜାତୀୟ ପ୍ରଯୁକ୍ତି ସଂସ୍ଥାନ(ଏନଆଇଟି) ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆୟୋଜିନ ଜନ ଯୋଗ ଜାଗରଣ ସମାରୋହ ବେଶ ଉତ୍ସବ ଉଦ୍ଦୀପନା ସହ ଶେଷ ହୋଇଛି। ଏହି ଅବସରରେ ସଂସ୍ଥାନର ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ପ୍ରଫେସର ଅନୁପମ ପଣ୍ଡା ଯୋଗ ଦେଇ ଯୋଗ ଅମ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଗ ବୋଲି ଅବିହିତ କରିଥିଲେ। ଯୁଗ ବ୍ୟାପି ଏହାର ଉପକାରିତା କାହାକୁ ଅଛପା ନୁହେଁ। ତେବେ ସେମୟ କ୍ରମେ ଏଥିରୁ ଦୂରେଇ ରହିଥିବା ବେଳେ ଆଜିକାଲି ଯୋଗ ଅମ ନିକଟକୁ ପୁଣି ଫେରି ଆସିଛି। ଅନେକେ ଗମ୍ଭିର ରୋଗକୁ ଯୋଗ ଉପଶମ କରିପାରୁଥିବା ବେଳେ ଆମକୁ ଏହାର ବ୍ୟବହାରିକ ଜ୍ଞାନ ଆହରଣ କରିବା ଉଚିତ ବୋଲ ସେ କହିଥିଲେ। କୁଳ ସଚିବ ଦାଇତ୍ୱରେ ଥିବା ପ୍ରଫେସର ସରୋଜ ପଟେଲ କହିଥିଲେ ପ୍ରତ୍ୟକ ବ୍ୟକ୍ତି ଦୈନ ଦିନ ଯୋଗାଭ୍ୟାସକୁ ଆପଣାଇଲେ ନିରୋଗ ରହିବା ସୁନିଶ୍ଚିତ। ଏ ଦିଗରେ ମିଳିତ ପ୍ରୟାସ ରହିଲେ ଆମେ ଏକ ନିରୋଗ ଭାରତର ସ୍ୱପ୍ନକୁ ସାକାର କରିପାରିବା ବୋଲି ପଟେଲ ଏଥିରେ ମତ ପ୍ରକାଶ କରିଥିଲେ।

### ବିପିୟୁଟିରେ ଯୋଗ

ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ ଟେକନୋଲୋଜି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ସମାରୋହରେ ପାଳନ କରାଯାଇଛି। ଏଥିରେ ବହୁ ଅଗ୍ରହୀ ଉତ୍ସାହର ସହ ଯୋଗ ଦେଇ ଯୋଗ ପ୍ରଶିକ୍ଷଣ ନେଇଥିଲେ। ଯୋଗ ଆମ ଶରୀର ଓ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥିବା ବେଳେ ଏ ଦିଗରେ ଛାତ୍ରୀଛାତ୍ର ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି ଏଥିରେ କୁହାଯାଇ ଥିଲା। କାର୍ଯ୍ୟକ୍ରମରେ ଡଃ ମନୋଜ ସାହୁ, ଚନ୍ଦନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।




ବିପିୟୁଟି ପକ୍ଷରୁ ଯୋଗ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।